# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, January 21/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 59 | ମୂଲ୍ୟ ₹୭/-



GOVERNMENT OF INDIA

୧୨୫ ଦିନ

ରୋଜଗାରର ଗ୍ୟାରେଣ୍ଟି



ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି

(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫

ବିକଶିତ ଗ୍ରାମପଞ୍ଚାୟତ ଯୋଜନାରୁ ଗଢ଼ିଉଠିବ

ରୋଜଗାରଯୁକ୍ତ ଓ ଦାରିଦ୍ର୍ୟମୁକ୍ତ ଗ୍ରାମ



ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଅଭିମୁଖେ

CBC 35101/13/0081/2526




ନେତାଜୀ ଜୟନ୍ତୀ ପୂର୍ବରୁ ମଙ୍ଗଳବାର କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି। **(ଫଟୋ: ରାଜକିଶୋର ମହାନ୍ତି)**

### କେନ୍ଦ୍ରୀୟ ଅଫିସରଙ୍କ ବିରୋଧରେ

# ତଦନ୍ତ କରିବ ରାଜ୍ୟ ପୋଲିସ

## ସିବିଆଇଠାରୁ ଅନୁମତି ନେବା ଆବଶ୍ୟକ ନାହିଁ: ସୁପ୍ରିମକୋର୍ଟ

କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କୌଣସି କର୍ମଚାରୀ ଦୁର୍ନୀତି କଲେ କିମ୍ବା ଲାଞ୍ଚ ନେଲେ ରାଜ୍ୟ ପୋଲିସ ଦୁର୍ନୀତି ନିବାରଣ ଆଇନ ବଳରେ ମାମଲା ରୁଜୁ କରିପାରିବ। ରାଜ୍ୟ ପୋଲିସ ଅଫିସରମାନେ କେନ୍ଦ୍ରୀୟ ଅଫିସର ଓ କର୍ମଚାରୀଙ୍କ ବିରୋଧରେ ତଦନ୍ତ ସହ ଚାର୍ଜଶିଟ୍ ଦାଖଲ କରିପାରିବେ। ଏଥିପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ଠାରୁ କୌଣସି ପୂର୍ବ ଅନୁମତି ନେବା ଆବଶ୍ୟକ ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣୁଥିବାବେଳେ ରାଜ୍ୟ ଏଜେନ୍ସିକୁ ସୁପ୍ରିମକୋର୍ଟ ଏପରି କ୍ଷମତା ପ୍ରଦାନ କରିଛନ୍ତି। ଏହା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ତେଲଙ୍ଗାନା ଭଳି ଅଣଭାଜପା ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ଉପରେ ରାଗ ଶୁଝାଇବା ପାଇଁ ସୁଯୋଗ ଦେଇପାରେ ବୋଲି କୁହାଯାଉଛି।

ନୂଆଦିଲ୍ଲୀ, ୨୦।୧ (ପି.ଟି.)

ଲାଞ୍ଚ ଗ୍ରହଣ ଏବଂ ଦୁର୍ନୀତି ମାମଲାରେ ସମ୍ପୃକ୍ତ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ରାଜ୍ୟ ପୋଲିସ କର୍ତ୍ତୃପକ୍ଷ ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। କେନ୍ଦ୍ରୀୟ କର୍ମଚାରୀଙ୍କ ବିରୋଧରେ ମାମଲା ଦାଏର କରିବା ଲାଗି ରାଜ୍ୟ ପୋଲିସକୁ ସିବିଆଇଠାରୁ ପ୍ରାକ୍‌ଅନୁମତି ଆଣିବା ଆବଶ୍ୟକ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ, ଅପରାଧର ତଦନ୍ତ ରାଜ୍ୟ ତଦନ୍ତକାରୀ ସଂସ୍ଥା କିମ୍ବା କୌଣସି କେନ୍ଦ୍ରୀୟ ଏଜେନ୍ସି ବା କୌଣସି ପୋଲିସ ସଂସ୍ଥା କରିପାରିବେ ବୋଲି ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ସୋମବାର କହିଛନ୍ତି। ଏଭଳି ତଦନ୍ତ କରିବା ଯୋଗ୍ୟତା କେଉଁ ନିର୍ଦ୍ଦିଷ୍ଟ ପାହ୍ୟାର ପୋଲିସ ଅଧିକାରୀଙ୍କ ରହିଛି, ତାହା ଆଇନର ଧାରା ୧୭ରେ ଉଲ୍ଲେଖ କରାଯାଇଛି। କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ବିରୋଧରେ ଲାଞ୍ଚ, ଦୁର୍ନୀତି ଓ ଅସଦାଚରଣ ଭଳି ଅପରାଧରେ ମାମଲା ରୁଜୁ କରିବା କିମ୍ବା ତଦନ୍ତ କରିବାରୁ ଧାରା ୧୭ ରାଜ୍ୟ ପୋଲିସ ଅଥବା ରାଜ୍ୟର କୌଣସି ସ୍ୱତନ୍ତ୍ର ସଂସ୍ଥାକୁ ବାଦ୍ ଦେଇନାହିଁ କିମ୍ବା ପ୍ରତିବନ୍ଧକ ରଖିନାହିଁ। ତେବେ ସୁବିଧା ଏବଂ କାର୍ଯ୍ୟରେ ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଭାବେ ☞ ପୃଷ୍ଠା–୨

### ଆଜିର ସମ୍ପାଦକୀୟ

ନଏଡା ଦୁର୍ଘଟଣା


DSPL-485



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ

ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬

୨୧-୨୩ ଜାନୁଆରୀ ୨୦୨୬

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

ଶ୍ରୀ ସୁରେଶ ପୂଜାରୀ
ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା

- ନୂତନ ଜ୍ଞାନକୌଶଳ ପ୍ରଦର୍ଶନ
- ଆଲୋଚନାଚକ୍ର ଓ ଅନୁଭୂତି ବର୍ଣ୍ଣନ
- ଜୀବନ୍ତ ମତ୍ସ୍ୟ-ପ୍ରାଣୀ ପ୍ରଦର୍ଶନୀ
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏକ୍ସପେରିଏନ୍ସ ଜୋନ୍

Follow us
@farddepartment

୨୧ ଜାନୁଆରୀ ୨୦୨୬ | ଜନତା ମଇଦାନ, ଭୁବନେଶ୍ୱର

Follow us farddepartment farddepartment farddepartment @farddepartment

OIPR-

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

## ଦିଲ୍ଲୀରେ ଆଜି



ଆସନ୍ତା ୨୬ ତାରିଖରେ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ମଙ୍ଗଳବାର ସେନା ଯବାନମାନେ ରିହର୍ସାଲ କରୁଛନ୍ତି। (ଫଟୋ– ଚମନ ଗୌତମ)


# ତାମିଲନାଡୁ ବିଧାନସଭାରୁ ରାଜ୍ୟପାଳଙ୍କ କକ୍ଷତ୍ୟାଗ

**ଚେନ୍ନାଇ,୨୦।୧**

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ମଙ୍ଗଳବାର ରାଜ୍ୟ ବିଧାନସଭାରେ ଉଦ୍‌ବୋଧନ ନ ଦେଇ ଚାଲିଯାଇଛନ୍ତି। ବିନା ଭାଷଣରେ କକ୍ଷତ୍ୟାଗ କରିବା ରାଜ୍ୟପାଳ ରବିଙ୍କ ପାଇଁ ଏହା ଚତୁର୍ଥ ଘଟଣା। ରାଜ୍ୟ ପ୍ରସ୍ତୁତ ଭାଷଣରେ ଧ୍ୟାନ ରଖିବା ପାଇଁ ବାଚସ୍ପତି ଏମ୍. ଅପ୍ପାଭୁ ରାଜ୍ୟପାଳଙ୍କୁ ନିବେଦନ କରିବା ପରେ ଏହାକୁ ନେଇ ଯୁକ୍ତି ହୋଇଥିଲା। ରାଜ୍ୟପାଳଙ୍କ କାର୍ଯ୍ୟ ଗୃହ ଏବଂ ରାଜ୍ୟବାସୀଙ୍କ ପାଇଁ ଅପମାନ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ସରକାରଙ୍କ ନୀତି ସମ୍ପର୍କିତ ବକ୍ତବ୍ୟ ଭିତ୍ତିହୀନ ଦାବି ଓ ବିଭ୍ରାନ୍ତିକର ଦର୍ଶାଇ ନ ପଢ଼ିବା ପାଇଁ ରାଜ୍ୟପାଳ ଯୁକ୍ତି କରିଥାନ୍ତି। ଅନ୍ୟପକ୍ଷରେ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା ମୌଳିକ ସାମ୍ବିଧାନିକ କର୍ତ୍ତବ୍ୟ ହୋଇଥିବାବେଳେ ତାହାର ଉଲ୍ଲଂଘନ ହୋଇଥିବା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗ ହୋଇଛି।

ଏହି ଘଟଣା ପରେ ରାଜ୍ୟ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ

### ସମ୍ବିଧାନ ସଂଶୋଧନ ପାଇଁ ଷ୍ଟାଲିନ୍‌ଙ୍କ ଉଦ୍ୟମ



ଆର୍.ଏନ୍. ରବି

ଅନିବାର୍ଯ୍ୟ ବୋଲି ରହିଥିବା ବ୍ୟବସ୍ଥାର ଉଚ୍ଛେଦ ପାଇଁ ସମ୍ବିଧାନ ସଂଶୋଧନ ପାଇଁ ତାଙ୍କ ଦଳ ଉଦ୍ୟମ କରିବ ବୋଲି ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ କହିଛନ୍ତି। ରବି କକ୍ଷତ୍ୟାଗ କରିବା ପରେ ବାଚସ୍ପତି ଅପ୍ପାଭୁ ରାଜ୍ୟ ପ୍ରସ୍ତୁତ ରାଜ୍ୟପାଳଙ୍କ ଅଭିଭାଷଣର ତାମିଲ ସଂସ୍କରଣ ପାଠ କରିଥିଲେ। ଏହିସମୟରେ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ରାଜ୍ୟରେ ଆଇନଶୃଙ୍ଖଳା ବିଫଳ ହୋଇଥିବା ଅଭିଯୋଗ କରି କକ୍ଷତ୍ୟାଗ କରିଥିଲେ।

## ଆପରାଧିକ ଅବହେଳା ପାଇଁ ବିଲ୍ଡର ଗିରଫ

### ନଏଡା ଇଞ୍ଜିନିୟର ମୃତ୍ୟୁ ଘଟଣା

**ନଏଡ଼ା,୨୦।୧(ପି.ଟି.)**

ନଏଡ଼ାର ସେକ୍ଟର–୧୫୦ସ୍ଥିତ ଏକ ନିର୍ମାଣ ସ୍ଥଳରେ ପାଣିଭର୍ତ୍ତି ଖାତ ମଧ୍ୟକୁ କାର୍ ଖସି ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରେ ପୋଲିସ ମଙ୍ଗଳବାର ଜଣେ ରିଅଲ ଇଷ୍ଟେଟ୍ ଡେଭେଲପରଙ୍କୁ ଗିରଫ କରିଛି। ଉକ୍ତ ବିଲ୍ଡରଙ୍କ ଅବହେଳା ପାଇଁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଥିଲା। ଏମ୍‌ଜେଡ୍ ୱିଜ୍‌ଟାଉନ୍ ପ୍ଲାନର୍ସର ଅଫିସର ଅଭୟ କୁମାରଙ୍କୁ ଉକ୍ତ ମାମଲାରେ ଅନ୍ୟତମ ଅଭିଯୁକ୍ତ କରାଯାଇ ଗିରଫ କରାଯାଇଥିବା ଗ୍ରେଟର ନଏଡ଼ା ଅତିରିକ୍ତ ପୋଲିସ କମିଶନର ହେମନ୍ତ ଉପାଧ୍ୟାୟ କହିଛନ୍ତି।

ଇଞ୍ଜିନିୟର ଯୁବରାଜ ମେହେଟ୍ଟା ଶୁକ୍ରବାର ବିଳମ୍ବିତ ରାତିରେ କାମ ସାରି ଘରକୁ ଫେରୁଥିବାବେଳେ ଘନ କୁହୁଡ଼ି ଯୋଗୁ ତାଙ୍କ କାର୍ ଏକ ଡ୍ରେନ୍ ପାଚେରି ଭାଙ୍ଗି ଜଳଭର୍ତ୍ତି ଗଭୀର ଖାତ ମଧ୍ୟକୁ ଖସିପଡ଼ିଥିଲା। ଡ୍ରେନ୍ ନିକଟରେ ଏକ ନିର୍ମାଣାଧୀନ ବ୍ୟବସାୟିକ କମ୍ପ୍ଲେକ୍ସର ବେସ୍‌ମେଣ୍ଟ ପାଇଁ ଗର୍ତ୍ତ ଖୋଳାଯାଇଥିଲା। ସ୍ଥାନୀୟ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥାର ଅବହେଳା ପାଇଁ ଯୁବରାଜଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ବାପା ରାଜକୁମାରଙ୍କ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୨ ରିଅଲ ଇଷ୍ଟେଟ୍ ଡେଭେଲପର ଏମ୍‌ଜେଡ୍ ୱିଜ୍‌ଟାଉନ୍ ପ୍ଲାନର୍ସ ଏବଂ ଲୋଟସ୍ ଗ୍ରୀନ୍ସ ବିରୋଧରେ ଏତଲା ଦାଏର କରିଥିଲା। ୱିଜ୍‌ଟାଉନ୍ ପ୍ଲାନର୍ସର ଅଧିକାରୀଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଅଭିଯୁକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପୋଲିସ କିଛି କହିନାହିଁ। ସୂଚନାଯୋଗ୍ୟ, ପ୍ରଶାସନିକ ଅବହେଳା ପାଇଁ ନଏଡ଼ା ଅଥରିଟିର ସିଇଓ ଏମ୍. ଲୋକେଶଙ୍କୁ ସୋମବାର ତାଙ୍କ ପଦବୀରୁ ବହିଷ୍କାର କରାଯାଇଥିଲା।

## ଗଣବଳାତ୍କାର ପୀଡ଼ିତାଙ୍କ ମୃତ୍ୟୁ

### ନ୍ୟାୟ ଦାବିରେ କୁକି ମହିଳାଙ୍କ ବିକ୍ଷୋଭ

**ନୂଆଦିଲ୍ଲୀ,୨୦।୧**

ମଣିପୁରରେ ୨୦୨୩ ଜାତିଆଣ ହିଂସା ସମୟରେ ଗଣବଳାତ୍କାରର ଶିକାର ହୋଇଥିବା ଜଣେ ମହିଳା ଗଭୀର ମାନସିକ ଆଘାତ ଯୋଗୁ ୨ ବର୍ଷ ଅସୁସ୍ଥ ରହିବା ପରେ ପ୍ରାଣ ହରାଇଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ରାଜ୍ୟର ଅନେକ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚୁରାଚାନ୍ଦପୁର ଏବଂ ଦିଲ୍ଲୀରେ ଥିବା କୁକି ସଂଗଠନ କହିଛି, ମହିଳାଙ୍କୁ ଇମ୍ଫାଲରୁ ଅପହରଣ କରିନିଆଯାଇ ଗଣବଳାତ୍କାର କରାଯାଇଥିଲା। ସେ ଅପରାଧୀଙ୍କ କବଳରୁ ଖସିଆସିଥିଲେ ମଧ୍ୟ ମାନସିକ ଆଘାତରୁ ସମ୍ପୂର୍ଣ୍ଣ ଭଲ ହୋଇପାରି ନ ଥିଲେ। ଗୁଆହାଟୀଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ମେଇତିମାନଙ୍କ ସହ ରହିବା ସମ୍ଭବପର ହେଉ ନ ଥିବାରୁ କୁକିମାନଙ୍କ ପାଇଁ ସେମାନେ ସ୍ୱତନ୍ତ୍ର ପ୍ରଶାସନ ଦାବି କରିଛନ୍ତି।

# ଫ୍ରାନ୍ସ ଉପରେ ୨୦୦% ଟାରିଫ୍ ଲଗାଇବାକୁ ଟ୍ରମ୍ପ୍‌ଙ୍କ ଧମକ



ଡୋନାଲ୍ଡ ଟ୍ରମ୍ପ୍



ଏମାନୁଏଲ୍ ମାକରଁ

**ୱାଶିଂଟନ,୨୦।୧**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗାଜା ପୁନଃ ନିର୍ମାଣ ପାଇଁ ଏକ ଶାନ୍ତି ବୋର୍ଡ ଗଠନ କରିବାକୁ ଯାଉଥିବାବେଳେ ଏଥିରେ ଯୋଗଦେବା ପାଇଁ ବିଭିନ୍ନ ଦେଶକୁ ଆମନ୍ତ୍ରଣ କରିଛନ୍ତି। ତେବେ ତାଙ୍କ ଆମନ୍ତ୍ରଣ ଗ୍ରହଣ କରିବାକୁ ଫ୍ରାନ୍ସ ଇଚ୍ଛୁକ ନ ଥିବାରୁ ଏହାର ମଦ ଏବଂ ସାମ୍ପେନ୍ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଟ୍ରମ୍ପ୍ ଧମକ ଦେଇଛନ୍ତି। ଏଥିସହିତ ଟ୍ରମ୍ପ୍ ତାଙ୍କ ଟ୍ରୁଥ୍ ସୋସିଆଲରେ ଗ୍ରୀନ୍‌ଲାଣ୍ଡ ସମ୍ପର୍କିତ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତାକୁ ପୋଷ୍ଟ କରିଛନ୍ତି। ଡେନ୍‌ମାର୍କର ଅଂଶବିଶେଷ ଆର୍କ୍ଟିକ୍ ଅଞ୍ଚଳ ଉପରେ ଟ୍ରମ୍ପ୍ କାହିଁକି ଏତେ ଆସକ୍ତ, ତାହାର ଯଥାର୍ଥତା ସମ୍ପର୍କରେ ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଥିବାବେଳେ ପ୍ୟାରିସ୍ ଏହାର ତାଚ୍ଛଲ୍ୟ କରିଥିଲା। ସେଥିପାଇଁ ଟ୍ରମ୍ପ୍ ଫ୍ରାନ୍ସ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲଗାଇବାର ଧମକ ଦେଇଛନ୍ତି। ପରେ ଟ୍ରମ୍ପ୍ ମାକରଁଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତା ପୋଷ୍ଟ କରିଛନ୍ତି, ଯେଉଁଠି ଫ୍ରାନ୍ସ ରାଷ୍ଟ୍ରପତି ତାଙ୍କୁ କହୁଛନ୍ତି, ଇରାନ ଓ ସିରିଆ ପ୍ରସଙ୍ଗରେ ଉଭୟ ରାଜି। ତେବେ ଗ୍ରୀନ୍‌ଲାଣ୍ଡ ଉପରେ ଟ୍ରମ୍ପ୍ କ'ଣ କରୁଛନ୍ତି, ସେ ତାହା ବୁଝିପାରୁ ନ ଥିବା କହିଥିଲେ।

## ଗ୍ରୀନ୍‌ଲାଣ୍ଡ, କାନାଡା, ଭେନେଜୁଏଲା ଆମେରିକୀୟ ଅଞ୍ଚଳ

**ୱାଶିଂଟନ,୨୦।୧**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ନିଜ ଦେଶ ମାନଚିତ୍ରର ଏକ ପରିବର୍ତ୍ତିତ ଫଟୋ ଟ୍ରୁଥ୍ ସୋସିଆଲରେ ଶେୟାର କରିଛନ୍ତି, ଯେଉଁଥିରେ ଗ୍ରୀନ୍‌ଲାଣ୍ଡ, କାନାଡା ଏବଂ ଭେନେଜୁଏଲାକୁ ଆମେରିକୀୟ ଅଞ୍ଚଳ ଭାବେ ଦର୍ଶାଯାଇଛି। ଟ୍ରମ୍ପ୍ ନିଜସ୍ୱ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ୟୁରୋପୀୟ ନେତାମାନଙ୍କୁ ଉକ୍ତ ମ୍ୟାପ୍ ଦେଖାଉଥିବା ଫଟୋରୁ ଦେଖିବାକୁ ମିଳିଛି। ୨୦୨୫ ଅଗଷ୍ଟରେ ଟ୍ରମ୍ପ୍ ୟୁକ୍ରେନ୍ ଯୁଦ୍ଧ ସ୍ଥିତିକୁ ନେଇ ୟୁରୋପୀୟ ନେତାମାନଙ୍କ ସହ ଆଲୋଚନା କରିବା ସମୟର

### ମାନଚିତ୍ରର ପରିବର୍ତ୍ତିତ ଫଟୋ ଶେୟାର କଲେ ଟ୍ରମ୍ପ୍

ଫଟୋଗ୍ରାଫ୍‌ର ଏହା ବିକଳ୍ପ ଭର୍ସନ ଭଳି ଲାଗୁଛି। ଅଗଷ୍ଟରେ ଟ୍ରମ୍ପ୍ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା ପାଇଁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେଇର ଷ୍ଟାର୍ମର, ଜର୍ମାନ ଚାନ୍‌ସେଲର ଫ୍ରେଡରିକ୍ ମର୍ଜ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ନାଟୋ ମହାସଚିବ ମାର୍କ ରୁଟ୍ଟେ, ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଷ୍ଟବ୍ ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ୍‌ଙ୍କ ସହ ବୈଠକ କରିଥିଲେ। ଉକ୍ତ ମିଟିଂ ପ୍ରକୋଷ୍ଠରେ ୟୁକ୍ରେନ୍ ମ୍ୟାପ୍‌ର ମୌଳିକ ଫଟୋ ଦେଖିବାକୁ ମିଳିଥିଲା। ଉକ୍ତ ମାନଚିତ୍ର ସ୍ଥାନରେ ଉତ୍ତର ଆମେରିକା ମାନଚିତ୍ର ରଖାଯାଇଛି, ଯେଉଁଠି କାନାଡା, ଗ୍ରୀନ୍‌ଲାଣ୍ଡ ଏବଂ ଭେନେଜୁଏଲାକୁ ଆମେରିକୀୟ ଅଞ୍ଚଳ ଦର୍ଶାଯାଇଛି। ଅନ୍ୟ ଏକ ପୋଷ୍ଟରେ ଟ୍ରମ୍ପ୍ ନିଜର ଏକ କୃତ୍ରିମ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଗ୍ରୀନ୍‌ଲାଣ୍ଡରେ ଆମେରିକା ପତାକା ଲଗାଉଥିବାବେଳେ ପାଖରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଉପସ୍ଥିତ ଥିବା ଦେଖାଯାଇଛି।

## ପଡ଼ୋଶୀଙ୍କ ଆତଙ୍କବାଦ ଭିତ୍ତିଭୂମିକୁ ସହାୟତା କରନାହିଁ

### ପୋଲାଣ୍ଡକୁ ଜୟଶଙ୍କରଙ୍କ କଡ଼ା ବାର୍ତ୍ତା

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ପୋଲାଣ୍ଡ ଆତଙ୍କବାଦ ପ୍ରତି ଶୂନ ସହନଶୀଳତା ପ୍ରଦର୍ଶନ କରିବା ସହ ଭାରତର ପଡ଼ୋଶୀ ଦେଶରେ ଆତଙ୍କବାଦ ଭିତ୍ତିଭୂମିକୁ ସହାୟତା କରିବା ବନ୍ଦ କରୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ପୋଲାଣ୍ଡ ପ୍ରତିପକ୍ଷ ରାଡୋସ୍ଲ ସିକୋର୍ସ୍କିଙ୍କୁ ସୋମବାର କଡ଼ା ବାର୍ତ୍ତା ଦେଇଛନ୍ତି। ଅକ୍ଟୋବରରେ ପୋଲାଣ୍ଡ–ପାକିସ୍ତାନ ମିଳିତ ବାର୍ତ୍ତାରେ କଶ୍ମୀର ପ୍ରସଙ୍ଗ ସ୍ଥାନ ପାଇଥିବାରୁ ଜୟଶଙ୍କର ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ୟୁକ୍ରେନ୍ ଯୁଦ୍ଧକୁ ନେଇ ଭାରତକୁ ଅନ୍ୟାୟପୂର୍ଣ୍ଣ ଓ ଅନୁଚିତ ଚୟନାତ୍ମକ ଟର୍ଗେଟକୁ ନେଇ ଜୟଶଙ୍କର କ୍ଷୋଭ ପ୍ରକାଶ କରିଛନ୍ତି। ରୁଷିଆ ସହ ଭାରତର ତୈଳ କାରବାର ସମ୍ପର୍କ ଉପରେ ନୂଆଦିଲ୍ଲୀକୁ ପାଶ୍ଚାତ୍ୟ ଦେଶଗୁଡ଼ିକର ସମାଲୋଚନା ପରିପ୍ରେକ୍ଷୀରେ ବହିର୍ବ୍ୟାପାର ମନ୍ତ୍ରୀ ଏହା କହିଛନ୍ତି।

## ଲିଭ୍ ଇନ୍ ରିଲେଶନଶିପ୍‌ରେ ମହିଳାଙ୍କୁ ସ୍ତ୍ରୀ ମାନ୍ୟତା ମିଳିବା ଆବଶ୍ୟକ: ହାଇକୋର୍ଟ


**ଚେନ୍ନାଇ,୨୦।୧**

ଲିଭ୍–ଇନ୍ ରିଲେଶନଶିପ୍‌ରେ ଥିବା ମହିଳାଙ୍କୁ ଗାନ୍ଧର୍ବ ବିବାହ ବା ପ୍ରେମ ବିବାହ ଅନୁଯାୟୀ ସ୍ତ୍ରୀର ମାନ୍ୟତା ପ୍ରଦାନ ସହ ସୁରକ୍ଷା ଦିଆଯିବା ଆବଶ୍ୟକ। ଫଳରେ ଯଦି ଭବିଷ୍ୟତରେ ଅଶାନ୍ତି ଦେଖାଦିଏ, ତେବେ ମହିଳା ଜଣଙ୍କୁ ସ୍ତ୍ରୀର ଅଧିକାର ମିଳିପାରିବ ବୋଲି ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ୍ କହିଛନ୍ତି। ଜଣେ ବ୍ୟକ୍ତିଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିବା ଅବସରରେ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଉକ୍ତ ବ୍ୟକ୍ତି ଜଣେ ମହିଳାଙ୍କ ସହ ରିଲେଶନଶିପ୍‌ରେ ରହିବା ସହ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅନେକ ଥର ଯୌନ ସମ୍ପର୍କ ରଖିଥିଲେ। ପରେ ସେ ବିବାହ କରିବାକୁ ମନା କରିଦେଇଥିଲେ। ଆଧୁନିକତାର ଫାଶ ଓ ସଂସ୍କୃତିରେ ପଡ଼ିଥିବା ମହିଳାମାନଙ୍କୁ ଅଦାଲତ ସୁରକ୍ଷା ଦେବାକୁ ହେବ ବୋଲି ବିଚାରପତି ଏସ୍. ଶ୍ରୀମାଥି କହିଛନ୍ତି। ପୁରାତନ ଭାରତରେ ୮ ପ୍ରକାରର ବିବାହ ପ୍ରଥା ଚଳୁଥିଲା। ସେଥିରୁ ଗୋଟିଏ ହେଉଛି ଗାନ୍ଧର୍ବ ବିବାହ ବା ପ୍ରେମ ବିବାହ। ଲିଭ୍ ଇନ୍ ରିଲେଶନଶିପ୍‌କୁ ଗାନ୍ଧର୍ବ ବିବାହର ସ୍ୱୀକୃତି ଦିଆଯାଇପାରେ ବୋଲି ବିଚାରପତି କହିଛନ୍ତି। ଏପରିକି ଛାଡ଼ପତ୍ର ପରେ ମଧ୍ୟ ମହିଳାଙ୍କୁ ଆଇନଗତ ସୁରକ୍ଷା ଦିଆଯାଉଛି। ସମ୍ପ୍ରତି ମହିଳାମାନଙ୍କର ଏକ ଦୁର୍ବଳ ବର୍ଗ ଲିଭ୍–ଇନ୍ ରିଲେଶନଶିପ୍ ଧାରଣାର ଶିକାର ହେଉଛନ୍ତି, ଯେଉଁମାନଙ୍କୁ ସୁରକ୍ଷା ମିଳୁନାହିଁ। ବାସ୍ତବରେ ଏଭଳି ସମ୍ପର୍କ ଭାରତୀୟ ସମାଜକୁ ଏକ ସାଂସ୍କୃତିକ ଧକ୍କା ବୋଲି ଖଣ୍ଡପୀଠ କହିଛନ୍ତି।

# ଭାଜପାରେ 'ନବୀନ' ଯୁଗ

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ଭାଜପା ନେତା ନୀତିନ୍ ନବୀନଙ୍କୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଘୋଷଣା କରାଯାଇଛି। ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିବା ସହ ଦଳରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇଛି। ଭାଜପା ସାଂଗଠନିକ ନିର୍ବାଚନ ପାଇଁ ରିଟର୍ନିଂ ଅଫିସର ଥିବା କେ. ଲକ୍ଷ୍ମଣ ଫଳାଫଳ ଘୋଷଣା କରିବା ସହ ୪୫ ବର୍ଷୀୟ ନବୀନଙ୍କୁ ନିର୍ବାଚିତ ହୋଇଥିବାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବାରେ ନବୀନ ସର୍ବକନିଷ୍ଠ ନେତା। ଦଳର ମୁଖ୍ୟାଳୟରେ ଅନୁଷ୍ଠିତ ନେତୃତ୍ୱ ହସ୍ତାନ୍ତର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,



ନବନିର୍ବାଚିତ ଭାଜପା ଅଧ୍ୟକ୍ଷ ନୀତିନ୍ ନବୀନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଉଛନ୍ତି।

ପୂର୍ବତନ ଅଧ୍ୟକ୍ଷ ଜେ.ପି. ନଡ୍ଡା, ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ନୀତିନ୍ ଗଡ଼କରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବା ନବୀନଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଦଳୀୟ ବ୍ୟାପାରରେ ନବୀନ ତାଙ୍କ ବସ୍ ହେବେ ବୋଲି ମୋଦି କହିଛନ୍ତି। ୪୫ ବର୍ଷୀୟ ନବୀନଙ୍କୁ ସେ ଯୁବ ଉତ୍ସାହ ଏବଂ ବିସ୍ତୃତ ସାଂଗଠନିକ ଅଭିଜ୍ଞତା ଥିବା ଜଣେ ସହସ୍ରାବ୍ଦୀ ପିଢ଼ି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୧୯୮୦ରେ ପ୍ରତିଷ୍ଠିତ ଭାଜପାରେ ନବୀନ ଦ୍ୱାଦଶ ଅଧ୍ୟକ୍ଷ ହୋଇଛନ୍ତି। ତାଙ୍କର ଜନ୍ମ ମଧ୍ୟ ୧୯୮୦ରେ ହୋଇଥିଲା। ଗତ ଡିସେମ୍ବର ୧୪ରେ ତାଙ୍କୁ ଭାଜପାର କାର୍ଯ୍ୟକାରୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଯୁକ୍ତ କରାଯିବା ପରେ ସେ ବିହାର ସରକାରରେ ରହିଥିବା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଭାଜପାର ନେତୃତ୍ୱ କଠିନ ପରିଶ୍ରମ ଓ ସମର୍ପଣ ଭାବରୁ ସୃଷ୍ଟି ହୋଇଥାଏ, ବଂଶବାଦୀ ବିଶେଷ ଅଧିକାରରୁ ନୁହେଁ ବୋଲି ଲକ୍ଷ୍ମଣ କହିଛନ୍ତି।



ରାଜସ୍ଥାନର ବିକାନେରରେ ମଙ୍ଗଳବାର କୁହୁଡ଼ିଘେରା ଶୀତ ସକାଳରେ ଜଣେ ବ୍ୟକ୍ତି ଓଟଗାଡ଼ି ନେଇ ଯାଉଛନ୍ତି।

## ଗୋବିନ୍ଦାଙ୍କୁ କ୍ଷମା ନାହିଁ

**ମୁମ୍ବାଇ**



ଆଜିକାଲି ଅଭିନୟ କମ୍, ବ୍ୟକ୍ତିଗତ ଜୀବନକୁ ନେଇ ବେଶି ଚର୍ଚ୍ଚାରେ ରହୁଛନ୍ତି ବଲିଉଡର ବରିଷ୍ଠ ଅଭିନେତା ଗୋବିନ୍ଦା। ଫିଲ୍ମରେ ତାଙ୍କର ନିଖୁଣ ଅଭିନୟ ପାଇଁ ଯୁବ କଳାକାରମାନଙ୍କ ଲାଗି ସେ ପ୍ରେରଣାର ଉତ୍ସ। ହେଲେ ସେ ଏବେ ବିବାଦରେ ଛନ୍ଦି ହୋଇ ପଡୁଥିବା ଦେଖାଯାଉଛି। ସ୍ତ୍ରୀଙ୍କ ସହ ଛାଡ଼ପତ୍ର ଖବର ଭିତରେ ସେ ପ୍ରେମରେ ପଡିଥିବା ଚର୍ଚ୍ଚା ଅନେକଙ୍କୁ ଚକିତ କରିଛି। ଗୋବିନ୍ଦାଙ୍କୁ କଦାପି କ୍ଷମା କରିପାରିବେ ନାହିଁ ବୋଲି ସ୍ତ୍ରୀ ସୁନୀତା କହିଛନ୍ତି। ଏକ ପଡ୍‌କାଷ୍ଟରେ ସେ କହିଛନ୍ତି, ଏବେ ବି ସମୟ ଅଛି, ଗୋବିନ୍ଦା ସୁଧୁରିଯାଆନ୍ତୁ। ସେମିତି ଝିଅ ଅନେକଙ୍କ ଜୀବନରେ ଆସନ୍ତି। ଏବେ ଗୋବିନ୍ଦାଙ୍କୁ ତେଷଠି ବର୍ଷ। ଝିଅ ଟିନାଙ୍କୁ ବିବାହ କରିବା ଓ ପୁଅ ଯଶଙ୍କ କ୍ୟାରିୟର ଦେଖିବାକୁ ହେବ। ହେଲେ ଗୋବିନ୍ଦା ନିଜକୁ ବାପା ବୋଲି ଭୁଲି ଯାଇଥିବା ସୁନୀତା କହିବା ସହ ତାଙ୍କୁ କଦାପି କ୍ଷମା କରିବେ ନାହିଁ ବୋଲି କହିଛନ୍ତି। ଏହି ସାକ୍ଷାତ୍‌କାର ଏବେ ଭାଇରାଲ ହେଉଛି। ଆଗାମୀ ଦିନରେ ଉଭୟଙ୍କ ସମ୍ପର୍କ କି ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଛି।



**ମାନେକାଙ୍କୁ ଅଦାଲତ ଅବମାନନା ଚେତାବନୀ**

ବୁଲା କୁକୁର ସମ୍ପର୍କିତ ରାୟକୁ ସମାଲୋଚନା କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ଅଦାଲତ ଅବମାନନା ଚେତାବନୀ ଦେଇଛନ୍ତି।

୦୨

୧୨

**ଶୀଳାନନ୍ଦଙ୍କ ଗୋଲରେ ହାଇଦ୍ରାବାଦ ବିଜୟୀ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଶୀଳାନନ୍ଦ ଲାକ୍ରାଙ୍କ ଗୋଲ ବଳରେ ହାଇଦ୍ରାବାଦ ତୋଫାନ୍ସ ୩-୨ ଗୋଲରେ ଏଚ୍ଆଇଏଲ୍ ଜିସିକୁ ପରାସ୍ତ କରିଛି।



## ହୀରାକୁଦରେ ୫ ନୂଆ ପ୍ରଜାତିର ପକ୍ଷୀ

### ବିଦେଶରୁ ଆସିଛନ୍ତି ୪,୨୧,୭୬୩ ପକ୍ଷୀ

ସମ୍ବଲପୁର,୨୦।୧(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରେ ଚଳିତବର୍ଷ-୨୦୨୬ ଶୀତକାଳୀନ ପକ୍ଷୀଗଣନା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିରେ ଚଳିତବର୍ଷ ଗତବର୍ଷ ଅପେକ୍ଷା ପ୍ରାୟ ୫୦ହଜାରରୁ ଅଧିକ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ସହିତ ଛତିଶଗଡ଼ ସୀମାନ୍ତ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ଓ ପାୱାର ଚ୍ୟାନେଲ ଅଞ୍ଚଳରେ ଗତ ୧୮ ତାରିଖରେ ହୋଇଥିବା ପକ୍ଷୀ ଗଣନା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୨୮ପ୍ରଜାତିର ମୋଟ୍ ୪ଲକ୍ଷ ୨୧ହଜାର ୭୬୩ ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି ବୋଲି ସୂଚନା ଦେଇଛନ୍ତି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ। ତାଙ୍କ ସୂଚନା ଅନୁସାରେ ଚଳିତବର୍ଷ ☞ପୃଷ୍ଠା-୨



ହୀରାକୁଦ ଜଳଭଣ୍ଡାରରେ ଠାବ ହୋଇଥିବା ବିଦେଶାଗତ ପକ୍ଷୀ।

## ସେନ୍‌ସେକ୍ସ ଖସିଲା ୧,୧୦୦

### ବଜାର ହରାଇଲା ୧୦ ଲକ୍ଷ କୋଟି




ମୁମ୍ବାଇ,୨୦।୧

ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଧମକ ଭାରତୀୟ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଛି। ପୂର୍ବରୁ ଚାପଗ୍ରସ୍ତ ଥିବା ଶେୟାର ମାର୍କେଟ ମଙ୍ଗଳବାର ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର କ୍ୟାପିଟାଲାଇଜେଶନ୍ ହରାଇଛି।

ଇକ୍ୱିଟି ବେଞ୍ଚମାର୍କ ସେନ୍‌ସେକ୍ସ ୧.୩୮% ଅର୍ଥାତ୍ ୧,୦୬୫ ପଏଣ୍ଟ ନିମ୍ନଗାମୀ ହୋଇ ୮୨,୧୮୦ରେ ରହିଛି। ସେହିପରି ନିଫ୍ଟି୫୦ ୧.୨୮% ଅର୍ଥାତ୍ ୩୫୩ ପଏଣ୍ଟ ତଳକୁ ଖସି ୨୫,୨୩୨ରେ ରହିଛି। ୨୦୨୫ ଅକ୍ଟୋବର ୧୫ ପରେ ପୁଞ୍ଜି ବଜାର କେବେ ଏତେ ଦୁର୍ବଳ ହୋଇ ନ ଥିଲା। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ଙ୍କ ସେଲିଂ ପ୍ରେସର, କ୍ୱାର୍ଟର୍ଲି ଆୟରେ ଦୁର୍ବଳତାକୁ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ସେହିପରି ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି ଯୋଗୁ ଗ୍ଲୋବାଲ ମାର୍କେଟରେ ସେଲିଂ ପ୍ରେସର ବୃଦ୍ଧିର ପ୍ରଭାବ ମଧ୍ୟ ଭାରତୀୟ ବଜାର ଉପରେ ପଡ଼ିଛି। ଆମେରିକା ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଉପରେ ରାୟ ଦେବାକୁ ଯାଉଥିବାରୁ ଏହା ପୂର୍ବରୁ ଘରୋଇ ବଜାରରେ ନିବେଶକମାନେ ସତର୍କତା ସହ କାରବାର କରୁଥିବା ଜିଓଜିତ୍ ଇନ୍‌ଭେଷ୍ଟମେଣ୍ଟର ରିସର୍ଚ୍ଚ ହେଡ୍ କହିଛନ୍ତି।

### ଡଲାର=୯୧.୬ ଟଙ୍କା

ମୁମ୍ବାଇ,୨୦।୧

ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଟ୍ରେଡିଂ ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମଙ୍ଗଳବାର ୯୧.୦୬କୁ ଖସିଥିବାବେଳେ ପରେ ୭ ପଇସାର ଦୁର୍ବଳତା ସହ ୯୦.୯୭ ଟଙ୍କାରେ ସ୍ଥିର ରହିଛି। ଆମେରିକୀୟ କରେନ୍ସିର ବିନିମୟ ମୂଲ୍ୟ ଆଗରେ ଭାରତୀୟ ମୁଦ୍ରାର ଏହା ହେଉଛି ସର୍ବକାଳୀନ ଦୁର୍ବଳତା। ମେଟାଲ ଆମଦାନୀକାରୀଙ୍କଠାରେ ଡଲାର ଚାହିଦା ବୃଦ୍ଧି ଏବଂ ବିଦେଶୀ ନିବେଶକ ଭାରତୀୟ ବଜାରରୁ ମୁହଁ ଫେରାଇନେବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଫରେକ୍ସ ଟ୍ରେଡର୍ସଙ୍କ ମତରେ ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି, ଆମେରିକାର ବିସ୍ତାରବାଦୀ ପଦକ୍ଷେପ ପୁଞ୍ଜି ବଜାରକୁ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଛି। ଫଳରେ ଭାରତ ଭଳି ବିକାଶଶୀଳ ଦେଶର ଘରୋଇ ବଜାର ଚାପଗ୍ରସ୍ତ ହୋଇଛି।

## ବିଭାଗ ଉପରେ ୪୨,୩୫୨ କୋଟିର ୟୁସି

ଭୁବନେଶ୍ୱର,୨୦।୧(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ବରିଷ୍ଠ ଅଧିକାରୀମାନେ ସରକାରୀ ଅର୍ଥ ଖର୍ଚ୍ଚ କରିବାବେଳେ ଶୃଙ୍ଖଳା ଭିତରେ ରହୁନାହାନ୍ତି। ବିଧାନସଭାକୁ ବିଭାଗ ପକ୍ଷରୁ ବଜେଟ ଅଟକଳ ପାଇଁ ଯେଉଁ ପ୍ରସ୍ତାବ ଦିଆଯାଉଛି ପରବର୍ତ୍ତୀ ସମୟରେ ତାକୁ ଅଧିକାରୀମାନେ ଏଣେତେଣେ ଖର୍ଚ୍ଚ କରୁଛନ୍ତି, ଯେଉଁଥିପାଇଁ ଖର୍ଚ୍ଚର ହିସାବ ଠିକଣା ସମୟରେ ମିଳିପାରୁ ନାହିଁ। ଅଧିକାରୀମାନେ ଏଭଳି ଭାବେ ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଯେ ତା'ର ଟେର୍ ଭାରତର ମହାଲେଖା ନିୟନ୍ତ୍ରକ (ସିଏଜି) ପାଇପାରୁନାହାନ୍ତି। ଏନେଇ ସିଏଜିଙ୍କ ପକ୍ଷରୁ ବିଧାନସଭାକୁ ଅବଗତ କରାଇବା ସହିତ ଅର୍ଥ ବିଭାଗକୁ ଥରକୁ ଥର ପତ୍ର ଲେଖି ବିଭାଗୱାରି ବିନିଯୋଗ ଖର୍ଚ୍ଚ ପ୍ରମାଣପତ୍ର ଲୋଡୁଛନ୍ତି, ମାତ୍ର ତାହା ଅଦ୍ୟାବଧି ମିଳିପାରିନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଉପରେ ୨୦୨୫ ନଭେମ୍ବର ସୁଦ୍ଧା ୪୨ ହଜାର ୩୫୨ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର (ୟୁସି) ବିଭିନ୍ନ ବିଭାଗ ଉପରେ ଗଡୁଛି ବୋଲି ସିଏଜିଙ୍କ ପକ୍ଷରୁ ଅର୍ଥ ପରାମର୍ଶଦାତା ସମ୍ମିଳନୀରେ ଦର୍ଶାଯାଇଛି। ସିଏଜିଙ୍କ ଏଭଳି ସାଂଘାତିକ ତଥ୍ୟକୁ ନେଇ ସବୁ ଅର୍ଥ ପରାମର୍ଶଦାତାଙ୍କ ଆଖି ଖୋସିହୋଇଯାଇଛି ବୋଲି ଜଣେ ଅର୍ଥପରାମର୍ଶଦାତା କହିଛନ୍ତି।

ତଥ୍ୟ ଅନୁଯାୟୀ, ବିଗତ ବର୍ଷଗୁଡ଼ିକରେ ଏପରିକି ୨୦୦୮-୦୯ରୁ ୨୦୨୩-୨୪ ବର୍ଷ ମଧ୍ୟରେ ହଜାର ହଜାର କୋଟି ଟଙ୍କା ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ଖର୍ଚ୍ଚ କରିଥିଲେ ହେଁ ବିନିଯୋଗ ପ୍ରମାଣପତ୍ର ଦେଇପାରୁନାହାନ୍ତି। ଇତିମଧ୍ୟରେ ସିଏଜିଙ୍କ ପକ୍ଷରୁ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିବା ୬୯ଟି 'ପାରା' କମେଣ୍ଟର ଜବାବ ମିଳିପାରୁନାହିଁ। ଏହାସହିତ ୬୩୧ ଏସ୍ଏଫ୍ଆର୍-ପାରା',୧୩ ହଜାର ୪୯୨ ଆଇଆର୍, ଯେଉଁଥିରେ କି ୫୭ ହଜାର ୨୫୩ ପାରା(ନଭେମ୍ବର ସୁଦ୍ଧା) ବକେୟା ରହିଛି। ଏହିଭଳି ଭାବେ ବିଭିନ୍ନ ବିଭାଗର ବେନିୟମ ଖର୍ଚ୍ଚ ହିସାବକୁ ନେଇ ସିଏଜିଙ୍କ ପକ୍ଷରୁ ବାରମ୍ବାର ୟୁସି ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ହେଁ ତାହା ମିଳୁ ନ ଥିବା ବୈଠକରୁ ଜଣାଯାଇଛି। ଏହାକୁ ନେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସଂପୃକ୍ତ ବିଭାଗୀୟ ଅର୍ଥ ପରାମର୍ଶଦାତାଙ୍କୁ ତୁରନ୍ତ ବକେୟା 'ୟୁସି' ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ଭଳି ବହୁ ବିଭାଗରେ ବେଆଇନ ଭାବେ ଅର୍ଥ ଖର୍ଚ୍ଚ ହୋଇଛି, ଯେଉଁଥିପାଇଁ ବର୍ତ୍ତମାନର ଅର୍ଥ ପରାମର୍ଶଦାତାମାନେ ସେସବୁର ହିସାବ ଦେଇପାରୁନାହାନ୍ତି। ଫଳରେ ବର୍ଷ ବର୍ଷ ଧରି ତାହା ବକେୟା ଖାତାରେ ଗଡୁଥିବାବେଳେ ସିଏଜି ପ୍ରଶ୍ନ ଉଠାଇ ଚାଲିଛନ୍ତି।

## ବଡ଼ବିଲ ବ୍ୟାଙ୍କ ଡକାୟତି
## ୩ ରାଜ୍ୟକୁ ଗଲା ୫ ପୋଲିସ ଟିମ୍

ବଡ଼ବିଲ, ୨୦।୧(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖା ଷ୍ଟ୍ରଙ୍ଗରୁମ୍‌ରୁ ସୋମବାର ଦିନ ଦ୍ୱିପହରରେ ୫ରୁ ୬ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୫ କି.ଗ୍ରା.ରୁ ଊର୍ଦ୍ଧ୍ୱ ପରିମାଣର ସ୍ୱର୍ଣ୍ଣ ଅଳଙ୍କାର ଓ ନଗଦ ପ୍ରାୟ ୪ଲକ୍ଷ ୩୪ହଜାର ଟଙ୍କା ଲୁଟି ନେବାର ଦିନକ ପରେ ବି ପୋଲିସ ହାତ ଖାଲିପଡ଼ିଛି। ଅପରାଧୀଙ୍କ ସୁରାକ୍ ପାଇଁ ପୋଲିସ ଜୋରଦାର ଉଦ୍ୟମ ଜାରି ରଖିଛି। କେନ୍ଦୁଝର ଜିଲା ପୋଲିସର ବଛା ବଛା ଅଫିସରଙ୍କୁ ନେଇ ୫ଟି ଟିମ୍ ବିଭିନ୍ନ ସ୍ଥାନ ଅଭିମୁଖେ ଯାଇଛି। ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ରାଜ୍ୟ ସମେତ ଆମ ରାଜ୍ୟର ଝାରସୁଗୁଡ଼ା, ମୟୂରଭଞ୍ଜ ଜିଲାକୁ ପୋଲିସର ଟିମ୍ ଯାଇଥିବା ଆଇଆଇସି ଅଶୋକ କୁମାର ନାୟକ କହିଛନ୍ତି। ବ୍ୟାଙ୍କର ସିସି କ୍ୟାମେରାର ଫୁଟେଜ୍ ରେକର୍ଡିଂ ହେଉଥିବା ଡିଭିଆରକୁ ଦୁର୍ବୃତ୍ତମାନେ ନେଇଯାଇଥିବା ବେଳେ ପୋଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଫୁଟେଜରୁ ୩ ବାଇକରେ ୬ଜଣ ଦୁର୍ବୃତ୍ତ ଆସି ଲୁଟିନେଇ ଫେରାର ହୋଇଯାଇଥିବା ଜାଣିବାକୁ ପାଇଛି। ଏଥିସହ ମୋବାଇଲ କଲ୍ ଲୋକେଶନକୁ ପୋଲିସ ଅନୁଧ୍ୟାନ କରୁଛି। ଘଟଣା ପରେ କେନ୍ଦୁଝର ଜିଲା ପୋଲିସ ବିଭିନ୍ନ ରାଜ୍ୟର ପୋଲିସ ସହ ଯୋଗାଯୋଗ ରଖି ତଦନ୍ତ କରୁଛି। ମଙ୍ଗଳବାର ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ବ୍ୟାଙ୍କକୁ ପରିଦର୍ଶନ କରିଛନ୍ତି। ସେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଘଟଣାବେଳେ ଥିବା ଗ୍ରାହକମାନଙ୍କୁ ପଚାରି ବୁଝିଛନ୍ତି। ଡିଆଇଜି ରାଏ କହିଛନ୍ତି, ଦୁର୍ବୃତ୍ତମାନେ ଝାଡ଼ଖଣ୍ଡ ଆଡକୁ ପଳାଇଥିବା ଅନୁମାନ କରାଯାଇଛି। ଏଥିସହ କେନ୍ଦୁଝର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି। ସୁରାକ ମଧ୍ୟ ମିଳିସାରିଛି। ଖୁବଶୀଘ୍ର ଅପରାଧୀଙ୍କୁ ଗିରଫ କରାଯାଇ ଲୁଟ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାର ଉଦ୍ଧାର କରାଯିବ ବୋଲି ଡିଆଇଜି ରାଏ କହିଛନ୍ତି। ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଅନୁଯାୟୀ ବଡବିଲ ଥାନାରେ ମାମଲା(ନଂ. ୨୯/୨୦୨୬) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏସ୍‌ଡିପିଓଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ☞ପୃଷ୍ଠା-୨

## ଏପ୍ରିଲ ୧୬ରୁ ଘର ଗଣନା

### ମାସକରେ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୧(ରବିନାରାୟଣ ଜେନା)

ଦୀର୍ଘ ୧୫ ବର୍ଷ ପରେ ରାଜ୍ୟରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏହାକୁ ନେଇ ପ୍ରାଥମିକ ପର୍ଯ୍ୟାୟରେ ଘର ଗଣନା କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଏପ୍ରିଲ ୧୬ରୁ ଗୃହ ଗଣନା କରାଯିବ। ଏହି କାର୍ଯ୍ୟ ୩୦ ଦିନ ଅର୍ଥାତ୍ ଏପ୍ରିଲ ୧୬ରୁ ମେ' ୧୫ ମଧ୍ୟରେ ଶେଷହେବ ବୋଲି ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓ ରଞ୍ଜନ କୁମାର ସିଂହ ମଙ୍ଗଳବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତିରେ ଏସିଏସ୍ ଦର୍ଶାଇଛନ୍ତି, ଜନଗଣନା ନିୟମାବଳୀ-୧୯୯୦ର ନିୟମ ୮ର ଉପନିୟମ(୩) ଅନୁଯାୟୀ ଏହି ପ୍ରକ୍ରିୟା ରାଜ୍ୟରେ କରାଯିବ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ କରାଯିବାକୁ ରହିଛି। ଜାତୀୟ ଜନଗଣନା-୨୦୨୭ର ଘର ତାଲିକା(ହାଉସ୍ ଲିଷ୍ଟିଂ) କାର୍ଯ୍ୟ ଓଡ଼ିଶାରେ ୩୦ ଦିନ ମଧ୍ୟରେ ଶେଷହେବ। ଏହି ସମୟରେ ସ୍ୱୟଂ-ଗଣନା(ସେଲ୍ଫ ଏନୁମରେଶନ) ପାଇଁ ବିକଳ୍ପ ରହିବ, ଯାହା ଘରେ ଘରେ ଘର ତାଲିକା କାର୍ଯ୍ୟ ଆରମ୍ଭ ପୂର୍ବରୁ ୧ ଏପ୍ରିଲ ୨୦୨୬ରୁ ୧୫ ଏପ୍ରିଲ ମଧ୍ୟରେ ସରିବ।

ସୂଚନାଯୋଗ୍ୟ, ଚଳିତ ମାସ ୭ରେ ଲୋକସେବା ଭବନରେ ଏନେଇ ଏସିଏସ୍‌ଙ୍କ ଅଧ୍ୟକ୍ଷତାରେ ଏକ ପ୍ରାକ୍ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ଜାତୀୟ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଯେପରି ନିର୍ଭୁଲ ଭାବେ କରାଯିବ ସେଥିପାଇଁ ସଂପୃକ୍ତ ବିଭାଗକୁ ସହଯୋଗ କରିବାକୁ ଏସିଏସ୍ ନିର୍ଦ୍ଦେଶ ଦେଇଥିଲେ। ତେବେ ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ଘୋଷିତ ହୋଇଥିବା ନିର୍ଦ୍ଦେଶିତ ଅଞ୍ଚଳ ବ୍ୟତୀତ ଏହି ଜନଗଣନା ସମୟରେ ନୂଆ ଗାଁ, ନୂଆ ସହର, ଗାଁ ସହରରେ ମିଶିବା ଭଳି ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟରେ ସାମିଲ ହେବନାହିଁ। ଜନଗଣନା କାର୍ଯ୍ୟର ସୁସମ୍ପାଦନ ପାଇଁ ଜାତୀୟସ୍ତରରେ ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା ଆୟୁକ୍ତ ଥିବାବେଳେ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବ ରାଜ୍ୟ ନୋଡାଲ ଅଧିକାରୀ ଏବଂ ଜିଲାସ୍ତରରେ ଜିଲାପାଳମାନେ ଏବଂ ମହାନଗର ନିଗମ ଅଞ୍ଚଳରେ ମ୍ୟୁନିସିପାଲ କମିଶନରମାନେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ନିୟୋଜିତ ରହିବେ। ଉପଖଣ୍ଡ ବା ସହରାଞ୍ଚଳରେ ତହସିଲଦାର ଓ ଡେପୁଟି କମିଶନରମାନେ ଚାର୍ଜ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଗଣନା ଅଧିକାରୀଙ୍କୁ ଆସନ୍ତା ୩ ମାସ ମଧ୍ୟରେ ତାଲିମ ପ୍ରଦାନ କରାଯିବ। ପ୍ରତି ୨୦୦ ଘର ପାଇଁ ଜଣେ ଲେଖାଏ ଅଧିକାରୀ ନିୟୋଜିତ ରହିବେ। ୬ ଅଧିକାରୀଙ୍କ ନିମନ୍ତେ ଜଣେ ଜଣେ ସୁପରଭାଇଜର ରହିବେ। ଏହି କାର୍ଯ୍ୟରେ ପ୍ରାୟ ୧ ଲକ୍ଷ ଅଧିକାରୀ ନିୟୋଜିତ ହେବେ ବୋଲି ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି।




## ତେଲଙ୍ଗାନାରେ ଓଡ଼ିଆ ଶ୍ରମିକ ମୃତ

ଲାଠୋର,୨୦।୧(ଭୁବନେଶ୍ୱର ବାରିକ)

ତେଲଙ୍ଗାନାକୁ ଦାଦନ ଯାଇଥିବା ବଲାଙ୍ଗୀର ଜିଲା ଭାଲୁକୁନା ଗ୍ରାମର ଦଶରଥ ହଂସ(୪୫)ଙ୍କ ମୃତ୍ୟୁ ଘଟିଛି। ସେଠାରୁ ତାଙ୍କ ମୃତଦେହ ଘରକୁ ଅଣାଯାଉଛି। ନଭେମ୍ବରରେ ଦଶରଥ, ସ୍ତ୍ରୀ ଅଞ୍ଜନା ହଂସ(୩୮), ୧୪ ବର୍ଷର ଝିଅ ଓ ୧୧ ବର୍ଷର ପୁଅ ତେଲଙ୍ଗାନା ଯାଇଥିଲେ। ସେଠାରେ ଦଶରଥ ଓ ଅଞ୍ଜନା ଏକ ଇଟାଭାଟିରେ କାମ କରୁଥିଲେ। ସୋମବାର ରାତିରେ ଦଶରଥ ଅସୁସ୍ଥ ଅନୁଭବ କରୁଥିବା ନେଇ ଅଞ୍ଜନାଙ୍କୁ କହିଥିଲେ। କିଛି ସମୟ ପରେ ବାହାରକୁ ଶୌଚହେବା ପାଇଁ ଯାଇ ଘର ଭିତରକୁ ଆସି ହଠାତ୍ ଟଳି ପଡ଼ିଥିଲେ।

## ଆଖି ଚିକିତ୍ସା ପାଇଁ କାନ ଡ୍ରପ୍

### ଡାକ୍ତରଙ୍କ ବିରୋଧରେ ଅଭିଯୋଗ

ଧୁଷୁରୀ,୨୦।୧(ଦୀପ୍ତିରଞ୍ଜନ ନାୟକ)

ରୋଗୀଙ୍କ ଚିକିତ୍ସାରେ ଅବହେଳା। ଆଖି ଚିକିତ୍ସା ପାଇଁ କାନ ଡ୍ରପ୍ ଲେଖିଦେଲେ ଡାକ୍ତର। ଭଦ୍ରକ ଜିଲା ଧୁଷୁରୀ ଏରିଆ ହସ୍ପିଟାଲର ଜଣେ ଡାକ୍ତରଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ଧାମନଗର ବ୍ଲକ ଅଧୀନ ନଦୀଗାଁ ପଞ୍ଚାୟତ ତିନିଘରିଆ ଗାଁର ଶ୍ରବଣ ମହାଳିକ। ସେ ଏନେଇ ମଙ୍ଗଳବାର ଧୁଷୁରୀ ଥାନାରେ ଅଭିଯୋଗ କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ତାଙ୍କ ଆଖି ଚିକିତ୍ସା ପାଇଁ ସେ ସୋମବାର ଧୁଷୁରୀ ଏରିଆ ହସ୍ପିଟାଲକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ଜଣେ ଡାକ୍ତର ତାଙ୍କ ଆଖି ପରୀକ୍ଷା କରି ଆଇଡ୍ରପ୍ କିଣି ପକାଇବାକୁ ପ୍ରେସକ୍ରିପ୍‌ସନ ଲେଖିଥିଲେ। ତଦନୁଯାୟୀ ସେ ସେହି ଡ୍ରପ୍ କିଣି ଡାକ୍ତରଙ୍କୁ ଦେଖାଇ ଆଖିରେ ପକାଇଥିଲେ। ମାତ୍ର ତାହା ଅଧିକ ଯନ୍ତ୍ରଣା ଦେବାରୁ ସେ ପୁଣି ମଙ୍ଗଳବାର ଏହି ହସ୍ପିଟାଲକୁ ଆସି ଚିକିତ୍ସା କରିଥିବା ଡାକ୍ତରଙ୍କୁ ଦେଖା କରିବା ସହ ଆଖିର ଯନ୍ତ୍ରଣା ଅଧିକ ହେବା କଥା କହିଥିଲେ। ଡାକ୍ତର ଭୁଲ୍‌ରେ କାନ ଡ୍ରପ୍ ଦେଇଥିବା ସ୍ୱୀକାର କରିଛନ୍ତି। ଏଣୁ ତାଙ୍କ ଆଖି ଚିକିତ୍ସା ପାଇଁ ସେହି ଡାକ୍ତର ସମସ୍ତ ଅର୍ଥ ବହନ କରିବାକୁ ଶ୍ରବଣ ଦାବି କରିଛନ୍ତି। ଶ୍ରବଣଙ୍କ ଏତଲା କପିକୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ନିକଟକୁ ପଠାଇଥିବା ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।




ଶ୍ରବଣ ମହାଳିକ ଏତଲା ଧରି ଧୁଷୁରୀ ଥାନା ଆଗରେ ଛିଡ଼ା ହୋଇଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଘରୋଇ ଆଇଟିଆଇ ମହାସଂଘର ଦ୍ୱିତୀୟ ବାର୍ଷିକ ଅଧିବେଶନ, ସ୍ଥାନ: ହୋଟେଲ ପୁଷ୍ପକ, କଳ୍ପନା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମନନ ନାଟ୍ୟସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ' ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ରବି ମିଶ୍ରଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନିଜିଗଡ କଲ୍ୟାଣ ମଣ୍ଡପ, ଟିଗିରିଆ, ସମୟ: ସକାଳ ୮ଟା।
- ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ରାଜାବଗିଚା, ସମୟ: ପୂର୍ବାହ୍ନ ୧୦ଟା।
- ୨ୟ ପତିତପାବନ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦୁଲାଳି ଦେବୀ ଉଚ୍ଚ ବାଳିକା ବିଦ୍ୟାଳୟ ଖେଳ ପଡ଼ିଆ, ନୂଆପାଟଣା, ଟିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱାଦଶ ଦିବସ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀ ପୁର, ସମୟ: ଅପରାହ୍ନ ୩ଟା।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ୍‌ର ଉଦ୍‌ଘାଟନୀ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ:ବାହାବଲପୁର, ବାଲେଶ୍ୱର, ସମୟ:ସକାଳ ୮ଟା।
- ଅଷ୍ଟମ ଜିଲାପରିଷଦ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ:ଉଗରା ବେଳାଭୂମି ପରିସର, ବାଲିଆପାଳ, ସମୟ:ପୂର୍ବାହ୍ନ ୧୦ଟା।
- ସୂଚନା ଅଧିକାର ସଂଘର ବିକ୍ଷୋଭ ଏବଂ ଦାବିପତ୍ର ପ୍ରଦାନ, ସ୍ଥାନ:ବ୍ଲକ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ସିଭିଲ୍ ସୋସାଇଟିର ବୈଠକ, ସ୍ଥାନ:ଉଠାଜଳସେଚନ କର୍ମଚାରୀ ଭବନ, ପଥୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ, ସ୍ଥାନ:ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ଉଦ୍‌ଘାଟନୀ, ସ୍ଥାନ:ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ଚତୁର୍ଥ ବାର୍ଷିକ ହଳଦୀପଦା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ:ପଶୁ ଡାକ୍ତରଖାନା ପଡ଼ିଆ, ହଳଦୀପଦା, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

**ଭଦ୍ରକ**
- ପଳିକିରି ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ନିମାପଡା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ରହିମପୁର ଉଚ୍ଚ ବିଦ୍ୟାଳୟ,ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ, ସ୍ଥାନ: କରଞ୍ଜଆଡିଆ ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ପ୍ରେସ୍ କ୍ଲବର ବନ୍ଧୁମିଳନ ଓ ସାଧାରଣ ସଭା, ସ୍ଥାନ: ଫଳପୁର ଗ୍ରାମ୍ୟ ଜଙ୍ଗଲ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଦିବଂଗତ ଡ. ରବୀନ୍ଦ୍ର ନାଥ ପଣ୍ଡାଙ୍କ ସ୍ମୃତିସଭା, ସ୍ଥାନ: ବିଶାଣିଖରିଦା, ଚରମ୍ପା, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ଟାଟା ପାୱାର ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ରାଲି,ସ୍ଥାନ: ହୀରାକୁଦ କଲୋନୀ, ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପାଟଣା ବ୍ଲକସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ, ସ୍ଥାନ:ଏରେଣ୍ଡେଇ ଭାରତ ସଂସ୍ଥା, ପାଟଣା,ସମୟ: ପୂର୍ବାହ୍ନ ୧୦ଟା୩୦।

**ମୟୂରଭଞ୍ଜ**
- ମା'ଶୀତଳା ଦେବୀଙ୍କ ବାର୍ଷିକ ଖାମୁଯାତ୍ରା ଅବସରରେ ନାମ ସଂକୀର୍ତ୍ତନ ଆରମ୍ଭ, ସ୍ଥାନ:ଡାକୋଇ କଲାରାଫୁଲିଆ, ମୋରଡ଼ା, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଗଡ଼ିଗାଁ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ୩୫ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ସମାରୋହର ଉଦ୍‌ଘାଟନୀ ପର୍ବ,ସ୍ଥାନ: ଚିତ୍ରଡ଼ା, ପାଟପୁର ଷ୍ଟାଡିୟମ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ମୋରଡ଼ା ପ୍ରିମିୟର ଲିଗର ପଞ୍ଚମ ଦିବସ, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା, ସ୍ଥାନ: କଚେରୀ ଷ୍ଟାଡିୟମ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଅବସରରେ ବାଇକ ଶୋଭାଯାତ୍ରା, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ମାତୃଭବନ, ବାରଦା, ସମୟ: ଅପରାହ୍ନ ୨ଟା।
- ଢେଙ୍କାନାଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ମହିଷାପାଟ ପଲ୍ଲିଶ୍ରୀ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ଆଶିଷ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମାଣିକପଥର ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- କୋଷ୍ଟଗାର୍ଡର ୫୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସଚେତନତା ସାଇକେଲ ରାଲି, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୬ଟା।

**କେନ୍ଦ୍ରାପଡ଼ା**
- ତ୍ରିବେଣୀ ମେଳା ରୁଦ୍ରଶାନ୍ତି ଯଜ୍ଞ, ସ୍ଥାନ: ଆର୍ତ୍ତେଶ୍ୱର ଶୈବ ପୀଠ, ସ୍ଥାନ: ଜଗନ୍ନାଥପୁର, ଡେରାବିଶ, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ସମୀର ଟିଭିଏସ, ଦୁହୁରିଆ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପାରା କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଜେନା ପୋଖରୀ ପଡିଆ, ଗାରାପୁର ନିକଟ, ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- କରଞ୍ଜି ଦହିମାଛ ରାସ୍ତା ନିର୍ମାଣ ଅନିୟମିତତା ବିରୋଧରେ ଗଣଧାରଣା, ସ୍ଥାନ: ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ-୨, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀକୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖାବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ଦାବିରେ ଯାଜପୁର ଆଦିବାସୀ ସାନ୍ତାଳି ସମାଜ ଓ ନାଗରିକ ସମାଜ ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁରରୋଡ୍ ଟିଭି ରିପୋର୍ଟର ଆସୋସିଏସନ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ, ସ୍ଥାନ: ବ୍ୟାସନଗରସ୍ଥିତ ରୟାଲ କଳିଙ୍ଗ ଛକ, ସମୟ ଅପରାହ୍ନ ୩ଟା୩୦।

**ନୟାଗଡ଼**
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ବ୍ଲକସ୍ତରୀୟ ସାମୁହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ:ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭାପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବାହାଡାସ୍ଥିତ ଖଣ୍ଡପଡା ପଠାଣୀ ସାମନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ ମ୍ୟାଚ ଝାଳଝରିଆ ବନାମ ଭୋଗଡା କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ଦଶମ ଦିବସର ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ସିଦ୍ଧାମୂଳା ବନାମ ପଦାମାଳ କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ ଦିବସ ମ୍ୟାଚରେ ଓଡ଼ିଶା ପୋଲିସ କଟକ ବନାମ ଷ୍ଟୁ ଫୁଟ୍‌ବଲ କ୍ଲବ କାଶ୍ମୀର, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

**ରାୟଗଡ଼ା**
- ବଂଶଧାରା ବସନ୍ତ ମହୋତ୍ସବ ପାଇଁ ମିନି ମାରାଥନ୍, ସ୍ଥାନ: ଗୁଣପୁର କଲେଜ, ସମୟ: ସକାଳ ୭ଟା।
- ବଂଶଧାରା ବସନ୍ତ ମହୋତ୍ସବର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ନିମନ୍ତେ କଳସଯାତ୍ରା, ସ୍ଥାନ: ବଂଶଧାରା ନଦୀଠାରୁ ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ଅପରାହ୍ନ ୫ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: ଡାବୁଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କୋରାପୁଟ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ ଅଫିସ ପରିସର, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ପୁକାଲି ନୋଡାଲ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ମୁର୍କାର ସଦର ପଞ୍ଚାୟତ, ହନୁମାନ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଦିଗାପୁର ଆବାସିକ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ବିଭିନ୍ନ ଭିତ୍ତିଭୂମି ବିକାଶ ପ୍ରକଳ୍ପ ଅଗ୍ରଗତି ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୩ ଟା।
- ଆଦର୍ଶ ବିଦ୍ୟାଳୟ ହଷ୍ଟେଲର ଷ୍ଟାଫ ପଦବୀ ନେଇ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର କୃଷ୍ଣଲୀଳା କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ୨୩ ବର୍ଷରୁ କମ୍ ଓଡ଼ିଶା ଓ ହରିୟାଣା କ୍ରିକେଟ ମ୍ୟାଚର ପ୍ରସ୍ତୁତି ବୈଠକ, ସ୍ଥାନ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ସାକ୍ଷୀପଡା ଅଞ୍ଚଳ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ଦରବାରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସେଲିବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଭ୍ରାମ୍ୟମାଣ ଆଇନ ସେବା ଶିବିର, ସ୍ଥାନ: କୁମିଆପାଲି, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଲୋକବାଦ୍ୟ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

**ରାଉରକେଲା**
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଉରକେଲା କଳିଙ୍ଗ ବିହାର ଫେଜ୍-୨, ସମୟ: ସକାଳ ୮ଟା।
- ମାସିକ ସାହିତ୍ୟ ଆସର, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ଶ୍ରୀ ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:କୁଜାପାଲି (ଗୋଡଭଗା), ଅତାବିରା, ସମୟ:ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: କୁମ୍ଭାରୀ, ବରପାଲି, ସମୟ:ସକାଳ ୮ଟା।
- ବେଦ ପ୍ରବଚନ, ସ୍ଥାନ:ଶ୍ରୀମା ସଙ୍ଗୀତ ସମିତି, ଶକ୍ତି ନଗର, ବରଗଡ଼,ସମୟ: ସନ୍ଧ୍ୟା ୬ଟା।

**ବୌଦ୍ଧ**
- ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ରାମଚନ୍ଦ୍ରଙ୍କ ଯୁଗ୍ମ ମନ୍ଦିର ବାର୍ଷିକୋତ୍ସବ ଅବସରରେ ନାମଯଜ୍ଞ, ସ୍ଥାନ: ନାରାୟଣ ନଗର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ନବମ ଗଡଜାତ ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ, ବୀରନରସିଂହପୁର, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ଜାତୀୟ କନ୍ୟା ଦିବସ ଅବସରରେ ବେଟି ବଚାଓ ବେଟି ପଢ଼ାଓ ପଦଯାତ୍ରା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍ସବ ପ୍ରଧାନପାଟ ୨୦୨୬ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ ବଡ଼ବଗିଚା, ସମୟ: ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ପାତାଳି ମହୋତ୍ସବରେ ଛପନ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ,ଉଲୁଣ୍ଡା ବ୍ଲକ, ସମୟ:ସକାଳ ୭ଟା।
- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜେଏସସିସି କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କେନଝିରିଆପାଲି ହାଇ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ପାତଳଗଙ୍ଗା ମହୋତ୍ସବ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ଦ୍ୱାରଶନୀ ମନ୍ଦିରଠାରୁ ହାଇସ୍କୁଲ ପଡିଆ, ସମୟ: ସକାଳ ୮ଟା।
- ପୌର ପ୍ରଶାସନର ବନ୍ଦେ ମାତରମ୍ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ.୭ କୁରୁମୁଣ୍ଡା, ଖରିଆର ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।
- ପାତାଳଗଙ୍ଗା ଲୋକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବୋଡେନ ଉଚ୍ଚ ବିଦ୍ୟାଳୟ ପଡିଆର ଦ୍ୱାରଶନୀ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ଏକାଦଶ ସ୍କନ୍ଦ ଭାଗବତ ପଠନ, ସ୍ଥାନ:ମହାକାଳ ମନ୍ଦିର,ବାଗଡ଼ିହି, ସମୟ:ସକାଳ ୮ଟା।
- ନେତାଜୀ ହାଇସ୍କୁଲର ସିଲଭର ଜୁବ୍ଲି ଉତ୍ସବ ପାଳନ, ସ୍ଥାନ:ନେତାଜୀ ହାଇସ୍କୁଲ, ବୁଢୀପଦର, ସମୟ: ପୂର୍ବାହ୍ନ ୧୦ଟା।
- ଶିପୁରା ଗ୍ରାମବାସୀଙ୍କ ଦ୍ୱାରା ବଡ଼ମାଳ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବଡ଼ମାଳ ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ମାନେକାଙ୍କୁ ଅଦାଲତ ଅବମାନନା ଚେତାବନୀ

## ବୁଲା କୁକୁର ରାୟକୁ ସମାଲୋଚନା ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ବୁଲା କୁକୁର ସମ୍ପର୍କିତ ରାୟକୁ ସମାଲୋଚନା କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର କ୍ଷୁବ୍ଧ ହୋଇଛନ୍ତି। ମାନେକା ଅଦାଲତ ଅବମାନନା କରିଥିବା ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦିପ୍ ମେହେଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ କିଛି ଚିନ୍ତା ନ କରି ଯେକୌଣସି ମନ୍ତବ୍ୟ ଦେଇଦେଉଛନ୍ତି। ତେବେ ଉଦାରତା କାରଣରୁ ଖଣ୍ଡପୀଠ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରୁ ନ ଥିବା କହିଛନ୍ତି।


ମାନେକା ଗାନ୍ଧୀ

ବୁଲା କୁକୁର ସମସ୍ୟା ଦୂର କରିବା ଦିଗରେ ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭାବେ ମାନେକା କ'ଣ ଆର୍ଥିକ ବ୍ୟବସ୍ଥା କରିଛନ୍ତି ବୋଲି ଜଷ୍ଟିସ୍ ମେହେଟ୍ଟା ତାଙ୍କ ଓକିଲ ରାଜୁ ରାମଚନ୍ଦ୍ରନଙ୍କୁ ପ୍ରଶ୍ନ କରିଥିଲେ। ବଜେଟ ମଞ୍ଜୁରୀ ଏକ ନୀତିଗତ ବ୍ୟବସ୍ଥା ବୋଲି ରାମଚନ୍ଦ୍ରନ କହିଥିଲେ। ଆତଙ୍କବାଦୀ ଅଜମଲ କସବ ମଧ୍ୟ ଅଦାଲତ ଅବମାନନା କରି ନ ଥିଲେ, କିନ୍ତୁ ଆପଣଙ୍କ ମହକିଲ କରିଛନ୍ତି ବୋଲି ରାମଚନ୍ଦ୍ରନଙ୍କୁ ଜଷ୍ଟିସ୍ ନାଥ କହିଥିଲେ।

ସୂଚନାଯୋଗ୍ୟ, କୁକୁର କାମୁଡ଼ିଲେ ସମ୍ପୃକ୍ତ ରାଜ୍ୟକୁ ବିପୁଳ କ୍ଷତିପୂରଣ ଦେବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ ଗତ ୧୩ ତାରିଖରେ ରାୟ ଦେବା ସହ ଯେଉଁମାନେ କୁକୁରଙ୍କୁ ବାହାରେ ଖାଦ୍ୟ ଦେଉଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରାଯିବ ବୋଲି କହିଥିଲେ। ଗତ ୫ ବର୍ଷ ହେଲା ବୁଲା କୁକୁରଙ୍କ ପାଇଁ ଥିବା ନିୟମର ଅନୁପାଳନ ହେଉ ନ ଥିବାରୁ ସର୍ବୋଚ୍ଚ ଅଦାଲତ ଚିନ୍ତାବ୍ୟକ୍ତ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

### ତଦନ୍ତ କରିବ...

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ କରିବାକୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟର ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦୁର୍ନୀତି ନିରୋଧୀ ବ୍ୟୁରୋ (ଏସିବି) କର୍ମଚାରୀଙ୍କୁ ଦୁର୍ନୀତି ଓ ଲାଞ୍ଚ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଖଣ୍ଡପୀଠ କହିଛନ୍ତି। ତେବେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ବିନା ୱାରେଣ୍ଟରେ ଗିରଫ କରିପାରିବା ସହ ତଦନ୍ତ କରିପାରିବ।

ରାଜସ୍ଥାନ ହାଇକୋର୍ଟ ଜଣେ କେନ୍ଦ୍ରୀୟ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ମାମଲା ଖାରଜ କରିବାକୁ ମନା କରିଦେଇଥିବାବେଳେ ସର୍ବୋଚ୍ଚ ଅଦାଲତ ଉକ୍ତ ରାୟକୁ କାଏମ ରଖିବା ଅବସରରେ ଉପରୋକ୍ତ ରାୟ ଦେଇଛନ୍ତି। ଅଭିଯୁକ୍ତ କେନ୍ଦ୍ରୀୟ କର୍ମଚାରୀ ହୋଇଥିଲେ ମଧ୍ୟ ଦୁର୍ନୀତି ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ଆପରାଧିକ ମାମଲା ରୁଜୁ କରିବା କ୍ଷମତା ରାଜସ୍ଥାନ ଏସିବିର ରହିଛି ବୋଲି ହାଇକୋର୍ଟ ରୁଲିଂ ଦେଇଥିଲେ। ହାଇକୋର୍ଟ ଠିକ୍ ନିଷ୍ପତ୍ତି ନେଇଛନ୍ତି। କେବଳ ସିବିଆଇ ଦୁର୍ନୀତି ମାମଲାର ତଦନ୍ତ କରିପାରିବ କହିବା ଭୁଲ୍ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି।

### ହୀରାକୁଦରେ ୫ ନୂଆ...

୫ ନୂତନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି। ସେଥିମଧ୍ୟରେ ରଡିକ୍ରେକ୍, ଗ୍ରେଟର୍ ପେଣ୍ଟେଡ୍ ସ୍ନାଇପ୍, ପେଣ୍ଟେଡ୍ ଷ୍ଟର୍କ, ଲିଟିଲ୍ ଗଲ୍ ଓ ସେଣ୍ଡର୍ଲିଂ। ଏହି ନୂତନ ପ୍ରଜାତିର ସମସ୍ତ ପକ୍ଷୀ ସାଇବେରିଆ ଓ ଉତ୍ତର ଆମେରିକା ଅଞ୍ଚଳର ବୋଲି ସେ କହିଛନ୍ତି। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଲାଉଁସରା ଅଞ୍ଚଳରେ ସର୍ବାଧିକ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି। ତେବେ ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରରେ ସର୍ବାଧିକ ୭୧ହଜାର ପଫ୍ଟେଡ୍ ଡକ୍, ଦ୍ୱିତୀୟ ସର୍ବାଧିକ ପ୍ରାୟ ୬୦ ହଜାର ଲେସର୍ ହ୍ୱିସିଲିଂ ଓ ତୃତୀୟ ସର୍ବାଧିକ ୫୦ ହଜାର ସଂଖ୍ୟକ କମନ୍ କୁଟ୍ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଛି ବୋଲି ଡିଏଫ୍ଓ ଦାସ କହିଛନ୍ତି।

ସୂଚନାଯୋଗ୍ୟ ଯେ, ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ଓ ପାୱାର ଚ୍ୟାନେଲ୍ ଆଦି ଅଞ୍ଚଳରେ ୨୦୨୬ ଜାନୁୟାରୀ ୧୮ ତାରିଖ ସକାଳ ୫ଟାରୁ ସନ୍ଧ୍ୟା ୬ଟାରେ ସମ୍ପୂର୍ଣ୍ଣ ଆର୍ଦ୍ରଭୂମି ପକ୍ଷୀ ଗଣନା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପକ୍ଷୀ ବିଶେଷଜ୍ଞ, ବନକର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଏକ ୯୨ଜଣିଆ ପ୍ରତିନିଧି ୩୨ଟି ଦଳରେ ଭାଗ ହୋଇ ୨୧ଟି ସେକ୍ଟରରେ ବିଭକ୍ତ ସମଗ୍ର ଜଳଭଣ୍ଡାରରେ ପକ୍ଷୀ ଗଣନା କରିଥିଲେ। ୨୦୨୫ ମସିହାରେ ଏଠାରେ ପ୍ରାୟ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ଟି ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଥିଲା।

### ୩ ରାଜ୍ୟକୁ ଗଲା...

ବ୍ୟାଙ୍କରୁ ଏଭଳି ଲୁଟ୍ ଘଟଣା ପୋଲିସର ନିଦ ହଜାଇଛି। ଏ ସମ୍ପର୍କରେ ବ୍ୟାଙ୍କ ବିଏମ୍ ପଙ୍କଜ କୁମାର ବର୍ଣ୍ଣୱାଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ତଥ୍ୟ ଦେବାର ଅନୁମତି ନାହିଁ ବୋଲି କହିଥିଲେ। ବଡବିଲ ପୋଲିସ ପକ୍ଷରୁ ଜାରୀ କରାଯାଇଥିବା ଏସ୍‌ଓପି ବିଷୟରେ ପଚାରିବାରୁ ସେ କହିଥିଲେ, ଉଚ୍ଚ ଅଧିକାରୀଙ୍କୁ ସୁରକ୍ଷାକର୍ମୀ ନିୟୋଜନ ନେଇ ପତ୍ରାଳାପ କରାଯାଇଥିଲେ ହେଁ ସୁରକ୍ଷା କର୍ମୀ ଦିଆଯାଇ ନ ଥିଲା। ଅପରପକ୍ଷେ ବ୍ୟାଙ୍କରୁ ଲୁଟ୍ ଘଟଣାକୁ ନେଇ ବ୍ୟାଙ୍କର ଇଣ୍ଟରନାଲ ଇନ୍‌କ୍ୱାରି ଚାଲିଥିବା ଜଣାପଡିଛି। ଭୁବନେଶ୍ୱରରୁ ଆସିଥିବା ବ୍ୟାଙ୍କର ଡେପୁଟି ଜୋନାଲ ମ୍ୟାନେଜର ସଞ୍ଜୀବ ଦାସ କହିଛନ୍ତି, ବ୍ୟାଙ୍କ ତରଫରୁ ଥାନାରେ ଏତଲା ଦିଆଯାଇଛି। କେତେ ଟଙ୍କା ବା କେତେ ପରିମାଣର ସୁନା ଅଳଙ୍କାର ଲୁଟ ହେଲା ସେ ନେଇ କୌଣସି ତଥ୍ୟ ଗଣମାଧ୍ୟମକୁ ଦେଇପାରିବୁ ନାହିଁ ବୋଲି ସେ କହିଛନ୍ତି। ତେବେ କ୍ୟାଶିୟର ଏକ ଟ୍ରେନିଂରେ ଯାଇଥିବାରୁ ସେ ଅନୁପସ୍ଥିତ ରହିଥିବା ନେଇ ବିଏମ୍ ବର୍ଣ୍ଣୱାଲ ସୂଚନା ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କାଳ ତ ହେଲାଣି ବାବରା**
**ଅସତୀ ଖାଇଲେ ସରୁ ଚାଉଳ**
**ସତୀ କି ନ ମିଳେ ବଗଡ଼ା ।**

ବିଟପି ବା ଦୁଶ୍ଚରିତ୍ର ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା'ଠାରୁ କାହିଁ କେତେଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୁଳ କନିଆଁ କି କାଳୀ,**
**ତୀର୍ଥ ଜଳ କି ଗୋଳି ?**

ଉଚ୍ଚବଂଶୀୟା କନ୍ୟା ଯେତେ ଶ୍ୟାମଳୀ ହେଲେ ମଧ୍ୟ ସେ ଆଦୃତା ବା ଗ୍ରହଣୀୟା ହୋଇଥାଏ। ସେହିପରି ତୀର୍ଥଜଳ ଗୋଳିଆ ହେଲେ ବି ତାକୁ ପବିତ୍ର ବୋଲି ମନେ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ


ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ପ୍ରତିଷ୍ଠା ଲାଭ କରିବେ। ଶନି କ୍ଷେତ୍ରସ୍ଥ ରବି ହେତୁ ଭଲ କଥା କହିଲେ ମଧ୍ୟ ତାହାକୁ ଅନ୍ୟମାନେ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ବୃଷ**
ବନ୍ଧୁଙ୍କ ସହାୟତାରେ ଆଜିର କର୍ମକ୍ଷେତ୍ରରେ ପ୍ରତ୍ୟେକ କାମକୁ ସୁରୁଖୁରୁରେ କରାଇନେବେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଅଶାନ୍ତିଜନିତ ମାନସିକ ଉଦ୍‌ବେଗ ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରୁ ସୁଫଳ ମିଳିବ। କିନ୍ତୁ ପରିବହନ, ପ୍ରକାଶନ ଏବଂ ପ୍ରଶାସନିକ ସ୍ତରରେ ସମସ୍ୟା ଆସିପାରେ।

**ମିଥୁନ**
ଆଜି ଶାରୀରିକ ସ୍ୱାସ୍ଥ୍ୟ ସଙ୍ଗକୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି। ଭୁଲ୍ ବୁଝାମଣା କାରଣରୁ ସହକର୍ମୀଙ୍କ ପ୍ରତ୍ୟେକ କଥା ଓ କାର୍ଯ୍ୟକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**କର୍କଟ**
ମନ ବିଚଳିତ ରହିବା କାରଣରୁ ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ କଷ୍ଟକର ହେବ। ପାପଗ୍ରହ ଯୁକ୍ତ ଚନ୍ଦ୍ରଙ୍କ ପ୍ରଭାବରେ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେଇପାରନ୍ତି। ନିର୍ମାଣ, ପ୍ରେସ୍, ପବ୍ଲିକେଶନ ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହେବ। ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟିର ଆଶଙ୍କା ମଧ୍ୟ ରହିଛି।

**ସିଂହ**
ମନରେ ଅଶାନ୍ତି ଭରି ରହିଥିଲେ ମଧ୍ୟ ଶୁକ୍ରଙ୍କ ପ୍ରଭାବରେ କୌଣସି କାର୍ଯ୍ୟ ଅଟକିବ ନାହିଁ। ବୃହସ୍ପତିଙ୍କ ଦ୍ୱାରା ନୂତନ ଯୋଜନାରମ୍ଭରେ ମୌଖିକ ଆଲୋଚନା କରିବା ଭଲ। ହିତୈଷୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳା କାରଣରୁ ମଘା ନକ୍ଷତ୍ରର କେତେକ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**
ଶନିଙ୍କ କୁପ୍ରଭାବରୁ ସନ୍ତାନଙ୍କ ବିଶୃଙ୍ଖଳାରୁ ଅଶାନ୍ତ ରହିପାରନ୍ତି। ଏହା ସଙ୍ଗକୁ ପାପଯୁକ୍ତ ଚନ୍ଦ୍ର ମଧ୍ୟ ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। କୌଣସି ଭଦ୍ର ମହିଳାଙ୍କ ସହଯୋଗରେ ବକେୟା ଅର୍ଥ ଆଦାୟ କରିପାରନ୍ତି।

**ତୁଳା**
ଆଜି ଅର୍ଥ ଓ ସମ୍ମାନ ଲାଭର ସୁଯୋଗ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟରେ ସ୍ଥଗିତ କାର୍ଯ୍ୟକୁ ପୁନଃ ଆରମ୍ଭର ଯୋଜନା କରିପାରନ୍ତି। କେତେକ ଅପୂରଣୀୟ ଆଶା ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। ଆଜିର କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ସାହିତ୍ୟ, ସାମ୍ବାଦିକତା ଓ ଅର୍ଥନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା**
ଚିନ୍ତାଧାରା ଅନୁଯାୟୀ କୌଣସି କାର୍ଯ୍ୟ ହୋଇପାରିବ ନାହିଁ, ଯାହାକୁ ନିଜର ମନେକରୁଛନ୍ତି, ସେହିମାନଙ୍କର କାର୍ଯ୍ୟକଳାପ ହିଁ ଅଶାନ୍ତିର ପୃଷ୍ଠଭୂମି ସାଜିବ। ପରିବାରରେ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ କରିପାରିବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନରେ ସମସ୍ୟା ସମାଧାନ ହେବାର ଆଶା ରହିଛି।


**ଧନୁ**
ପରିବାର ସ୍ଥାନରେ ଶନି ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଅବହେଳିତ କରି ରଖିପାରନ୍ତି। ଅଷ୍ଟମାଧିପତି ତୃତୀୟସ୍ଥ ଯୋଗୁ ଭ୍ରାତୃବିବାଦରୁ ଅସ୍ଥିରତା ଯୋଗୁ ବିଷାଦଗ୍ରସ୍ତ ରହିବେ। ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ସାମ୍ନା କରିବାରେ ସଫଳ ହେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ।

**ମକର**
ପାପଯୁକ୍ତ ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ଅସ୍ଥିରତା ପ୍ରତ୍ୟେକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିବ। ଶନି ଆପଣଙ୍କୁ ମୂଲ୍ୟହୀନ କଥାରେ ନିମଗ୍ନ କରାଇ ବ୍ୟଥିତ କରିପାରେ। ଏକାଧିକ କାର୍ଯ୍ୟରେ ଜଡ଼ିତ ରହି କୌଣସି କାର୍ଯ୍ୟରେ ସଫଳତା ପାଇବେ ନାହିଁ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇଁ ବନ୍ଧୁଙ୍କୁ ବିନୟପୂର୍ଣ୍ଣ କଥା କହିପାରନ୍ତି।

**କୁମ୍ଭ**
ଲାଗିରହିଥିବା ସ୍ୱାସ୍ଥ୍ୟ ସମସ୍ୟା, କରଜ ଓ ପୂର୍ବ ଶତ୍ରୁତା ସମ୍ବନ୍ଧୀୟ ଦୁଶ୍ଚିନ୍ତା ବିଚଳିତ କରିପାରେ। ଆଜିର ଯାତ୍ରା, ବନ୍ଧୁସମ୍ପର୍କ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିପାରିବେ। ପରିବାରରେ ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି।

**ମୀନ**
ପାପଯୁକ୍ତ ଚନ୍ଦ୍ର ଦ୍ୱାଦଶଭାବସ୍ଥ ହେତୁ ପରିସ୍ଥିତିବଶତଃ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ସମ୍ପର୍କୀୟମାନଙ୍କ ଅଭିଯୋଗ ଏବଂ ପଡ଼ୋଶୀଙ୍କ ଟାହି ଟାପରା ମନକୁ ବିଭ୍ରାନ୍ତ କରିପାରେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଜାନୁୟାରୀ ୨୧ ତାରିଖ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ, ମାଘ ଶୁକ୍ଳ ତୃତୀୟା ବୁଧବାର। ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦିବା ଘ.୦୧।୫୭ମି. ଗତେ ଶତଭିଷା, ନକ୍ଷତ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬।୨୭ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୩୫ମି. ଗତେ ଘ.୧୧।୩୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୭ମି. ଗତେ ଘ.୦୧।୨୦ମି. ମଧ୍ୟେ ରାହୁ କାଳ।




# ନବୀନ ନିବାସରେ ବୈଠକ

ଭୁବନେଶ୍ୱର, ୨୦।୧
(ସୁଜିତ୍ ମିଶ୍ର)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କିଛିଦିନ ହେଲା ବହୁମାତ୍ରାରେ ଚଳଚଞ୍ଚଳ ହୋଇ ଦଳୀୟ କାର୍ଯ୍ୟକ୍ରମ କରୁଛନ୍ତି। କେତେବେଳେ ବିଧାୟକମାନଙ୍କ ସହ ସିଧାସଳଖ ଆଲୋଚନା କରୁଛନ୍ତି ତ ଆଉ କେତେବେଳେ ବରିଷ୍ଠ ନେତାଙ୍କୁ ନବୀନ ନିବାସକୁ ଡାକି କଥା ହେଉଛନ୍ତି। ନବୀନ ନିବାସ ଭିତରୁ ବାରମ୍ବାର ଡକରା ମିଳିବା ପରେ ହାତଗଣତି କେତେଜଣ ନେତା ବର୍ତ୍ତମାନ କୁହୁକୁହୁ ହୋଇପଡ଼ିଛନ୍ତି। ଯେତେବେଳେ ସେମାନେ ନବୀନ ନିବାସରେ ପଶୁଥିବାର ଭିଡିଓ ଏବଂ ଫଟୋ ଗଣମାଧ୍ୟମରେ ଦେଖୁଛନ୍ତି ଖୁସିରେ ଫାଟି ପଡ଼ୁଛନ୍ତି ବୋଲି ରାଜନୈତିକ ମହଲରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ହେଲେ ରାଜ୍ୟ ରାଜନୀତିରେ ଏବଂ ନିଜ ନିର୍ବାଚନମଣ୍ଡଳୀ ବା ଜିଲାରେ ଏକାଧିକ ଥର ନିର୍ବାଚନ ଲଢି ବିଜୟୀ ହେଉଥିବା ଅନେକ ଚେହେରା ବର୍ତ୍ତମାନ ଦଳରେ ଅଲୋଡ଼ା ହୋଇପଡ଼ିଛନ୍ତି। ରାଜ୍ୟରେ ଏଭଳି ଉଦାହରଣ ଦେଖିଲେ ଅନେକଙ୍କ କଥା ଉଲ୍ଲେଖ କରାଯାଇପାରିବ।

ସୂଚନାଯୋଗ୍ୟ, ନବୀନ ନିବାସରେ କେତେଜଣ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ ଏବଂ ଦେବୀ ମିଶ୍ରଙ୍କ ସହିତ ନବୀନ ମଙ୍ଗଳବାର ଆଲୋଚନା କରିଛନ୍ତି। ମିଳିଥିବା ସୂଚନା ମୁତାବକ, ନିକଟରେ ଦଳରୁ ୨ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କରିବା ପରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ବିରୋଧରେ କାହିଁକି କେହି ପ୍ରତିକ୍ରିୟା ଦେଉନାହାନ୍ତି ବୋଲି ଜୁଆଡ଼େ ନବୀନ ପଚାରିଥିଲେ। ତେବେ ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଞ୍ଜୟ କହିଛନ୍ତି, ବାଲେଶ୍ୱର ଜିଲା ସେକ୍ ମକାନ୍ଦର ମହମ୍ମଦଙ୍କୁ ବାଡ଼େଇ ମାରିଦିଆଯାଇଥିବା ଘଟଣାକୁ ନେଇ ନବୀନ ଉଦ୍‌ବେଗ ପ୍ରକାଶ କଲେ। ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କୁ ହତ୍ୟା କରାଯାଉଛି। ଏ ସମ୍ପର୍କରେ ନବୀନ ଜାଣିବାକୁ ଚାହିଁଥିଲେ ବୋଲି ସଞ୍ଜୟ କହିଛନ୍ତି। ରାଜନୈତିକ ମହଲରେ ହେଉଥିବା ଆଲୋଚନା ମୁତାବକ, ସଞ୍ଜୟ ରାଜନୈତିକ ଦୃଷ୍ଟିକୋଣରୁ ନବୀନଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଗଣମାଧ୍ୟମରେ କହିବାକୁ ନ ଚାହିଁବା ସ୍ୱାଭାବିକ। ବିଗତ ଦିନରେ ନବୀନ ମୁମ୍ବାଇରେ ଚିକିତ୍ସାଧୀନ ଥିବାବେଳେ ରାଜ୍ୟର ବହୁ ନେତା ତାଙ୍କୁ ଭେଟିବା ଲାଗି ସେଠାକୁ ଯାଇ କରିଥିଲେ। ହେଲେ ଶେଷରେ ଭିଡିଓ କଲ୍ କରିଆରେ ସେମାନେ ସେଠାରେ ନବୀନଙ୍କ ଭେଟିବାର ସୁଯୋଗ ପାଇଥିଲେ। ସେଠାରୁ ଫେରି ବାହାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଞ୍ଜୟ ଏବଂ ଦଳର ରାଜ୍ୟ ସଭା ସଦସ୍ୟ ନବୀନଙ୍କ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିବା କଥା କହିଥିଲେ। ହେଲେ ମୁମ୍ବାଇ ଗସ୍ତ କରିଥିବା ବହୁ ନେତା ସତ କଥା କହିବା ପରେ ଗଣମାଧ୍ୟମକୁ ସଞ୍ଜୟ ଓ ମାନସ ଦେଇଥିବା ତଥ୍ୟକୁ ନେଇ ଚର୍ଚ୍ଚା ହେଉଥିଲା।



## ଏମାନେ ଏବେ ଅଲୋଡ଼ା

ଲକ୍ଷ୍ୟ କରାଯାଉଛି, ଦଳର ବହୁ ବରିଷ୍ଠ ନେତା ଯେପରି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ଅରୁଣ କୁମାର ସାହୁ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ଅନେକ ନେତା ବର୍ତ୍ତମାନ ବହୁ କାର୍ଯ୍ୟରେ ଲୋଡ଼ା ପଡୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯଦି ଆମେ ପ୍ରସନ୍ନ ଆଚାର୍ଯ୍ୟଙ୍କ କଥା ଆଲୋଚନା କରିବା ସେ ୩ ଥର ଲୋକ ସଭା, ଥରେ ରାଜ୍ୟ ସଭା ଏବଂ ୪ଥର ବିଧାନସଭାକୁ ନିର୍ବାଚିତ ହେଉଛନ୍ତି। ସେହିପରି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୮ଥର ବିଧାନସଭାକୁ ନିର୍ବାଚିତ ହୋଇଆସୁଛନ୍ତି। ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ବିଧାୟକ ଅରୁଣ କୁମାର ସାହୁ ୨୦୦୪ରୁ ଲଗାତର ଏଯାଏଁ ବିଧାନସଭାକୁ ଜିତି ଆସୁଛନ୍ତି। ଦେଖାଯାଉଛି ୮ଥର, ୫ଥର ଲେଖା ଜିତିଥିବା ନେତାଙ୍କୁ ଦଳ ଲୋଡୁନାହିଁ ବରଂ ଯିଏ ନିର୍ଦ୍ଦିଷ୍ଟ ଗୋଟିଏ ଗୋଷ୍ଠୀ ସହି ରହୁଛନ୍ତି ସେମାନଙ୍କୁ ବାରମ୍ବାର ଡକରା ମିଳୁଛି। ୨୦୨୪ ସାଧାରଣ ନିର୍ବାଚନ ପରେ ବିଜେଡି ଓଡ଼ିଶାରେ ବିରୋଧୀ ଦଳକୁ ଆସିଯାଇଛି। ବିଧାନସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସମୟରେ ବିଜେଡି ବରିଷ୍ଠ ନେତା ରଣେନ୍ଦ୍ର ଏବଂ ଅରୁଣ ଶାସକ ଦଳକୁ ଶାଣିତ ଢଙ୍ଗରେ ଟାର୍ଗେଟ କରୁଛନ୍ତି। ସରକାରଙ୍କ ବିଭିନ୍ନ ଅଭିମୁଖ୍ୟକୁ ନେଇ ସେମାନେ ଶାସକ ଦଳକୁ ଅନେକ ସମୟରେ କାଠଗଡ଼ାରେ ଠିଆ କରୁଛନ୍ତି। ଦଳରେ ଥିବା ଅନ୍ୟ ଯୁବ ବିଧାୟକମାନେ ମଧ୍ୟ ଏହି ୨ ନେତାଙ୍କଠାରୁ ଅନେକ କିଛି ଜାଣିବାକୁ ଚାହୁଁଥିବା ଲକ୍ଷ୍ୟ କରାଯାଉଛି। ହେଲେ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଏମାନଙ୍କୁ ଲୋଡ଼ା ନ ଯିବା ନେଇ ଚର୍ଚ୍ଚା ହେଉଛି। ସେହିପରି ପଶ୍ଚିମ ଓଡ଼ିଶାର ବହୁ ନେତା ବର୍ତ୍ତମାନ ବିଜେଡି ସହ ଆଉ ନାହାନ୍ତି କହିଲେ ଏକ ପ୍ରକାର ଠିକ୍ ହେବ। ନୂଆପଡ଼ା ଜିଲାରେ ଉପନିର୍ବାଚନ ସମୟରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ନେତା ସେଠାରେ ନ ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କେବଳ ସେ ନୁହନ୍ତି, ଆହୁରି ଅନେକ ପଶ୍ଚିମ ଓଡ଼ିଶା ନେତା ଏବେ ଦଳୀୟ ବ୍ୟାପାରଠାରୁ ଦୂରେଇଗଲା ଭଳି ମନେହେଲାଣି। ସେହିପରି ବରିଷ୍ଠ ନେତା ଶଶିଭୂଷଣ ବେହେରା, ବଦ୍ରିନାରାୟଣ ପାତ୍ରଙ୍କ ଭଳି ବହୁ ନେତା ବର୍ତ୍ତମାନ ଦଳୀୟ ବ୍ୟାପାରରେ ଲୋଡ଼ା ପଡୁନାହାନ୍ତି।

## ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ରାଉରକେଲା,୨୦।୧(ସଂଗୀତା ଜେନା)

୨୦୨୧ରେ ଟାଙ୍ଗରପାଲୀ ଥାନା ଅଞ୍ଚଳରେ ସଙ୍ଘଟିତ ଏକ ବଳାତ୍କାର ମାମଲାରେ ମଙ୍ଗଳବାର ଦୋଷୀ ସାବ୍ୟସ୍ତ ହୋଇଥିବା ଶଙ୍କର ସିଂହଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏହି ଘଟଣାରେ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ୨ଲକ୍ଷ ଜରିମାନା ଏବଂ ଜରିମାନା ଅନାଦାୟ ଅତିରିକ୍ତ ୨ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୧୧ତାରିଖ ପୂର୍ବାହ୍ନ ୧୦ଟାରେ ଟାଙ୍ଗରପାଲୀ ଥାନା ଅଞ୍ଚଳରେ ପୀଡ଼ିତା ନାବାଳିକାଙ୍କ ମା' ଓ ଜେଜେ କାମ କରିବାକୁ ବାହାରକୁ ଯାଇଥିଲେ। ନାବାଳିକାଙ୍କ ଜେଜେମା'ଙ୍କ ଠାରୁ ଫୋନ୍ କଲ୍ ପାଇ ତାଙ୍କ ମା' ଘରକୁ ଆସି ଝିଅକୁ ଟାଙ୍ଗରପାଲୀ ଥାନା ଅଧୀନ କଲୋନୀରେ ରହୁଥିବା ଶଙ୍କର ବଳାତ୍କାର କରିବା ସମୟରେ ଧରାପଡ଼ିଥିବା ଜାଣିବାକୁ ପାଇଥିଲେ। ଘଟଣା ଦିନ ଅପରାହ୍ନ ୧ଟା ୩୦ରେ ପୀଡ଼ିତାଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ଫାଷ୍ଟଟ୍ରାକ୍ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ବିଚାର ସମୟରେ ୧୪ ଜଣଙ୍କ ସାକ୍ଷ୍ୟ, ୩ ଜଣଙ୍କ ସେରେଇ ସାକ୍ଷ୍ୟ ଓ ଦସ୍ତାବିଜ୍‌କୁ ଆଧାର କରି ଫାଷ୍ଟଟ୍ରାକ୍ (ପୋକ୍‌ସୋ) କୋର୍ଟ ବିଚାରପତି ପି. ସୁର୍ଯ୍ୟାରାଓ ଅଭିଯୁକ୍ତ ଶଙ୍କରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ଏପିପି) ଅମ୍ବିକା ପ୍ରସାଦ ସିଂ, ଜିଲା ଅଭିଯୋଜକ କହ୍ନେଇଲାଲ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାମଲା ପରିଚାଳିତ ହୋଇଥିଲା।

# ଚାଷଜମିରେ ବୋମା

ଦିଗପହଣ୍ଡି,୨୦।୧
(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବୋମକେଇ ପଞ୍ଚାୟତ କୁମରଡ଼ା ଗ୍ରାମ ବଡ଼ବନ୍ଧ ପୋଖରୀ ନିକଟସ୍ଥ ରଘୁ ପ୍ରଧାନଙ୍କ ଘର ବାରିପଟ ଚାଷଜମିରୁ ମଙ୍ଗଳବାର ସକାଳେ କେତୋଟି ହାତବୋମା ମିଳିଛି। ଖବର ପ୍ରଚାର ହେବା ପରେ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ପୋଲିସ ପହଞ୍ଚି ସବୁ ବୋମା ଜବତ କରି ତଦନ୍ତ ଜାରି ରଖିଛି। ସକାଳେ ଗ୍ରାମର କେହେ ଜଣ ବ୍ୟକ୍ତି ସେହି ଚାଷଜମି ଦେଇ ଯାଉଥିବା ବେଳେ ଏକ ପ୍ଲାଷ୍ଟିକ ବାଲ୍‌ଟିରେ ଚାଷଜମିରେ କିଛି ରଖାଯାଇଥିବା ଦେଖିଥିଲେ। ପାଖକୁ ଯାଇ ଦେଖିବାରୁ ବାଲ୍‌ଟି ଭିତରେ ବୋମା ଥିଲା। ବୋମା ଥିବା ଦେଖି ସେମାନେ ଜେ. ନୂଆଗାଁ ଥାନାକୁ ଜଣାଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବୋମାଗୁଡ଼ିକୁ ଜବତ କରିଥିଲା। ଚାଷଜମିରେ ବୋମା କିଏ ରଖିଥିଲେ। ତାଙ୍କ ଉଦ୍ଦେଶ୍ୟ କ'ଣ ହୋଇପାରେ ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଆଇଆଇସି କିଶୋର ସାମଲଙ୍କ ଏତଲାକ୍ରମେ ନଂ.୨୪/୨୬ରେ ଏକ ମାମଲା ରୁଜୁ ହୋଇଛି। କିଛିଦିନ ହେଲା ଗ୍ରାମ



ବାଲ୍‌ଟିରୁ ବାହାର କରି ରଖାଯାଇଥିବା ବୋମା।

ନିକଟରେ କେତେଜଣ ଯୁବକ ସଂଘବଦ୍ଧ ଭାବେ ଜୁଆ ଆଡ୍ଡା ଚଳାଉଛନ୍ତି। ଏହି ଜୁଆଆଡ୍ଡାକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ବୋମାମାଡ଼ କରିବା ଉଦ୍ଦେଶ୍ୟରେ ଏସବୁ ବୋମା ରଖାଯାଇଥିବା କେହି ପୋଲିସ ସନ୍ଦେହ କରୁଛି। ଏ ସମ୍ପର୍କରେ ବ୍ରହ୍ମପୁର ପୋଲିସ ମୁଖ୍ୟାଳୟର ବୋମା ନିଷ୍କ୍ରିୟ ସ୍କ୍ୱାଡ୍‌କୁ ଖବର ଦେଇଛୁ। ସ୍କ୍ୱାଡ୍ ପହଞ୍ଚିଲେ ବୋମାଗୁଡ଼ିକୁ ନିଷ୍କ୍ରିୟ କରାଯିବ ବୋଲି ଆଇଆଇସି ସାମଲ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତିପକ୍ଷ ଗୋଷ୍ଠୀର ବ୍ୟକ୍ତି ମାନଙ୍କୁ ଆକ୍ରମଣକରି ବୋମାମାଡ଼ କରିବାକୁ କେହି ଏସବୁ ବୋମା ରଖିଥିବା ମଧ୍ୟ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଗତ ୩ ମାସ ତଳେ କୁମରଡ଼ା ଗାଁ ନିକଟସ୍ଥ ବୈଷ୍ଣବଦଳି ପାହାଡ ଶ୍ରୀହନୁମାନ ଓ ସାଇ ମନ୍ଦିର ପାର୍ଶ୍ୱରେ ବହୁ ସଂଖ୍ୟକ ବୋମା ଏକ ଖୋଳ ଅଖାରେ ରଖାଯାଇଥିବା ମନ୍ଦିର ପୂଜକ ଦେଖିଥିଲେ। ପରେ ସେ କେତେ ଜଣ ବ୍ୟକ୍ତିଙ୍କ ସହାୟତାରେ ସତର୍କତାର ସହ ବୋମା ଭର୍ତ୍ତି ଅଖାକୁ ଆଣି ନିକଟସ୍ଥ କେନାଲରେ ଫୋପାଡ଼ି ଦେଇଥିଲେ। ଘଟଣା ପରଦିନ କେନାଲରୁ ଏହି ବୋମା ଭର୍ତ୍ତି ଅଖା କେଉଁଆଡେ ଗାଏବ ହୋଇଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹ 350 per sq.cm
Colour : ₹ 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ। ବୟସ ୨୦ ରୁ ୩୫, ଦରମା - ୭୦୦୦ ଏବଂ ରହିବା + ଖାଇବା ସୁବିଧା ଅଛି। ଶିଘ୍ର ଯୋଗାଯୋଗ କରନ୍ତୁ।
Contact : 6372110065

WANTED
Lady Office Assistant
ମାଗଣା ରହିବା + ଖାଇବା
Salary 10000 + Bonus up to 50000 yearly at Near Phulanakhara, Cuttack
Contact : 7809525452

APPOINTMENT
District Disability Rehabilitation Centre (DDRC), Subarnapur
Applications are invited for the following Posts of DDRC, Subarnapur
1. Clinical / Rehab. Psychologist: M.Phil or Prof. Diploma in clinical Psych. / M.Phil or PGDRP (20,500/- (@ 850 p.v), 2. Sr. Prosth. / Orth. (OH Cat): Bachelor in Prost. & Orth. (BPO) From RCI recognized inst. 20,500/- (@ 850 p.v), 3. Prosthetist / Orth. Tech.: Diploma in P&O or Certificate in P&O with 3 years Exp. 14,500/-, 4. Audiologist & Sr. Speech Therapist: Bachelor in Audiology and Speech & Language Pathology (BASLP) or B.SC Speech & Hearing (20,500/- (@ 850 p.v), 5. Voc. Couns.-Cum-Comp. Asst.: Diploma in Vocational Rehab. (DVR) / ADCGC / BRSc (14,500/-), 6. Early Inter. Therapist: PGDDT / PGDEI / BMR / BRSc / BRT / MRSc / MSc-EI (14,500/-).
Candidates shall send their resume within 7days to the PIA, DDRC, Subarnapur, At- Design Display Centre (RTO Office Road), Po- Sonepur, Pin-767017, Dist-Subarnapur, by post / in person or Email: ddrcsubarnapur@rediffmail.com
Contact: 8260292953 (PIA, DDRC, SUBARNAPUR)

Estd.- 1979
7682032632
THE KOSALA SCHOOL
An English Medium Residential Public School
(CBSE Affiliation No. 1530009)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6370708544 / 7682032632
REQUIRES THE FOLLOWING TEACHING & NON TEACHING STAFF

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed. | (Salary is not a constraint for deserving candidates) |
| 2 | TGT | English / Physics /Chemistry/ Biology /Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed. / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/ Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Counselor & Wellness Teacher | | Graduate in psychology or P.G. in Child Development or Graduate with Diploma in career Guidance and Counseling | |
| 5 | Pre Primary Teacher | | Higher Secondary (+2) with NTT / STT | |
| 6 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 7 | Hostel Warden (Male) Age- 25 to 40 years | | Higher Secondary (+2) | |
| 8 | Asst Dining Hall Manager (Male) | | Graduate | |
| 9 | IT Head (Male) | | B.Tech in Computer Science | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent and free fooding.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2026.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no. (given above) from 10.00 A.M. to 2.00 P.M.

Sd./- Principal


# ଦୁର୍ଘଟଣାରେ କାର୍ ଚୂର୍ମାର, ୨ ସାଙ୍ଗ ମୃତ

ବଢ଼ିଆପଡ଼ା,୨୦।୧
(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ତେଲିକଣ୍ଠଠାରେ ମଙ୍ଗଳବାର ଭୋର୍ ସମୟରେ ଏକ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ଏକ କାର୍ ଚୂର୍ମାର ହୋଇଥିବା ବେଳେ କାରରେ ଥିବା ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ମନମୁଣ୍ଡା ଥାନା ଦେଉଳିର ଆଶୁତୋଷ ସାହା (୨୪) ଏବଂ ଗୁଡଭେଲିପଦରର ନିତିନ ଦାରି (୨୪)। ଖବର ପାଇ ବୌଦ୍ଧ ପୋଲିସ ଓ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚ ଆମ୍ବୁଲାନ୍ସ ଯୋଗେ ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏ ନେଇ ଏକ ମାମଲା (ନଂ.୩୫/୨୬) ରୁଜୁ କରାଯାଇଥିବା ଫାଣ୍ଡି ଅଧିକାରୀ ବୃନ୍ଦାବନ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆଶୁତୋଷ ଓ ନିତିନ ଦୁଇ ସାଙ୍ଗ ଏବଂ ଉଭୟ ବଲାଙ୍ଗିରରେ ରହୁଥିଲେ। ସେମାନେ ବଲାଙ୍ଗିରର ଜଣେ ସାଙ୍ଗଙ୍କ କାର୍ (ନଂ.ଓଡି୦୨ଏକ୍ସ/୩୯୨୧)କୁ ନେଇ ବଲାଙ୍ଗିରରୁ ଭୁବନେଶ୍ୱର ଯାଉଥିବା ବେଳେ ଜାତୀୟ ରାଜପଥର ତେଲିକଣ୍ଠଠାରେ ମଙ୍ଗଳବାର ଭୋର୍ ୪ଟା ସମୟରେ ଏକ ଅଜଣା ଗାଡି ପଛପଟୁ ଧକ୍କା ଦେଇ କିଛି ବାଟ ଘୋଷାଡି ନେଇଥିଲା।ଫଳରେ କାର୍ଟି ଚୂର୍ମାର ହୋଇଥିବାବେଳେ ସେଥିରେ ଥିବା ଦୁଇ ସାଙ୍ଗଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡି ଫେରାର ହୋଇଯାଇଛି।

## ତ୍ରୁଟି ସଂଶୋଧନ

ଜାନୁଆରୀ ୨୦ ତାରିଖର 'ଧରିତ୍ରୀ' ପୃଷ୍ଠା-୩ ରେ ପ୍ରକାଶିତ ଖବର 'କଙ୍କ ଓ କଳକରୁ କେବେ ମୁକୁଳିବ କଂଗ୍ରେସରେ ୪ଟି ରାଜ୍ୟ ସଭା ଆସନ ବିଜେଡିର ବୋଲି ଉଲ୍ଲେଖ କରାଯାଇଥିଲା। ସେହି ତଥ୍ୟ ତ୍ରୁଟିପୂର୍ଣ୍ଣ। ବାସ୍ତବରେ ଏହା ଭାଜପାର ୨ଟି ଏବଂ ବିଜେଡିର ୨ଟି ଆସନ। ଏହି ତ୍ରୁଟି ପାଇଁ ଆମେ ଦୁଃଖିତ।
-ସମ୍ପାଦକ



ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। -ଶ୍ରୀଅରବିନ୍ଦ

-ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦ୍ମମୁଖ ବେଶ



# ନଏଡା ଦୁର୍ଘଟଣା

ଘନକୁହୁଡ଼ି ଯୋଗୁ ଦିଲ୍ଲୀ ପାଖ ତଥା ଉତ୍ତରପ୍ରଦେଶ ରାଜ୍ୟର ନ୍ୟୁ ଓଖଲା ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ ଅଥରିଟି (ନଏଡା)ର ସେକ୍ଟର ୧୫୦ ନିକଟରେ ୧୬ ଜାନୁଆରୀ ୨୦୨୬ ବିଳମ୍ବିତ ରାତିରେ ଏକ କାର୍ ଡ୍ରେନ୍ ପାଚେରିରେ ପିଟି ହୋଇ ପାଣିଭର୍ତ୍ତି ଖାତ ମଧ୍ୟକୁ ଖସିପଡ଼ିବାରୁ ଜଣେ ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ଯୁବରାଜ ମେହେଟା ନାମକ ଏହି ଯୁବକ କାମ ସାରି ଘରକୁ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ଅଭିଯୋଗ ହେଉଛି ଯେ ରାସ୍ତାରେ ରିଫ୍ଲେକ୍ଟର ନ ଥିବାରୁ କାର୍ ଡ୍ରେନ୍ ପାଚେରିରେ ଧକ୍କା ହେବା ପରେ ୭୦ ଫୁଟ ଗଭୀର ଖାତକୁ ପଡ଼ିଯାଇଥିଲା। ଜୀବନ ବଞ୍ଚାଇବା ପାଇଁ ଯୁବକ ତାଙ୍କ ପିତାଙ୍କୁ ଫୋନ୍ କରି ଉଦ୍ଧାର ନିବେଦନ କରିଥିଲେ। ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହୁଥିବା ବେଳେ ତାଙ୍କ କାର୍‌ଟି ଗଭୀର ପାଣି ଭିତରକୁ ଚାଲିଯାଇଥିଲା। ଶୁଣିବାକୁ ମିଳୁଛି ଯେ, ସ୍ଥାନୀୟ ପୋଲିସ, ବୁଡ଼ାଳି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀର କର୍ମଚାରୀ ଦୀର୍ଘ ସମୟ ଉଦ୍ଧାର କାର୍ଯ୍ୟରେ ଲାଗି କାର୍‌କୁ ପାଣିରୁ ବାହାର କରିଥିଲେ ମଧ୍ୟ ଯୁବରାଜଙ୍କୁ ବଞ୍ଚାଇ ପାରି ନ ଥିଲେ। ଏହା ନିଶ୍ଚିତ ହୃଦୟ ବିଦାରକ ଘଟଣା। ଯୁବରାଜଙ୍କ ଦୁର୍ଘଟଣା ପୂର୍ବରୁ ସେହି ସ୍ଥାନରେ ଏକ ଟ୍ରକ୍ ଖାତ ଭିତରକୁ ପଶିଯାଇଥିଲା ବୋଲି ତା'ର ଡ୍ରାଇଭର କହିଛନ୍ତି। ହେଲେ ସେ ପାଣିରୁ ଉଠିପଡ଼ିଥିଲେ ଓ ନିଜକୁ ବଞ୍ଚାଇପାରିଥିଲେ। ଦେଖିବାକୁ ଗଲେ ଭାରତର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଖାଲ, ଖୋଲା ନାଳନର୍ଦ୍ଦମା କିମ୍ବା କୌଣସି ଭିତ୍ତିଭୂମି କାମ ପାଇଁ ଖୋଲା ଯାଇଥିବା ଭୂଭାଗ ଦୀର୍ଘଦିନ ମୁକୁଳା ପଡ଼ି ରହିବା ଏକ ସାଧାରଣ ଦୃଶ୍ୟମାନ ଚିତ୍ର। ଏଥିସହିତ ରାସ୍ତାକୁ ମରାମତି କରିବା ଉଦ୍ଦେଶ୍ୟରେ ଯେଉଁସବୁ ଜାଗାରେ ଖୋଳାଯାଇଥାଏ, ସେ ସମ୍ପର୍କରେ କୌଣସି ସଂକେତ ଦିଆଯାଏ ନାହିଁ; ଫଳରେ ମାରାତ୍ମକ ଦୁର୍ଘଟଣା ଘଟିବା ନିଶ୍ଚିତ। ସେଥିଯୋଗୁ ପ୍ରତିବର୍ଷ ଶିଶୁଠାରୁ ଆରମ୍ଭ କରି ଅନେକ ଲୋକଙ୍କ ମୃତ୍ୟୁ ହେଉଥିଲେ ମଧ୍ୟ ସ୍ଥିତିରେ ଉନ୍ନତି ଆସିପାରୁ ନାହିଁ। ଭିତ୍ତିଭୂମି ଗଢ଼ିବା କାର୍ଯ୍ୟରେ ନିୟୋଜିତ ସଂସ୍ଥା ଓ ସରକାରୀ ଅଧିକାରୀଙ୍କ କାର୍ଯ୍ୟ ତଦାରଖରେ ଅବହେଳା ଯୋଗୁ ଅଘଟଣକୁ ରୋକାଯାଇପାରୁ ନାହିଁ।

୨୦୨୫ ଅକ୍ଟୋବରରେ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ରର ରାସ୍ତାରେ ଖାଲଖମା କିମ୍ବା ନର୍ଦ୍ଦମା ଗର୍ତ୍ତରେ ପଡ଼ି ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ। କେବଳ ସେତିକି ନୁହେଁ, ହାଇକୋର୍ଟ ଖଣ୍ଡପୀଠ ଆହୁରି କହିଥିଲେ ଯେ, ସୁରକ୍ଷିତ ରାସ୍ତା ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ମଣିଷ ଜୀବନର ମୌଳିକ ଅଧିକାରର ଏକ ଅବିଚ୍ଛେଦ୍ୟ ଅଂଶ। କ୍ଷତିପୂରଣ ପ୍ରଦାନ ରାଶି ଦାୟୀ ବ୍ୟକ୍ତି ଯଥା ଅଧିକାରୀ, ଇଞ୍ଜିନିୟର କିମ୍ବା ଠିକାଦାରଙ୍କଠାରୁ ଆଦାୟ କରାଯାଇପାରିବ ବୋଲି ବମ୍ବେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ୨୦୨୫ ଅକ୍ଟୋବର ୧୫ରେ ଆମେ ଏହି ସ୍ତମ୍ଭରେ 'ଦାୟୀଙ୍କଠାରୁ ଆଦାୟ' ଶୀର୍ଷକ ଲେଖା ପ୍ରକାଶ କରିଥିଲୁ। ଦର୍ଶାଇଥିଲୁ ଯେ, ଦାୟିତ୍ୱରେ ଖିଲାପ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହେବା କଥା ଏବଂ ଯେଉଁ ସରକାରୀ କର୍ମଚାରୀ ଅଘଟଣ ଘଟିବାର ବର୍ଷକ ମଧ୍ୟରେ ଅବସର ନେଇଥିବେ ତାଙ୍କ ପେନସନ୍‌ରୁ ମଧ୍ୟ କ୍ଷତିପୂରଣ ରାଶି ଭରଣା ହେବା ଦରକାର। ଏଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ସିଭିକ୍ ଆକାଉଣ୍ଟାବିଲିଟି ବା ନାଗରୀୟ ଉତ୍ତରଦାୟିତ୍ୱକୁ ବଢ଼ାଇବାରେ ସହାୟକ ହୋଇପାରନ୍ତା। ଆଉ ଏକ ବିଷୟ ହେଲା ନଏଡା ଯୁବକଙ୍କୁ ଉଦ୍ଧାର କରିବା ଲାଗି କାର୍ଯ୍ୟରେ ନିୟୋଜିତ ପୋଲିସ ଓ ଉଦ୍ଧାରକାରୀ ସଂସ୍ଥା କର୍ମଚାରୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିକଶିତ ଭାରତ କଥା ଉଠୁଛି। କୁହାଯାଉଛି ଯେ ଭାରତ ହେବ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି। ହେଲେ ନାଗରିକଙ୍କୁ ସର୍ବନିମ୍ନ ଭିତ୍ତିଭୂମି ସୁବିଧା ଓ ସୁରକ୍ଷା ଦେବାରେ ଅସମର୍ଥ ହେଉଥିବା ବ୍ୟବସ୍ଥା ବୃହତ୍ ଅର୍ଥନୀତିର ସ୍ୱପ୍ନ ଦେଖାଇବା ହାସ୍ୟାସ୍ପଦ ମନେହେଉଛି। ଏହା କେବଳ ନଏଡା କଥା ନୁହେଁ, ଭାରତର ବିଭିନ୍ନ ସ୍ଥାନରେ ବିଶେଷକରି ସହରାଞ୍ଚଳରେ ଖାଲଖମା ସଡ଼କ, ଭଙ୍ଗା ଇଲେକ୍ଟ୍ରିକ୍ ପୋଲ୍‌ରୁ ଝୁଲିପଡ଼ିଥିବା ତାର ଆଦିର ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳେ। କେଉଁଠି କେତେବେଳେ ଅଘଟଣ ଘଟିଲେ ସ୍ଥାନୀୟ ପ୍ରଶାସନ ଚିହିଁକି ଉଠେ। କିନ୍ତୁ ପରେ ଯେଉଁ କଥାକୁ ସେହି କଥା। ନଏଡା ଅଘଟଣ ଦେଶସାରା ଖବର ପାଲଟିଯିବାରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦର୍ଶାଇବାକୁ ଯାଇ ଉତ୍ତରପ୍ରଦେଶ ସରକାର ନଏଡା ଅଥରିଟି ସିଇଓଙ୍କୁ ପଦରୁ ବହିଷ୍କାର କରିଛନ୍ତି। ଇତିମଧ୍ୟରେ ରିୟଲ ଇଷ୍ଟେଟ ଡେଭଲପରଙ୍କୁ ଗିରଫ କରାଯାଇଥିବା ଶୁଣିବାକୁ ମିଳିଛି। ବାସ୍ତବରେ ସେହି ବ୍ୟକ୍ତିଙ୍କ ବିରୋଧରେ ହତ୍ୟା ଅଭିଯୋଗ ଅଣାଯାଇ ଦଣ୍ଡିତ କରାଯିବା ଆବଶ୍ୟକ। କାରଣ ଏକ ବଡ଼ କୋଠା ନିର୍ମାଣ ଲାଗି ବେସ୍‌ମେଣ୍ଟ ସକାଶେ ଖୋଳାଯାଇଥିବା ଖାତରେ ବର୍ଷାପାଣି ଭର୍ତ୍ତି ହୋଇଥିବାରୁ ଏଭଳି ଦୁର୍ଘଟଣା ଘଟିଲା। ଏପରି ସ୍ଥଳେ ନିର୍ମାଣ କାର୍ଯ୍ୟ ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଅବଶ୍ୟ ଏହା ମଧ୍ୟ ମନେରଖିବା ଦରକାର ଯେ, ଗିରଫ ହୋଇଥିବା ଡେଭଲପର ଖୁବ୍ ଅଳ୍ପଦିନ ମଧ୍ୟରେ ଜାମିନ ପାଇ ମୁକ୍ତ ନାଗରିକ ହୋଇଯିବେ।

ଅପରପକ୍ଷରେ ଯୁବରାଜଙ୍କ ଗାଡ଼ି ପାଚେରିରେ ଧକ୍କା ଖାଇ ଖାତକୁ ପଡ଼ିଯିବା ମଧ୍ୟ ତାଙ୍କ ଚାଳନା ଉପରେ ପ୍ରଶ୍ନ ଉଠାଉଛି। ସର୍ବଦା କୁହାଯାଉଛି ଯେ, ଦ୍ରୁତଗତିରେ ଗାଡ଼ିଚାଳନା ବିପଦ ଆଣିଥାଏ। ହୁସିଆର ହୋଇ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ମନ ସର୍ବଦା ସଜାଗ ରହିବା ଦରକାର ଯେ, ଅନ୍ୟ ଗାଡ଼ିଚାଳକଙ୍କ ବେପରୁଆ ବ୍ୟବହାର ମଧ୍ୟ ଦୁର୍ଘଟଣା ଘଟାଇପାରେ। ଅନେକ କ୍ଷେତ୍ରରେ ନିଶାସକ୍ତ ଡ୍ରାଇଭରଙ୍କ ଯୋଗୁ ମଧ୍ୟ ଅଘଟଣ ଘଟିଥାଏ। ଯୁବରାଜ ବହୁ ଜୋରରେ ଗାଡ଼ି ଚଳାଉଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ତାହା ଯଦି ସତ ହୋଇଥାଏ, ତେବେ ପ୍ରତ୍ୟେକ ନାଗରିକ ନିଜକୁ ସୁରକ୍ଷିତ ଭାବେ ଗତି କରିବା ଦିଗରେ ସଜାଗ ହେବା ଦରକାର। ପ୍ରତି କଥାରେ ଅନ୍ୟ କାହା ଉପରେ ସମ୍ପୂର୍ଣ୍ଣ ଦୋଷ ଲଦିବା ପୂର୍ବରୁ ସତର୍କତା ଅବଲମ୍ବନ କରାଯିବା ବ୍ୟକ୍ତିଗତ ସୁରକ୍ଷାର ମୌଳିକ ଚିନ୍ତା ହେବା ଆବଶ୍ୟକ ହୋଇପଡ଼ିଲାଣି।

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 8 | | 4 | | | 7 | 5 | 1 | |
| | | 2 | | 3 | | | | |
| | | | | | | | | 8 |
| | | 9 | | | | | | |
| | | | 2 | | | | | 6 |
| 2 | | 8 | 4 | | 5 | | 7 | |
| | | | | | | | | |
| | | | 7 | 1 | | | | |
| 3 | | | 5 | 2 | | 9 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 5 | 4 | 7 | 9 | 6 | 1 |
| 9 | 4 | 1 | 8 | 6 | 2 | 5 | 3 | 7 |
| 5 | 7 | 6 | 9 | 3 | 1 | 8 | 2 | 4 |
| 7 | 3 | 8 | 6 | 1 | 5 | 2 | 4 | 9 |
| 2 | 1 | 9 | 7 | 8 | 4 | 6 | 5 | 3 |
| 6 | 5 | 4 | 2 | 9 | 3 | 7 | 1 | 8 |
| 1 | 6 | 5 | 3 | 7 | 9 | 4 | 8 | 2 |
| 8 | 9 | 3 | 4 | 2 | 6 | 1 | 7 | 5 |
| 4 | 2 | 7 | 1 | 5 | 8 | 3 | 9 | 6 |

ଗତକାଲିର ଉତ୍ତର

# ଆପଣା ପଣରେ ନାରୀ



ଗଣେଶ୍ୱର ନାୟକ

ରାଜା ବ୍ରାହ୍ମଣମାନଙ୍କୁ ପୁଚ୍ଛାକଲେ, 'ଯେଉଁ ଫଳ ଉପୁଜାଇ ସେ ଫଳ ଖାଇ କି ନ ଖାଇ'। ତହିଁକି ବ୍ରାହ୍ମଣ ବୋଇଲେ ଯେ ଯେଉଁ ଫଳ ଉପୁଜାଇ ସେ ଫଳ ଖାଇ। ସେଠାରୁ ରାଜା ନିଜ ଝିଅ ସଙ୍ଗେ ଅଙ୍ଗସଙ୍ଗ ହେଲେ। ସେ ଝିଅ ଗର୍ଭବତୀ ହେଲେ। ସେ କଥା ପ୍ରଘଟ ହେଲା। ସେଠାରୁ ରାଜା ବ୍ରାହ୍ମଣଙ୍କୁ ଏ ପାପର ପ୍ରାୟଶ୍ଚିତ୍ତ କଥା ପଚାରିଲାରୁ ତହିଁକି ବ୍ରାହ୍ମଣମାନେ କହିଲେ, ଦୁଇମାଠିଆ ପାଣି ଘେନି ଝିଅ ଚାଲିବ, ଯେଉଁଠି ତା' ଗୋଡ଼ରୁ ରୁଧିର ଜାତହେବ, ସେଇଠି ପୋଖରୀ ଖୋଳାଯିବ, ପୋଖରୀ ମଧ୍ୟ ଦୀପଦଣ୍ଡିରେ ଝିଅ ରହିବ। ଏ ଝିଅଙ୍କୁ ଏ ରୂପେ ଚଳାଇଲା ବେଳକୁ ରାଜ୍ୟ ଲୋକେ ଶୁଣି ବହୁତ ଉପହାସ କଲେ। ରାଜା ବଡ଼ ସଙ୍କୋଚ ପାଇଲେ, ଏ ଝିଅକୁ ନଅରକୁ ନେଲେ। ସେବେଳର ଏହା ଲିଖିତ ପ୍ରମାଣ, ପୁରୁଷ ଯାହାକରୁ ନାରୀର ସବୁ ଦୋଷ।

ସ୍ୱାଧୀନ ଭାରତରେ ନିର୍ଭୟା ନିର୍ଭୟରେ ଟିକେ ବୁଲିବା ବୋଧେ ଭୁଲ୍ ଥିଲା ତା'ର, ନିର୍ଯାତନା ସହିଲା, ନିଜର ଅଧିକାରକୁ ହରାଇଲା, ଅସମ୍ମାନିତ ହୋଇ ଜୀବନ ଦେଲା। ଯେଉଁମାନେ ଏ କର୍ମ କଲେ, ସେମାନଙ୍କୁ ସେ ଚିହ୍ନେନା କି ଜାଣେନା, ସେମାନଙ୍କର କିଛି ବି ସେ କ୍ଷତି କରିନି କେବେ, ସେମାନେ ବି ତାକୁ ମଣିଷ କରିବାରେ ସହଯୋଗ କରିନାହାନ୍ତି କେବେ। ତଥାପି ସେମାନେ ତାହାର ସବୁ ଅଧିକାର ଛଡ଼ାଇନେଲେ। ଏତେ ସବୁ ହରାଇଲା ପରେ ବି ତାକୁ ନ୍ୟାୟ ଦେବାକୁ ଅନେକ ବର୍ଷ ଲାଗିଗଲା।

କନ୍ୟାରତ୍ନଟିଏକୁ ମଣିଷ କରିବା କେତେ କଷ୍ଟ, ପିତାମାତା ହିଁ ଜାଣନ୍ତି। ଆଉ ଡାକ୍ତରଟିଏ କରି ସମାଜରେ ଠିଆ କରାଇବା ତା'ଠାରୁ ଆହୁରି କଷ୍ଟକର। ବିଚାରୀ ସବୁ ହରାଇଲା, ନିର୍ଯାତନାର ଶିକାର ହେଲା, ଜୀବନ ଥାଇ ଅଗ୍ନିରେ ଦାହହେଲା। ସେ ବି କାହାର କିଛି ଅନିଷ୍ଟ କରି ନ ଥିଲା। ଯେତେବେଳେ ଅଭିଯୁକ୍ତ ପିଶାଚଗଣ ପୋଲିସ ଗୁଳିରେ ମଲେ, ସାରା ଦେଶରେ ଆନନ୍ଦ ଖେଳିଗଲା, ଅତିଷ୍ଠ ନାଗରିକ ପୋଲିସକୁ ପୁଷ୍ପ ବର୍ଷଣକରି ଅଭିନନ୍ଦନ ଜଣାଇଲେ। ସତେ ଯେପରି ଅନେକ ନଦୀର ନୀରବତା, ସମୁଦ୍ରର ଗର୍ଜନ ବୋଧେ ଥିଲା। ଏହା ଥିଲା ସେଦିନର ହାଇଦ୍ରାବାଦ ଘଟଣା।

ଯେତେବେଳେ ଯାତ୍ରା, ନାଟକରେ ନାରୀଟିଏ ଅଭିନୟ କରୁଥିଲା, ସମାଜ ତାହାକୁ ନାଚବାଲୀ କହି ଅନେକ ତାଚ୍ଛଲ୍ୟ କରୁଥିଲା। ସମାଜ ସେମାନଙ୍କୁ ଉଚିତ ସମ୍ମାନ ଦେଉ ନ ଥିଲା। ତଥାପି ଅନେକ ମହିଳା ତାହାକୁ ଖାତିର ନ କରି, ସବୁ ଅପମାନ, ଯନ୍ତ୍ରଣାକୁ ସହି ସାଧନାରେ



ବ୍ରତୀ ରହିଲେ। ଫଳ ସ୍ୱରୂପ ନାଚଗୀତ କରୁଥିବା ଝିଅଟି ଆଜି ସମାଜରେ ଅନେକ ସମ୍ମାନ ପାଉଛି।

ଦିଲ୍ଲୀରେ ବ୍ୟାଙ୍କ୍ ଚାକିରି ପାଇଁ ଯୋଗ୍ୟ ବିବେଚିତ କିଛି ବିବାହିତ ମହିଳା ପ୍ରାର୍ଥୀଙ୍କୁ ବ୍ୟାଙ୍କ୍ କିଛିଦିନ ଅନ୍ତରରେ ନିଯୁକ୍ତି ଦେବ ବୋଲି ଘୋଷଣାକଲା। ସେମାନଙ୍କର ଦୋଷ ଥିଲା, ସେମାନଙ୍କର ଗର୍ଭଧାରଣ ୩ ମାସ ବିତିସାରିଥିଲା। ବ୍ୟାଙ୍କ ସେମାନଙ୍କୁ ଆଖ୍ୟା ଦେଲା, ସାମୟିକ ଅକ୍ଷମ। ବ୍ୟାଙ୍କର ନିୟମ ଯେଉଁମାନଙ୍କ ଗର୍ଭଧାରଣ ୩ମାସରୁ ଊର୍ଦ୍ଧ୍ୱ ହୋଇଥିବ, ସେମାନେ ସାମୟିକ ଅକ୍ଷମ ବର୍ଗରେ ଯିବେ। ସେମାନେ ପିଲା ଜନ୍ମର ୬ ସପ୍ତାହ ପରେ ନିଯୁକ୍ତି ପାଇବେ। ଗର୍ଭଧାରଣ ଜଣେ ନାରୀର ଅଧିକାର, ଅଧିକାର ସାବ୍ୟସ୍ତ କରୁଥିବା ଲୋକ ଗଣାହେବ ଅକ୍ଷମ ବର୍ଗରେ ? କି ରୁଗ୍‌ଣ ବିଚାର ସତେ ? ଏ ଘଟଣା ପ୍ରକାଶ ପାଇବା ପରେ ଅନେକଙ୍କୁ ଆଘାତ ଦେଲା। ଦିଲ୍ଲୀ ମହିଳା କମିଶନ ନିଜ ଆଡ଼ୁ ଏହାର ପ୍ରତିବାଦକଲେ। ଯୁକ୍ତି ବି ଦର୍ଶାଇଲେ, ନିଯୁକ୍ତି ନ ଦେବା ଦ୍ୱାରା ସେମାନେ ବରିଷ୍ଠତା ହରାଇବେ, ଏହା ଲିଙ୍ଗଗତ ବୈଷମ୍ୟକୁ ମଧ୍ୟ ତୋଳି ଧରୁଛି। ମହିଳା କମିଶନଙ୍କ ଆପତ୍ତି ଫଳରେ ଅନେକ ବ୍ୟାଙ୍କ ଏହିପରି ନିୟମକୁ ପ୍ରତ୍ୟାହାର କରିଥିଲେ। ଆମ ମଧ୍ୟରେ ପ୍ରଶ୍ନ ଉଠିପାରେ, ଏହି ନିୟମ ଠିକ୍ ବୋଲି। କିନ୍ତୁ ପ୍ରଗତି, ସମ୍ବେଦନଶୀଳ ପ୍ରସଙ୍ଗ, ବ୍ୟବସାୟିକ ପ୍ରସଙ୍ଗ ନୁହେଁ। ସଂଗଠିତ କ୍ଷେତ୍ରର ଅନୁଷ୍ଠାନ ପାଇଁ ଏକ ସମ୍ମାନ ଆଉ ସାମାଜିକ ଦାୟିତ୍ୱବୋଧ ମଧ୍ୟ। ସଂସାରରେ ଥିବା ସବୁ ପଶୁପକ୍ଷୀ, ଜୀବଜନ୍ତୁଙ୍କ ଦାୟିତ୍ୱ ଆମେ ନେଉନାହୁଁ। କିନ୍ତୁ ସେମାନେ ବି ବଞ୍ଚୁଛନ୍ତି। ଆଉ ମଣିଷ କ୍ଷେତ୍ରରେ ସେପରି ବିଚାରିବା ନା ମହତ୍ ବିଚାରକୁ ତୋଳି ଧରିବା ? ଆଉ ବିଂଶଶତାବ୍ଦୀ ଅତିକ୍ରାନ୍ତ ପରେ ଏଭଳି ବିଚାର କେତେ ଯୁକ୍ତିଯୁକ୍ତ ?

ପରିବାର ପୁରୁଷଟିଏକୁ ଯେତିକି ସମ୍ମାନ ଦିଏ, ନାରୀଟିଏକୁ ସେତିକି ସମ୍ମାନ ଏବେ ବି ଦେଉନାହିଁ। ପୁରୁଷ ପ୍ରଧାନ ସମାଜରେ ନାରୀଟିଏ ଘରେ ରହି ଘରର ସବୁ କାର୍ଯ୍ୟ ଦିନରାତି କଲେ ମଧ୍ୟ ତାହାର ମୂଲ୍ୟାଙ୍କନ ହେଉନାହିଁ ବା ତାହାର ଗୁରୁତ୍ୱ ଏତେଟା ରହୁନାହିଁ। ନାରୀଟିଏ ଉଚ୍ଚ ପାଟିରେ କଥାବାର୍ତ୍ତା କଲେ ଉଗ୍ରଚଣ୍ଡୀ ଏବଂ ଧୀରେ କଥାବାର୍ତ୍ତା କଲେ ମୌନମୁହାଁର ଆଖ୍ୟା ପାଉଛି। ଧୀର ଚାଲିରେ, କ୍ଷୀପ୍ର ଚାଲିରେ ବି ଅପମାନ ପାଉଛି। ନବେ ଦଶକ ପର୍ଯ୍ୟନ୍ତ ନାରୀଟିଏ ସାଇକେଲ ଚଳେଇବା ସମାଜ ଗ୍ରହଣ କରିପାରୁ ନ ଥିଲା। ସମୟ ବଦଳିଯାଇଛି, ଝିଅଟିଏ ସ୍କୁଟି ଚଳାଇଲେ ସମାଜ ଯଦିଓ ଗ୍ରହଣ କରିପାରୁଛି, କିନ୍ତୁ ବାଇକ୍ ଚଳାଇଲେ ନାନା ଅପମାନସୂଚକ ଶବ୍ଦ ଅର୍ଜନ କରୁଛି ଅର୍ଥାତ୍ ସମାଜ ଏବେ ବି ତାହାକୁ ଗ୍ରହଣ କରିପାରୁନାହିଁ।

ସବୁ ସମୟରେ ନାରୀ ଅବହେଳିତ ଓ ନିର୍ଯାତିତ। ଆମେ ଭାବିବା, ଆଗକାଳରେ କମ୍ ଥିଲା ଏବେ ଅଧିକ ବା ଆଗେ ଅଧିକ ଏବେ କମ୍, ତାହା ନୁହେଁ, ଆମେ ଦିନକୁ ଦିନ ଅଧିକ ଶିକ୍ଷିତ, ଦୀକ୍ଷିତ ହେଲେ ମଧ୍ୟ ଶତକଡ଼ାରେ ହିସାବ କଲେ ଆଗେ ଯେତିକି ନିର୍ଯାତନାର ହାର ଥିଲା ଏବେ ବି ସେତିକି ଶତକଡ଼ା ମଧ୍ୟ।

ଆଫ୍‌ଗାନିସ୍ତାନରେ ଅବସ୍ଥାପିତ ମୌଳବାଦୀ ସରକାର ଯେତେବେଳେ ହୁକୁମ ଜାହିରକଲା ବାଳିକାମାନେ ବିଦ୍ୟାଳୟ ଯାଇପାରିବେ ନାହିଁ ଓ ମହିଳାମାନେ ବାହାରେ କାର୍ଯ୍ୟ କରିପାରିବେ ନାହିଁ, ସେତେବେଳେ ସାରା ବିଶ୍ୱର ଜନଗଣ ଆଶ୍ଚର୍ଯ୍ୟ ପ୍ରକଟ କଲେ। କିନ୍ତୁ ଆମେ ଆମ ନାରୀକୁ ଶିକ୍ଷିତ କରିବାରେ କେତେ ଆଗ୍ରହ ପ୍ରକାଶ କରୁଛେ। ଆମେ କ'ଣ ନାରୀକୁ ସେତିକି ସୁବିଧା ଦେଇଛେ ? ନା, ନାରୀ ତାହାର ଅଧିକାର ଜାହିର କଲେ ଆମେ ଅବରୋଧ କରୁଛେ। ବାଲ୍ୟବିବାହ, ନାରୀ ନିର୍ଯାତନା ଆଜି ମଧ୍ୟ ସମାଜରେ ଦେଖାଦେଉଛି। ନାରୀଟିଏ ଜନପ୍ରତିନିଧି ହେଲେ ତାହାର ସ୍ୱାମୀ ସେ ସ୍ଥାନକୁ ଗ୍ରହଣ କରୁଛି। ନାରୀ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାର ଅଧିକାରକୁ ଆମେ ଛଡ଼ାଇ ନେଉଛେ। ବାଳିକାଟିଏ ଶିକ୍ଷାନୁଷ୍ଠାନରେ ଅନେକ ନିର୍ଯାତନାର ଶିକାର ହେଉଥିବା ଦେଖିବାକୁ ମିଳୁଛି।

ଗୋଟିଏ ସମୟ ଥିଲା ନାରୀ ଶିକ୍ଷା ଅର୍ଜନକଲେ ପାପ ବୋଲି ଅଭିହିତ ହେଉଥିଲା। ନାରୀଟିଏ ବିଧବା ହେଲେ ପୁନର୍ବିବାହ କରିପାରୁ ନ ଥିଲା। ଏବେର ସମୟ ଅନେକ ବଦଳିଯାଇଛି ସତ, କିନ୍ତୁ ନାରୀ ଯେତିକି ଅଧିକାର ପାଇବା କଥା ସେତିକିରୁ ବଞ୍ଚିତ ହେଉଛି। ନିର୍ଯାତନାର ଶିକାର ହୋଇଥିବା ନାରୀଟିକୁ ସମାଜ ଆହୁରି ଦୋଷୀ ବୋଲି ବିଚାରୁଛି। ନିର୍ଯାତିତ ନାରୀ ଲୋକଲଜ୍ଜା ବା ଆହୁରି ନିର୍ଯାତନାର ଶିକାର ହେବା ଭୟରେ ଅଭିଯୋଗ କରିବାକୁ ଡରୁଛି। ନାରୀ ଅଧିକାର ପାଇଁ ଲଢ଼େଇ ଧୀର ହେଉଥିବା ସ୍ଥଳେ ନାରୀଟିଏ ନିର୍ଯାତିତ ହେବା ପାଇଁ ଯେତେବେଳେ କାରକ ହେଉଛି, ତାହା ନାରୀ ସମ୍ମାନକୁ ପ୍ରତିହତ କରୁଛି।

ନାରୀ ନୀରବରେ ସବୁ କଷ୍ଟ, ଅପମାନ, ଯନ୍ତ୍ରଣାକୁ ସହି ଆପଣା ପଣରେ ତାହାର ଅଧିକାର ସାବ୍ୟସ୍ତ କରିବାରେ ଚେଷ୍ଟା ଜାରି ରଖିଛି। ସମାଜର ବିଚାର, ହୀନମନ୍ୟତାକୁ ଦୂରେଇଲେ ହିଁ ନାରୀ ପ୍ରକୃତ ସମ୍ମାନ ପାଇବାରେ ସକ୍ଷମ ହେବ।

**ଗୋଗଲ, କାଏମା, ଯାଜପୁର**
**ମୋ: ୯୭୭୭୭୪୯୭୨୭**

# ସାମ୍ରାଜ୍ୟବାଦର ନଗ୍ନ ରୂପ



ରବିନାରାୟଣ ସାମଲ

ଶୀତଳ ଯୁଦ୍ଧର ଅବସାନ ପରେ ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଯେ ବହୁଗୁଣା ବଢ଼ିଯାଇଛି, ଏଥିରେ କେହି ଦ୍ୱିମତ ହେବେ ନାହିଁ। କେତେକ ରାଷ୍ଟ୍ରରେ ସାମରିକ ଶକ୍ତି ପ୍ରୟୋଗ ସହିତ ସେଠାକାର ସରକାରକୁ ଗାଦିଚ୍ୟୁତ କରିବା, ରାଷ୍ଟ୍ର ନାୟକଙ୍କୁ ହତ୍ୟା କରିବା, ନିଜର ସଖୀ କଣ୍ଢେଇ ସରକାର ପ୍ରତିଷ୍ଠା କରିବା ଆଦି ଅପକୀର୍ତ୍ତିମାନ ଆମେରିକା ଅର୍ଜନ କରିଛି। ୧୯୯୧ରେ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିଥିବା ଅଭିଯୋଗ ଆଣି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡବ୍ଲ୍ୟୁ ଏଚ୍ ବୁଶ୍ ଇରାକ୍ ଉପରେ ଆକ୍ରମଣ କରିଥିଲେ ଏବଂ ସେଠାକାର ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଯାଇଥିଲା। ଠିକ୍ ସେହି କୌଶଳ ଅବଲମ୍ବନ କରି ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଅପହରଣ କରିନେଲେ ଡୋନାଲ୍ଡ ଟ୍ରମ୍ପ୍।

୧୯୮୯ରେ ପାନାମା, ୧୯୯୩ରେ ସୋମାଲିଆ, ୨୦୦୦ରେ ୟେମେନ୍, ୨୦୧୧ରେ ଲିବ୍ୟା ଆଦି ଦେଶ ଉପରେ ଆକ୍ରମଣ କରି ସେବସୁ ଦେଶର ଶାସନରେ ହସ୍ତକ୍ଷେପ କରିଥିଲା ଆମେରିକା। ନିକଟ ଅତୀତରେ ଇରାନ୍ ଉପରେ ଆକ୍ରମଣ କରି ସାମ୍ରାଜ୍ୟବାଦୀ ଚରିତ୍ରର ପୁନରାବୃତ୍ତି କଲା। ଏବେ ଇରାନ୍‌ରେ ଚାଲିଥିବା ବିକ୍ଷୋଭରେ ଆନ୍ଦୋଳନକାରୀଙ୍କୁ ସରକାରୀ ଅଫିସ ଦପ୍ତର ଦଖଲ କରିବାକୁ ଟ୍ରମ୍ପ୍ ସିଧାସଳଖ ଆହ୍ୱାନ ଦେଇଛନ୍ତି। ଗୋଟିଏ ଦେଶର ରାଷ୍ଟ୍ରପତି ଅନ୍ୟ ଗୋଟିଏ ସାର୍ବଭୌମ ଦେଶର ଆନ୍ଦୋଳନକୁ ଉସୁକାଇ ବାର୍ତ୍ତା ଦେବା ବିଶ୍ୱ ଇତିହାସରେ ବିରଳ। ଏହା ସହିତ ଦୀର୍ଘ ତିନି ବର୍ଷ ଧରି ରୁଷ୍- ୟୁକ୍ରେନ୍ ଯୁଦ୍ଧରେ ୟୁକ୍ରେନକୁ ପରୋକ୍ଷ ସହଯୋଗ, ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲର ଆକ୍ରମଣକୁ ସମର୍ଥନ ଆଦି ଘଟଣା ସାମ୍ରାଜ୍ୟବାଦର ନଗ୍ନରୂପକୁ ପରିପ୍ରକାଶ କରିଛି। ଗତ ୫୦ ବର୍ଷ ଭିତରେ ୮୪ଟି ଦେଶ ଉପରେ ୪୦୦ ଥର ଆକ୍ରମଣ କରିଛି ଆମେରିକା। ବିଶ୍ୱର ୮୦ଟି ଦେଶରେ ପ୍ରତିଷ୍ଠା କରିଥିବା ୮୭୭ଟି ସାମରିକ ଘାଟିକୁ ଏଥିପାଇଁ ନିୟୋଜିତ କରିଛି। ନିକଟରେ ବ୍ରିଟେନ୍‌ର ସାମରିକ ଘାଟିକୁ ବ୍ୟବହାର କରି ରୁଷ୍‌ର ତୈଳବାହୀ ଜାହାଜକୁ ଆମେରିକା ଅପହରଣ କରିଛି। ଭିଏତ୍‌ନାମ ଓ ଆଫଗାନିସ୍ତାନ ସହ ଯୁଦ୍ଧ କରି ନିଜ ଛେପକୁ ନିଜେ ଚୋବିଛି। ଏସବୁ ସତ୍ତ୍ୱେ ତା' ଚରିତ୍ରର କୌଣସି ପରିବର୍ତ୍ତନ ଘଟି ନାହିଁ। ଗୋଟିକ ପରେ ଗୋଟିଏ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାରେ ଲାଗିଛି।

ଭେନେଜୁଏଲା ଦକ୍ଷିଣ ଆମେରିକାର ଏକ ସ୍ୱାଧୀନ ରାଷ୍ଟ୍ର। ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଦସ୍ୟୁ ପରି ଅପହରଣ କରିବା, ହାତରେ କଡ଼ି ପକାଇ ନ୍ୟୁୟର୍କ ଜେଲ୍‌କୁ ନେଇଯିବା ଆଦି ଘଟଣା ମଧ୍ୟଯୁଗୀୟ ବର୍ବରତା। ଏହା ଆନ୍ତର୍ଜାତିକ ଆଇନର ଖୋଲା ଉଲ୍ଲଂଘନ। ସାରା ବିଶ୍ୱରେ ଏପରିକି ଆମେରିକାରେ ମଧ୍ୟ ଏହାର ପ୍ରତିବାଦରେ ଜୋରଦାର ବିକ୍ଷୋଭ ସଂଗଠିତ ହୋଇଛି। ଚାଇନା, ରୁଷ୍, କଲମ୍ବିଆ, ବ୍ରାଜିଲ୍ ଓ



ଉତ୍ତରକୋରିଆ ସମେତ ମିଳିତ ଜାତିସଂଘ ଏହାକୁ ନିନ୍ଦା କରିଛନ୍ତି। ମାତ୍ର ଇସ୍ରାଏଲ୍ ଓ ବ୍ରିଟେନ୍ ଏହାକୁ ସମର୍ଥନ କରିଛନ୍ତି। ଭାରତ ଏହାକୁ ନିନ୍ଦା ନ କରି 'ସମ ଦୂରତା' ନୀତି ପ୍ରୟୋଗ କରିଛି। ଦୁର୍ଭାଗ୍ୟ!

ଏଠାରେ ଜର୍ମାନୀର ବିଶିଷ୍ଟ କବି ମାର୍ଟିନ୍ ନିମୋଲର୍‌ଙ୍କ ବିଶ୍ୱ ବିଖ୍ୟାତ କବିତା 'ଫାଷ୍ଟ ଦେ କମ୍'ର କେତୋଟି ପଂକ୍ତିକୁ ଉଦ୍ଧାର କରାଯାଇପାରେ। ହିଟ୍‌ଲର୍‌ଙ୍କ ଶାସନକୁ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଥିଲେ- ''ସେମାନେ ବାନ୍ଧିନେଲେ ସମାଜବାଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ସମାଜବାଦୀ ନ ଥିଲି। ତା'ପରେ ସେମାନେ ବାନ୍ଧିନେଲେ ଶ୍ରମିକଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଶ୍ରମିକ ନଥିଲି। ତା'ପରେ ସେମାନେ ବାନ୍ଧିନେଲେ ଇହୁଦୀଙ୍କୁ/ ମୁଁ ଚୁପ୍ ରହିଲି, କାରଣ ମୁଁ ଇହୁଦୀ ନଥିଲି। ଶେଷକୁ ସେମାନେ ମୋତେ ବାନ୍ଧିନେଲେ/ ମାତ୍ର ମୋ ପାଇଁ ପଦେ କହିବାକୁ କେହି ନଥିଲେ।''

ସାମ୍ରାଜ୍ୟବାଦୀ ଆମେରିକାର ଔଦ୍ଧତ୍ୟ ଏମିତି ଅବସ୍ଥାରେ ଆସି ପହଞ୍ଚିଛି ଯେ, ଗୋଟିଏ ପରେ ଗୋଟିଏ ରାଷ୍ଟ୍ରକୁ ସେ ଆକ୍ରମଣ କରିବାରେ ଲାଗିଛି। ଅନ୍ୟ ରାଷ୍ଟ୍ରଗୁଡ଼ିକ ନୀରବଦ୍ରଷ୍ଟା ସାଜିଲେ କବି ନିମୋର୍‌ଙ୍କ କବିତାର ପଂକ୍ତି ଯେ ବାସ୍ତବ ରୂପ ନ ନେବ, ଏକଥା ଅବିଶ୍ୱାସ୍ୟ ନୁହେଁ।

ଭେନେଜୁଏଲାର ତୈଳ ଭଣ୍ଡାରକୁ କରାୟତ୍ତ କରିବାକୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲେ ମଧ୍ୟ ଟ୍ରମ୍ପ୍ ବର୍ତ୍ତମାନ ହରଡ଼ଧଘଣାରେ। ଆମେରିକୀୟ ତୈଳ କମ୍ପାନୀମାନେ ଏକ ଅନିଶ୍ଚିତ ଭବିଷ୍ୟତକୁ ଆଶଙ୍କା କରି ସେଠାରେ ପୁଞ୍ଜି ନିବେଶ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେରିକାର ଆର୍ଥିକ ଅବସ୍ଥା ସଙ୍କଟଜନକ। କର୍ମଚାରୀମାନଙ୍କୁ ବେତନ ଦେବାକୁ ଟ୍ରମ୍ପ୍ ପ୍ରଶାସନ ଅକ୍ଷମ। ହ୍ୱାଇଟ୍ ହାଉସ୍‌ର କର୍ମଚାରୀମାନଙ୍କ ଦରମା ବନ୍ଦ। ଦେଶରେ ବେରୋଜଗାରି ସଂଖ୍ୟା ଶତକଡ଼ା ୯ରେ ପହଞ୍ଚିଛି। ସେଥିଯୋଗୁ ବାହାର ଦେଶର ନାଗରିକମାନଙ୍କୁ ଆମେରିକାରୁ ବିଦା କରାଯାଉଛି। ପାଣ୍ଠି ଅଭାବକୁ ଦୃଷ୍ଟିରେ ରଖି ଜାତିସଂଘ ସମେତ ଅନ୍ୟ ବୈଶ୍ୱିକ ସଂସ୍ଥାର ୬୯ଟି ଚୁକ୍ତିରୁ ଆମେରିକା ନିକଟରେ ଓହରି ଯାଇଛି।

ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କାର୍ଯ୍ୟକଳାପ ଉନ୍ମାଦ ପ୍ରାୟ! ଏକଦା ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଲୋକଟି ବୋମା ବନ୍ଧୁକରେ କଥା କହୁଛନ୍ତି! ଗୋଟିଏ ପଟେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନ୍ତରଙ୍ଗ ବନ୍ଧୁ କହି ଅନ୍ୟ ପଟେ ପାକିସ୍ତାନର ସେନାଧକ୍ଷ ମୁନିର୍‌ଙ୍କୁ ଆଲିଙ୍ଗନ କରୁଛନ୍ତି। ଭାରତ ଉପରେ ବାଣିଜ୍ୟିକ ଶୁଳ୍କ କ୍ରମାଗତ ବଢ଼ାଇଚାଲିଛନ୍ତି। ଟ୍ରମ୍ପ୍‌ଙ୍କ ଏ ଧରଣର ନୀତି ଯୋଗୁଁ ସାରା ବିଶ୍ୱରେ ଅସ୍ଥିରତା ଓ ଉତ୍ତେଜନା ଦେଖାଦେଇଛି। କ'ଣ କେତେବେଳେ ଘଟିଯିବ ତାହାର କିଛି ଇୟତ୍ତା ନାହିଁ। ଭାରତ ଯେପରି ପ୍ରତିବାଦଶୂନ୍ୟ ନୀତି ଆପଣେଇଛି, ତାହାର ପରିଣତି ମଧ୍ୟ ଶୁଭଙ୍କର ନୁହେଁ। ଏଭଳି ପରିସ୍ଥିତିରେ ଶାନ୍ତିକାମୀ ଜନଗଣ ଚୁପ୍ ନ ରହି ସ୍ୱର ଉତ୍ତୋଳନ କରିବା ଦରକାର। ସାମ୍ରାଜ୍ୟବାଦର ପ୍ରତିରୋଧ ନିମିତ୍ତ ସବୁମନ୍ତେ ଉଦ୍ୟମ ହେବା ଜରୁରୀ।

**ମୋ: ୭୯୭୫୦୪୬୪୮୬**

## ଏଇ ଭାରତରେ

କେରଳର କନ୍ନୁର ଜିଲା ମାଲାବାର ଉପକୂଳରେ ରହିଛି ବୃହତ୍ ମ୍ୟାନ୍‌ଗ୍ରୁଭ ବା ହେନ୍ତାଳବନ, ଯାହା ରାଜ୍ୟର ମୋଟ ମ୍ୟାନ୍‌ଗ୍ରୁଭର ୪୩.୦୮ ପ୍ରତିଶତ। ଏହା ପାଖାପାଖି ୯ ବର୍ଗ କି.ମି. ଅଞ୍ଚଳରେ ବ୍ୟାପ୍ତ। ଏଠାରେ ୧୫ ପ୍ରଜାତିର ଗଛ ସହ ୮୭ ପ୍ରଜାତିର ମାଛ, ୮୩ ପ୍ରଜାତିର ପକ୍ଷୀ ଏବଂ ୧୩ ପ୍ରଜାତିର ସ୍ତନ୍ୟପାୟୀ ଜୀବ ରହିଛନ୍ତି। ଜୈବ ବିବିଧତା ଏବଂ ଲୋକଙ୍କ ଜୀବନ ଜୀବିକାରେ ପ୍ରମୁଖ ଭୂମିକା ନେଉଥବା ଏହି ହେନ୍ତାଳବନର ପାଖାପାଖି ୭୦-୭୫ ପ୍ରତିଶତ ଜବରଦଖଲରେ ଯାହା ସଂରକ୍ଷଣରେ ବାଧା ଉପୁଜାଇଆସୁଛି। ହେଲେ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଇଣ୍ଡିଆ ଦ୍ୱାରା କନ୍ନୁର କଣ୍ଡଲ ପ୍ରୋଜେକ୍ଟ ଆରମ୍ଭ କରାଯିବା ପରେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ଏହା ମାଧ୍ୟମରେ ଏବେ ସୁଦ୍ଧା ୩୭ ଏକର ଜବରଦଖଲମୁକ୍ତ କରାଯାଇଛି। ୨୦୨୨ରେ ଏହି ଟ୍ରଷ୍ଟ ଏସ୍‌ବିଆଇ ଫାଉଣ୍ଡେଶନ ସହ ମିଶି ପାଖାପାଖି ୩୪ ଏକରରେ ପୁନଃ ହେନ୍ତାଳ ବନ ସୃଷ୍ଟି କରାଯାଇଛି। କେବଳ ଏତିକି ନୁହେଁ, ୧ ଲକ୍ଷ ମ୍ୟାନ୍‌ଗ୍ରୁଭ ଚାରା ଗଛ ଥିବା ଏକ ନର୍ସରି କରାଯାଇଛି। ଏହା ସହ ୫ଟି ସାଟେଲାଇଟ୍ ନର୍ସରି କରାଯାଇ ବିଭିନ୍ନ ସ୍ଥାନକୁ ଚାରା ନିଆଯାଇ ରୋପଣ କରାଯିବାର ବ୍ୟବସ୍ଥା କରାଯାଇଛି। ଏଥିସହ ୪୦୦ ଗୋଷ୍ଠୀଭିତ୍ତିକ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଏହା ୮୫,୦୦୦ ଲୋକଙ୍କ ନିକଟରେ ପହଞ୍ଚିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ଜାନୁଆରୀ ୧୯୭୭**

- ସରକାରୀ ଚାକିରି କ୍ଷେତ୍ରରେ ଚକ୍ଷୁହୀନ ଲୋକଙ୍କ ପାଇଁ କେତେକ ସ୍ଥାନ ସଂରକ୍ଷଣ ରଖାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।
- ପାକିସ୍ତାନ ଜାତୀୟ ଆସେମ୍ବ୍ଲିର ୨୦୦ ସ୍ଥାନ ପାଇଁ ପ୍ରାର୍ଥିପତ୍ର ଦାଖଲ କରାଯାଇଥିବା ପାକିସ୍ତାନ ରେଡିଓରୁ ଘୋଷଣା କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟାର 'ରାଜଧାନୀ' ଭୁବନେଶ୍ୱର

ମହାଶୟ,

ଖବରକାଗଜ ପଢ଼ିବା ବେଳେ ଦଣ୍ଡେ ଅଟକିଗଲି 'ରାଜଧାନୀରେ ବର୍ଷକରେ ୫୦୦ ଆତ୍ମହତ୍ୟା' ଶୀର୍ଷକରେ ପ୍ରକାଶିତ ଖବରରେ। ୨୦୨୫ ମସିହାରେ ୫୦୦ ଜଣ ଆତ୍ମହତ୍ୟା କରିଛନ୍ତି, ଯହିଁରୁ ୩୦୦ ଜଣ ବିଷପାନ ଓ ବାକି ୨୦୦ ଜଣ ବେକରେ ଦଉଡ଼ି ଦେଇ। ହତବାକ୍ ହୋଇଗଲି ପଢ଼ି। ବିଷୟର ଗମ୍ଭୀରତା ଓ ଗଭୀରତା ବୁଝାପଡ଼େ, ଯେହେତୁ ଏମାନଙ୍କ ମଧ୍ୟରେ ୩୨୦ ଜଣ ଯୁବପିଢ଼ିର। ଏକ ଅଧ୍ୟୟନରୁ ଜଣାଯାଏ, ପ୍ରେମରେ ବିଫଳତା, ପ୍ରତାରଣା ଓ ପାରିବାରିକ ବିବାଦରୁ ଯୁବପିଢ଼ି ମଧ୍ୟରେ ଆତ୍ମହତ୍ୟାପ୍ରବଣତା ବଢୁଛି। ସେମାନେ ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ବିତାଉଛନ୍ତି। ଧୀରେ ଧୀରେ ସମାଜର ମୁଖ୍ୟସ୍ରୋତରୁ ଦୂରେଇଯାଉଛନ୍ତି। ଯୁବବର୍ଗର ବର୍ତ୍ତମାନ ବହି ପଢ଼ିବା କମିଛି, ପ୍ରକୃତ ବନ୍ଧୁଙ୍କ ସଂଖ୍ୟା ହ୍ରାସପାଇଛି, ପରିବାର ସଦସ୍ୟଙ୍କ ସହ ମିଶିବା କମିଯାଇଛି। ଅନ୍ତର୍ମୁଖୀ ଭାବ ବଢ଼ିବା ଦ୍ୱାରା ନିଜ ମନର କଥା କାହା ଆଗରେ ନ କହିପାରି ମାନସିକ ଅବସାଦରେ ରହୁଛନ୍ତି। ବିଜନବେଳା ଓ ନୀରବ ମୁହୂର୍ତ୍ତର ପରିମାଣରେ ବୃଦ୍ଧି ଘଟିଛି - ଯାହା ଆଦୌ ଶୁଭଙ୍କର ନୁହେଁ। ଗୋଟିଏ ବର୍ଷରେ ଏତେ ସଂଖ୍ୟକ ଯୁବତୀଯୁବକ ଆତ୍ମହତ୍ୟା ପରିବାର, ସମାଜ ଓ ରାଷ୍ଟ୍ର ଲାଗି ଅତ୍ୟନ୍ତ କ୍ଷତିକାରକ ଏବଂ ଚିନ୍ତାଜନକ। ସମୂହ ପ୍ରୟାସ ଦ୍ୱାରା ଯୁବପିଢ଼ିଙ୍କ ଆତ୍ମହତ୍ୟା ଘଟଣାକୁ 'ଶୂନ' ରେ ପରିଣତ କରିବା ଆମ ସମସ୍ତଙ୍କର ଧ୍ୟେୟ ହେଉ।

**-ପ୍ରତାପ ନାୟକ, ଏମ୍ଆଇଜି-୭୫, କଳିଙ୍ଗବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନବ ନବ ବଇଭବ
ଚଉଦିଗେ ଭରେ,
ଅନ୍ତର ଦିନତାରେ
ନିଶିଦିନ ମରେଁ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଭାଲୁ ଆକ୍ରମଣରେ ମହିଳା ଆହତ**

ଆଠମଲ୍ଲିକ,(ଉଦୀପ୍ତ ପୁରୋହିତ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁର ପଞ୍ଚାୟତ ବୁଢ଼ୀକୋଣ ଗ୍ରାମର ସୁଭଦ୍ରା ସାହୁ (୭୦) ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି। ସେ ପରିବା ବଗିଚାକୁ ସକାଳୁ କାମ କରିବାକୁ ଯାଉଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବନବିଭାଗ ତରଫରୁ ସୁଭଦ୍ରାଙ୍କୁ କ୍ଷତିପୂରଣ ଦେବାକୁ ପରିବାର ସଦସ୍ୟ ଦାବି କରିଛନ୍ତି।

# ଚୌଦ୍ୱାର ଜେଲର ପୂର୍ବତନ ଜେଲର, ଅଧୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

**ଭୁବନେଶ୍ୱର,୨୦।୧(ତ୍ରିନାଥ ମହାନ୍ତି)**

- ଘଟଣା ଉପରେ ଗୃହ ବିଭାଗର ଉଦ୍‌ବେଗ
- ୨ ଅଧିକାରୀଙ୍କ ପାଇଁ ବଦନାମ ଜେଲ ବିଭାଗ




ଚୌଦ୍ୱାର ଜେଲରୁ ୨ କଏଦୀ ଫେରାର ହେବା ଘଟଣାକୁ ନେଇ ପୂର୍ବତନ ଜେଲର ଏବଂ ଅଧୀକ୍ଷକ ମୁହାଁମୁହିଁ ହୋଇଛନ୍ତି। ଦୁଇ ସରକାରୀ ଅଧିକାରୀଙ୍କ ପାଇଁ ପୂରା ଜେଲ ବିଭାଗ ବଦନାମ ହୋଇଛି। ତେଣୁ ଜେଲ ବିଭାଗ ୨ ଅଧିକାରୀଙ୍କୁ ସୋମବାର କାରଣଦର୍ଶାଅ ନୋଟିସ କରିଛନ୍ତି। ଉପରୋକ୍ତ ୨ ଅଧିକାରୀ ନିଜ ଆପତ୍ତି ଜେଲ ବିଭାଗକୁ ଜଣାଇବେ ବୋଲି ଜେଲ ଡିଆଇଜି ବୀରେନ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଘଟଣା ଉପରେ ଗୃହ ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ ଜେଲ ବିଭାଗକୁ ରିପୋର୍ଟ ମାଗିଛନ୍ତି। ସେପଟେ ଜେଲରୁ କଏଦୀ ଚମ୍ପଟ ସହ ଅବାଧ ନିଶାଦ୍ରବ୍ୟ ଚାଲାଣ ରୋକିବା ପାଇଁ ଜେଲରେ ଏଆଇ କ୍ୟାମେରା ଲାଗିବ ବୋଲି ସାହୁ କହିଛନ୍ତି। କୌଣସି କଏଦୀ ଚମ୍ପଟ ମାରିବା ପାଇଁ ଉଦ୍ୟମ କଲେ ଅଟୋମେଟିକ ଭାବେ ସାଇରନ ବାଜିବ। ପ୍ରଥମ ପର୍ଯ୍ୟାୟରେ ୧୮ଟି ଜେଲରେ ଏହି ଏଆଇ କ୍ୟାମେରା ଲାଗିବ। ଦ୍ୱିତୀୟ ପର୍ଯ୍ୟାୟରେ ଚୌଦ୍ୱାର ସର୍କଲ ଜେଲ, ଭୁବନେଶ୍ୱର ଝାରପଡ଼ା ଜେଲ, ବ୍ରହ୍ମପୁର ସ୍ପେଶାଲ ଜେଲ ଓ ସମ୍ବଲପୁର ଜେଲରେ ଏଆଇ କ୍ୟାମେରା ଲାଗିବା ପାଇଁ ସ୍ଥିର ହୋଇଛି ବୋଲି ଜେଲ ଡିଆଇଜି କହିଛନ୍ତି।

୨୦୨୫ ଅକ୍ଟୋବର ୩ରେ ଦୁଇ ଦୁର୍ଦ୍ଦାନ୍ତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଚୌଦ୍ୱାର ସର୍କଲ ଜେଲରୁ ଫେରାର ହୋଇଯିବା ପରେ ଗୋଟିଏ ପରେ ଗୋଟିଏ ବିବାଦ ସାମ୍ନାକୁ ଆସିଛି। ବରିଷ୍ଠ ଅଧୀକ୍ଷକଙ୍କ କମ୍ପ୍ୟୁଟରରୁ ଭାଇରାଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଚିଠି ଭିତରେ କଟକ ରେଞ୍ଜ ଡିଆଇଜିଙ୍କୁ ବିଭିନ୍ନ ସମୟରେ କଏଦୀଙ୍କୁ ଆକ୍ରମଣ ସଂକ୍ରାନ୍ତ ଆଭ୍ୟନ୍ତରୀଣ ରିପୋର୍ଟ, ଜେଲର ୬ ଜଣିଆ ସିକ୍ୟୁରିଟି ଅଡିଟ ଟିମ ଦ୍ୱାରା ଜେଲରେ ଥିବା ସମସ୍ତ ଦୁର୍ବଳତା ଚିହ୍ନଟ ସଂକ୍ରାନ୍ତ ଜେଲ ଡିଜିଙ୍କୁ ଚିଠି, ଜେଲରେ ମୋବାଇଲ, ଗଞ୍ଜେଇ, ବ୍ରାଉନ୍ ସୁଗାର, ମାରଣାସ୍ତ୍ର କାରବାର ହେଉଥିବା ସଂକ୍ରାନ୍ତରେ ଆଭ୍ୟନ୍ତରୀଣ ଗୁଇନ୍ଦା ତଥ୍ୟ ସଂଗ୍ରହ ପାଇଁ ଗଠନ ହୋଇଥିବା ୨୦ଜଣିଆ ଟିମ ନିର୍ଦ୍ଦେଶନାମା ସଂକ୍ରାନ୍ତ ଚିଠି ଇତ୍ୟାଦି ରହିଛି। ସିଧାସଳଖ ଜେଲ ଡିଜିଙ୍କୁ ଜେଲ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଲେଖାଯାଇଥିବା ଚିଠି ବି ଏହି ୩୭୫ ପୃଷ୍ଠାରେ ରହିଛି। ଅନ୍ୟପଟେ ପରସ୍ପର ବିରୋଧରେ ଦେଇଥିବା ଏତଲାକୁ ନେଇ ପୁଣି ଥରେ ଉଭୟ ଅଧୀକ୍ଷକ ଓ ଜେଲର ମୁହାଁମୁହିଁ ହୋଇଛନ୍ତି। ବରିଷ୍ଠ ଜେଲ ଅଧୀକ୍ଷକ ସୁଜିତ ରାଉଳ ରବିବାର ସନ୍ତୋଷିନୀ ଦାଶଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଥିଲେ। ସନ୍ତୋଷିନୀ ଦାଶ ଚୌଦ୍ୱାର ଜେଲରୁ ବଦଳି ହେବା ପରେ ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ରଘୁରାଜ ମାଝୀଙ୍କୁ କ୍ୟାଣ୍ଟିନ ଆର୍ଥିକ କାରବାର ସମ୍ପର୍କିତ ଦସ୍ତାବିଜ ପ୍ରଦାନ କରି ନ ଥିଲେ। ଏପରି କି ସେ ଜେଲର ଅନେକ କଏଦୀଙ୍କୁ ବିନା କାରଣରେ ନିର୍ଯାତନା ଦେଇଥିବା ରେକର୍ଡ ରହିଛି। ୨ଦୁର୍ଦ୍ଦାନ୍ତ ଅପରାଧୀ ରାଜା ଓ ମଧୁକାନ୍ତଙ୍କୁ ସନ୍ତୋଷିନୀ ଦୁର୍ଗାପୂଜା ସମୟରେ ୨ ଥର ବିନା ଅନୁମତିରେ ଆଣିଥିବା ସଂକ୍ରାନ୍ତରେ ମଧ ରାଉଳ ଅଭିଯୋଗରେ ଦର୍ଶାଇଥିଲେ। ରାଉଳଙ୍କ ଅଭିଯୋଗକୁ ସନ୍ତୋଷିନୀ ଖଣ୍ଡନ କରିବା ସହ ପାଲଟା ଅଭିଯୋଗ ଆଣିଛନ୍ତି। ସନ୍ତୋଷିନୀଙ୍କ କହିବା ଅନୁଯାୟୀ, ପୂଜା ସମୟରେ କେବଳ ଫେରାର ୨ବିହାରୀ କଏଦୀ ଆସି ନ ଥିଲେ ବରଂ ସମସ୍ତ କଏଦୀ ବାହାରକୁ ଆସିଥିଲେ। ଜେଲରୁ ବାହାରି ଦୁର୍ଗାପୂଜା ଦେଖିବାକୁ କଏଦୀଙ୍କ ପାଇଁ କୌଣସି କଟକଣା ନ ଥିଲା। କ୍ୟାଣ୍ଟିନ ଟଙ୍କା ହେରଫେର ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ନୂଆ ଜେଲରଙ୍କୁ ଦାୟିତ୍ୱ ହସ୍ତାନ୍ତର ସମୟରେ କ୍ୟାଣ୍ଟିନ ଟଙ୍କା ସମ୍ପର୍କିତ ସମସ୍ତ ତଥ୍ୟ ଦସ୍ତାବିଜରେ ସ୍ପଷ୍ଟ ଉଲ୍ଲେଖ ରହିଛି। ତେଣୁ ଏଥିରେ କୌଣସି ପ୍ରକାର ସତ୍ୟାସତ୍ୟ ନଥିବା ସନ୍ତୋଷିନୀ କହିଛନ୍ତି। ଏହି ଘଟଣାରେ ମତାମତ ନେବାକୁ ଜେଲ ଡିଜି ସୁଶାନ୍ତ ନାଥଙ୍କୁ ଫୋନ୍ କରାଯାଇଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନ ଥିଲେ।

# ବୋହୂଙ୍କୁ ଘରୁ ତଡ଼ିଦେବା ଅଭିଯୋଗ

**ଛେଣ୍ଡିପଦା,୨୦।୧ (ଅଜିତ ଧଳ)**

ସ୍ତ୍ରୀଙ୍କୁଛାଡ଼ିସ୍ୱାମୀ ଫେରାର ହୋଇଯାଇଥିବା ବେଳେ ବୋହୂଙ୍କୁ ଶାଶୁଘର ଲୋକେ ତଡ଼ି ଦେଇଥିବା ଅନୁଗୋଳ ଜିଲା ବାଗଡ଼ିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବାଗଡ଼ିଆ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବାଗଡ଼ିଆ ଗ୍ରାମର ସମୀର ପ୍ରଧାନ ଗତବର୍ଷ ହଣ୍ଡପା ଥାନା ଅଞ୍ଚଳର ଏକ ଶିବ ମନ୍ଦିରରେ ବିବାହ କରିଥିଲେ। ଉଭୟ ଅନ୍ୟତ୍ର କିଛି ମାସ ରହିବା ପରେ ଗତ ସୋମବାର ସମୀର ସ୍ତ୍ରୀଙ୍କୁ ବାଗଡ଼ିଆସ୍ଥିତ ଘରକୁ ନେଇଥିଲେ। ହେଲେ ଏହାପରେ ସେ କେଉଁଆଡେ ଫେରାର ହୋଇଯାଇଥିଲେ। ସନ୍ଧ୍ୟାରେ ସମୀରଙ୍କ ପରିବାର ଲୋକେ ବୋହୂଙ୍କୁ ମାରପିଟ କରିବା ସହିତ ରାତିରେ ତଡ଼ି ଦେଇଥିଲେ। ଏ ସମ୍ପର୍କରେ ମଙ୍ଗଳବାର ସମ୍ପୃକ୍ତା ବୋହୂ ବାଗଡ଼ିଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ନଂ. ୧୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦେବବ୍ରତ ନାୟକ ପ୍ରକାଶ କରିଛନ୍ତି।


# ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ପବିତ୍ରନଗର,୨୦।୧(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ଥାନା କାକୁଡିଆ ଗ୍ରାମର ଏକ ଘରୁ ମଙ୍ଗଳବାର ସକାଳୁ ଗୁରୁତର ଅବସ୍ଥାରେ ଦ୍ରୌପଦୀ ନାଏକ(୫୨) ଓ ସ୍ୱାମୀ ଅକ୍ରୁର ନାଏକଙ୍କୁ ଉଦ୍ଧାର କରାଯାଇଥିଲା। ସମ୍ପୃକ୍ତ ଦମ୍ପତି ସକାଳୁ ଘର କବାଟ ନ ଖୋଲିବାରୁ ପଡ଼ୋଶୀମାନେ ସନ୍ଦେହ କରି କବାଟ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରିଥିଲେ। ପରେ ଉଭୟଙ୍କୁ କଣିହାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦ୍ରୌପଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅକ୍ରୁରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ଅକ୍ରୁର ଦୀର୍ଘ ବର୍ଷ ହେବ ଭିଲାଇରେ ରହୁଥିଲେ। କିଛି ଦିନ ତଳେ ଜଣେ ସମ୍ପର୍କୀୟଙ୍କ ବାହାଘର ପାଇଁ ଗାଁକୁ ଆସିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି।

# ହ୍ୱାଟ୍ସ ଆପ୍‌ରେ ନ୍ୟୁଡ୍ ଭିଡିଓ କଲ୍ କରି ବ୍ଲାକମେଲ୍






ସାଇବର ଥାନା ପୋଲିସ ଦ୍ୱାରା ଗିରଫ ୫ ଅଭିଯୁକ୍ତ ଓ ଜବତ ଟଙ୍କା।

**କଟକ,୨୦।୧(କାର୍ତ୍ତିକ ସାହୁ)**

- ୮୮ ଲକ୍ଷ ଟଙ୍କା ସାଇବର ଠକେଇ ମାମଲାରେ ୫ ଗିରଫ
- ମୁଖ୍ୟ ଅଭିଯୁକ୍ତ ସରୋଜ ଫେରାର
- ୧୪ ଲକ୍ଷ ନଗଦ ଅର୍ଥ, ଅଳଙ୍କାର, ବାଇକ୍ ଜବତ
- ୭୨ ବର୍ଷୀୟ ବରିଷ୍ଠ ନାଗରିକ ଠକେଇର ଶିକାର

ଜଣେ ୭୨ ବର୍ଷୀୟ ବରିଷ୍ଠ ନାଗରିକଙ୍କୁ ପ୍ରଥମେ ହ୍ୱାଟ୍ସ ଆପ୍‌ରେ ନ୍ୟୁଡ୍ ଭିଡିଓ କଲେ। ପରେ ଉକ୍ତ ଭିଡିଓ କଲିଂର ରେକର୍ଡିଂ କରି ତାହା ପ୍ରଘଟ କରିଦେବା ଭୟ ଦେଖାଇ ସମ୍ପୃକ୍ତ ବୃଦ୍ଧଙ୍କୁ ବ୍ଲାକମେଲ୍ କଲେ। ବ୍ଲାକ୍‌ମେଲ କରି କଟକ ବିଡ଼ାନାସୀର ସମ୍ପୃକ୍ତ ବୃଦ୍ଧଙ୍କଠାରୁ ସାଇବର ଅପରାଧୀ ୮୮ ଲକ୍ଷ ଠକେଇ କରି ନେଇଯିବା ମାମଲାରେ କଟକ ସାଇବର ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପୋବଲା ଗ୍ରାମର ମନୋଜ କୁମାର ଜେନା (୨୭), ପ୍ରଫୁଲ୍ଲ କୁମାର ବିଶ୍ୱାଳ (୬୫), ସଂଗ୍ରାମ ଜେନା (୨୨), ବରୀ ଥାନା ଅନ୍ତର୍ଗତ ଉଫୁଳ ଗ୍ରାମର ବାସୁଦେବ ରାଉତ (୨୫) ଏବଂ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳ ପ୍ରସାଦ ମହତାବ ରୋଡ୍‌ର ମନୋରଞ୍ଜନ ରାଉତରାୟ (୬୦)। ତେବେ ମାମଲାର ମୁଖ୍ୟ ଅଭିଯୁକ୍ତ ସରୋଜ କୁମାର ଜେନା ଫେରାର ଥିବା ପୋଲିସ କହିଛି। ସେମାନଙ୍କ ନିକଟରୁ ନଗଦ ୧୪ ଲକ୍ଷ ୪୬୦ ଟଙ୍କା, ୧୬ଟି ରୁପା ମୁଦ୍ରା, ୨ ହଳ ସୁନା କାନଫୁଲ, ୧ଟି ସୁନାମୁଦି, ଗୋଟିଏ ସୁନା ମଙ୍ଗଳସୂତ୍ର, ଗୋଟିଏ ସୁନା ଚେନ୍, ଗୋଟିଏ ରୁପା ଆର୍ମଲେଟ, ୨ଟି ବାଇକ୍ ପୋଲିସ ଜବତ କରିଛି। ଏଥିସହ ସେମାନଙ୍କ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଜମା ଅଚଳ କରାଯାଇଛି। ଏହି ଅପରାଧ ସହ ଜଡ଼ିତ ଅନ୍ୟ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଛି। ପରବର୍ତ୍ତୀ ସମୟରେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ କଟକ ସାଇବର ଥାନାରେ ଏକ ମାମଲା (ନଂ. ୦୯/୨୦୨୬) ରୁଜୁ ହୋଇଛି।

ସୂଚନାନୁସାରେ, ମୁଖ୍ୟ ଅଭିଯୁକ୍ତ ସରୋଜ ଦୁଇ ସହଯୋଗୀଙ୍କ ସହିତ ପ୍ରାଥମିକ ଅବସ୍ଥାରେ ୨୦୨୫ ଜାନୁଆରୀରେ ଫେସ୍‌ବୁକ୍ ଜରିଆରେ ପୀଡ଼ିତ ବୃଦ୍ଧଙ୍କୁ ଯୋଗାଯୋଗ କରିଥିଲେ। ଚତୁରତାର ସହ ସମ୍ପର୍କ ବଢ଼ାଇ କଟକର ବିଭିନ୍ନ ହୋଟେଲରେ ବ୍ୟକ୍ତିଗତ ଭାବେ ତାଙ୍କୁ ବାରମ୍ବାର ଭେଟିଥିଲେ। ଅଭିଯୁକ୍ତ ସରୋଜ ମେଡିକାଲ ଚିକିତ୍ସା କଥା କହି ୨୦୨୫ ମେ'ରେ ୧.୪୮ ଲକ୍ଷ ଟଙ୍କା ପୀଡ଼ିତଙ୍କଠାରୁ ଅନ୍‌ଲାଇନରେ ନେଇଥିଲେ। ବୃଦ୍ଧଙ୍କ ବିଶ୍ୱାସ ବୃଦ୍ଧି କରିବା ପାଇଁ ୨ ମାସରେ ସେ ଉକ୍ତ ଟଙ୍କା ଫେରସ୍ତ ଦେଇଥିଲେ। ପୁଣି ସରୋଜ ନିଜ ଝିଅ ଚିକିତ୍ସା ପାଇଁ ଟଙ୍କା ମାଗିଥିଲେ। ମାତ୍ର ବୃଦ୍ଧ ମନା କରିଦେଇଥିଲେ। ଏହାପରେ ସେ ଜଣେ ମହିଳାଙ୍କ ଦ୍ୱାରା ହ୍ୱାଟ୍ସଆପ୍‌ରେ ନ୍ୟୁଡ୍ କଲ୍ କରିଥିଲେ। ବୃଦ୍ଧ ଜଣଙ୍କ କଲ୍ ଉଠାଇବାରୁ ଅଭିଯୁକ୍ତ ସରୋଜ ତାହାକୁ ଗୁପ୍ତରେ ରେକର୍ଡିଂ କରିଥିଲେ। ପରବର୍ତ୍ତୀ ସମୟରେ ସେହି ରେକର୍ଡିଂ ସୋସିଆଲ ମିଡିଆରେ ପ୍ରଘଟ କରିଦେବାର ଭୟ ଦେଖାଇ ବିଭିନ୍ନ ସମୟରେ ୮୮ଲକ୍ଷ ଟଙ୍କା ତାଙ୍କଠାରୁ ନେଇଯାଇଥିଲେ। ଅନ୍ୟ ଅଭିଯୁକ୍ତମାନେ ସରୋଜଙ୍କୁ ଏଥିରେ ସହଯୋଗ କରିଥିଲେ। ଏନେଇ ବୃଦ୍ଧ ସାଇବର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

# ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ

**ବଘିଆପଡା,୨୦।୧(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ କଉଡ଼ିଆତୋଳା ଗ୍ରାମ ନିକଟରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଉଡ଼ିଆ ତୋଳା ଗ୍ରାମର ସୁଶୀଳ ପ୍ରଧାନ। ସେ ମଙ୍ଗଳବାର ସନ୍ଧ୍ୟାରେ ନାରାୟଣ ନଗର ସାପ୍ତାହିକ ବଜାରରୁ ସଉଦା କରି ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ କଉଡ଼ିଆ ତୋଳା ଗ୍ରାମ ନିକଟରେ ପୂର୍ବ ଶତ୍ରୁତାକୁ ନେଇ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଯୁବକଙ୍କ ମୃତ୍ୟୁକୁ ନେଇ ଥାନାରେ ଅଭିଯୋଗ

**ବଆଁରପାଳ,୨୦।୧(ସୁବାସ ସାହୁ)**

ବଆଁରପାଳ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ତାଙ୍କ ସାନ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ନାଲ୍‌କୋ ସିପିପି ବସଲା ହଟିଂର ମାଗିଲ ମୁଣ୍ଡା (୪୦)ଙ୍କ ଦେହ ଅସୁସ୍ଥ ହେବାରୁ ସାନଭାଇ ଶିବ ମୁଣ୍ଡା ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଶିବ ତୁରନ୍ତ ବଆଁରପାଳ ଥାନାକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।


## NOTICE

Royal Lagoon, Raghunathpur, Bhubaneswar -751024 (rlrwa@outlook.com; M: 9556939343) invites original painting manufacturers to take up painting inclusive of repair in their high-rised residential society of approximately 15,00,000 square feet. Site survey and collection of details by 27 January 2026 and submission of application by 16 February 2026.

## ଭାରତୀୟ ରିଜର୍ଭ ବ୍ୟାଙ୍କ

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – ୭୫୧୦୦୧

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୪୪,୩୦,୫୦୧/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନ, ଭୁବନେଶ୍ୱର , ଓଡିଶା ର ୨ୟ ମହଲାରେ ହେବାକୁ ଥିବା ଅଡିଟୋରିୟମର ଫ୍ଲୋରିଙ୍ଗ** କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୪୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବା

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ ୨୦୨୬ ଅପରାହ୍ନ ୦୨:୦୦ ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

## ଭାରତ ସରକାର

ଅର୍ଥ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ
ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧକ ମହାନିର୍ଦ୍ଦେଶାଳୟ
କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
ହୋଟେଲ ସମ୍ରାଟ, ଚାଣକ୍ୟପୁରୀ, ନୂଆଦିଲ୍ଲୀ
ଇମେଲ୍: cis.dgsystems@gov.in ୱେବ୍‌ସାଇଟ୍: www.cbic.gov.in

ଟେଣ୍ଡର ଆଇଡି: ୨୦୨୫_ଡିଆର୍‌ଇଭି_୮୮୯୨୫୮_୧ ତାରିଖ: ୨୧.୦୧.୨୦୨୬

**କୋଟିସ**

**ସୀମା ଶୁଳ୍କ ଏକୀକୃତ ପ୍ରଣାଳୀ (ସିଆଇଏସ୍) ପାଇଁ କାର୍ଯ୍ୟାନ୍ୱୟନ ଏଜେନ୍ସି (ଆଇଏ) ଚୟନ ଲାଗି ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ନିମନ୍ତେ ଆର୍‌ଇଓଆଇ ଦସ୍ତାବିଜର କ୍ରୟ ତଥା ବିଡ୍ ଦାଖଲ କରିବାର ଶେଷ ତାରିଖ ବୃଦ୍ଧି**

ଭାରତର ରାଷ୍ଟ୍ରପତି, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ ଅଧୀନସ୍ଥ ପ୍ରଣାଳୀ ଏବଂ ଡେଟା ପ୍ରବନ୍ଧନ ମହାନିର୍ଦ୍ଦେଶାଳୟର ପ୍ରଧାନ ମହାପ୍ରବନ୍ଧକଙ୍କ ଜରିଆରେ ଟେଣ୍ଡର ଆଇଡି: ୨୦୨୫_ଡିଆର୍‌ଇଭି_୮୮୯୨୫୮_୧, ତାରିଖ: ୧୦।୧୨।୨୦୨୫ରିଖ ଅଧୀନରେ କଷ୍ଟମ୍ସ ଇଣ୍ଟିଗ୍ରେଟେଡ୍ ସିଷ୍ଟମ୍ (ସିଆଇଏସ୍) ନିମନ୍ତେ କାର୍ଯ୍ୟାନ୍ୱୟନ ଏଜେନ୍ସିର ମନୋନୟନ ପାଇଁ ଆଗ୍ରହୀ ବିଡରମାନଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରିଥିଲେ, ଯେଉଁଠି ଆର୍‌ଇଓଆଇ ଦସ୍ତାବିଜ କ୍ରୟ ତଥା ବିଡ୍ ଦାଖଲର ଶେଷ ତାରିଖ ତା୨୧।୦୧।୨୦୨୬ରିଖ ଥିଲା ।

ଆର୍‌ଇଓଆଇ ଦସ୍ତାବିଜ କ୍ରୟ ତଥା ବିଡ୍ ଦାଖଲର ଶେଷ ତାରିଖକୁ ତା୨୧।୦୧।୨୦୨୬ରିଖ ୧୭.୦୦ ଘଟିକା (ଆଇଏସ୍‌ଟି)ରୁ ତା୩୧।୦୧।୨୦୨୬ରିଖ ୧୭.୦୦ ଘଟିକା (ଆଇଏସ୍‌ଟି) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ରହିବ । ଅଧିକ ବିବରଣୀ ପାଇଁ ଇ–ଟେଣ୍ଡର ୱେବ୍‌ସାଇଟ୍ https://eprocure.gov.in/eprocure/app ପରିଦର୍ଶନ କରନ୍ତୁ ।

CBC 15502/11/0050/2526

## GOVERNMENT OF JHARKHAND

AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

**Very Short e-Tender Notice**

**Tender Notice No:- ICDP/RANCHI/13/2025-26 DATE:- 20.01.2026**

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 100 MT Capacity Godown with Marketing Centre in Different Lamps Of District EAST SINGHBHUM (JAMSHEDPUR). | 33 | 11,70,98,685.00 | 10,000.00 | 11,71,000.00 | 12 Months |
| | (B) | Construction of 100 MT Capacity Godown with Marketing Centre in Different Lamps/Pacs Of Districts Garhwa, Latehar & Chatra. | 28 | 9,93,56,460.00 | 10,000.00 | 9,93,600.00 | |
| | (C) | Construction of 100 MT Capacity Godown with Marketing Centre in Different Lamps/Pacs Of Districts Saraikela-Kharsawan, Gumla, Simdega & lohardaga. | 24 | 8,51,62,680.00 | 10,000.00 | 8,51,700.00 | |
| 02. | | Date Of Publication of on Website | 29.01.2026 AT 11:00 AM | | | | |
| 03. | | Last Date & Time of Submission of bids | 06.02.2026 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, 4th Floor Pasupalan-Sahkarita Bhawan Singh More, Hesag, Hatia, Ranchi. 834003 | | | | |
| 05. | | Contact No of Procurement Officer | 7979780612, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 29.01.2026 at 11:00 AM to 06.02.2026 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 06.02.2026. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 09.02.2026.
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 371227 Co-opretive(25-26)D

## STEEL AUTHORITY OF INDIA LIMITED

Rourkela Steel Plant
Rourkela - 769 011, Odisha, India

**OFFICE OF THE CMO I/C (M&HS) ISPAT GENERAL HOSPITAL**

REF. NO. IGH/KIT/ TENDER/2026-27/006/2026/001 DATED :08/01/2026

**TENDER CASE**

Sealed Tenders are invited from intending Tenderers for supply of dietary items to Ispat General Hospital, RSP, Rourkela from 01.04.2026 to 31.03.2027 in respect of the items mentioned below:-

| Sl No. | Schedule No. | Particulars | Number of items | Earnest money to be deposited | Security deposit |
|---|---|---|---|---|---|
| 1. | I | Grocery (Loose Items) | 8 Nos. | Rs. 15,000/- | 2.5% of order value |
| 2 | II | Vegetables | 25 Nos. | Rs. 15,000/- | -do- |
| 3 | IV | Fish | 1 No. | Rs. 15,000/- | -do- |
| 4 | V | Egg | 1 No. | Rs. 5000/- | -do- |
| 5 | VI | Fruits | 9 Nos. | Rs. 5000/- | -do- |
| 6 | VII | Bakery item | 1 No. | Rs. 5,000/- | -do- |
| 7 | VIII | Chicken | 1 No. | Rs. 5000/- | -do- |
| 8 | IX | Grocery (Packet Items) | 36 Nos. | Rs. 15,000/- | -do- |

Tender form can be obtained from the Office of the Asst. Manager (Kitchen) IGH, from 19th January 2026 (Monday) to 8th February 2026 (Sunday)till 3.00 pm.The tender will be received up to 4:00 PM on 9th February 2026 (Monday) in the Office of the Asst. Manager (Kitchen) IGH, Rourkela- 769005 and opened on 4:30 PM on the same day.

Dy, CMO (kitchen), IGH, RSP

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି

**ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡ୍**

**ପରିବେଶ ମଞ୍ଜୁରୀ**

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଓଡ଼ିଶା, ମେସର୍ସ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ମୌଜା- ସିପାସୁରୁବୁଲି, ଜିଲ୍ଲା- ପୁରୀ, ଓଡ଼ିଶାଠାରେ ଅବସ୍ଥିତ ପ୍ଲଟ୍ ନଂ.- ୫୫୨ ଏବଂ ଖାତା ନଂ.- ୩୧୩ ଉପରେ ନିର୍ମିତ ହେଉଥିବା "ସି ରୋଜେସ୍" ନାମ ଓ ଶୈଳୀର ଆବାସିକ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଇସି ଚିହ୍ନଟୀକରଣ ସଂଖ୍ୟା: ଇସି୨୩ବି୦୩୮ଓଆର୍୧୪୩୯୬୫ (EC23B038OR143965), ତା୧୩।୦୪।୨୦୨୩ରିଖ ଅଧୀନରେ ପରିବେଶ ମଞ୍ଜୁରୀର ନକଲ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ରେ ଉପଲବ୍ଧ ଏବଂ ତାହାକୁ ପ୍ରାଧିକରଣ/ବୋର୍ଡର ୱେବସାଇଟ୍‌ରେ ମଧ ଦେଖାଯାଇପାରିବ ।

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ) ଇଆଇଏ ନୋଟିଫିକେଶନ୍, ୨୦୦୬ ଅନୁସାରେ ଉପରୋକ୍ତ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ପାଇଁ
କଳିଙ୍ଗ କେଶରୀ ରଥ (ପରିଚାଳନା ନିର୍ଦ୍ଦେଶକ)
ପ୍ରାଧିକୃତ ସ୍ୱାକ୍ଷରକର୍ତ୍ତା

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2025-46, ତା.13.01.2026ରିଖ

**କାର୍ଯ୍ୟର ନାମ :** ସଣ୍ଟିଙ୍ଗ୍ ନେକ୍ କାର୍ଯ୍ୟର ଅନୁରୂପ ଷ୍ଟେସନଗୁଡ଼ିକର EI ପରିବର୍ତ୍ତନ : (1) DS ର ବ୍ୟବସ୍ଥା ସହିତ ହୀରାକୁଦ ଷ୍ଟେସନର R/5 ସମ୍ବଲପୁର ସୀମାଠାରେ 100M ବିଶିଷ୍ଟ ସଣ୍ଟିଙ୍ଗ୍ ନେକ୍‌ର ବ୍ୟବସ୍ଥା ଏବଂ ହୀରାକୁଦ ଠାରେ 26m R/6 ର ସମ୍ପ୍ରସାରଣ। (2) ଲୋକୋ ରିଭରସାଲ (Reversal) ନିମନ୍ତେ ଡୁଙ୍ଗୁରିପାଲି ଷ୍ଟେସନ ଠାରେ R/4 ର ଉଭୟ ସୀମାରେ 100m ଏସ୍/ନେକ୍ (S/Neck)ର ବ୍ୟବସ୍ଥା। (3) ଲୋକୋ ରିଭରସାଲ (Reversal) ନିମନ୍ତେ କଣ୍ଟାବାଞ୍ଜି ୟାର୍ଡ ସ୍ଥିତ ରାୟପୁର ସୀମାଠାରେ R/4 ରେ 100m ଏସ୍/ନେକ୍ (S/Neck)ର ବ୍ୟବସ୍ଥା। (4) ଲୋକୋ ରିଭରସାଲ (Reversal) ଡବ୍ଲ୍ୟୁ/ଓ ବ୍ଲକିଙ୍ଗ୍ ମେନ୍ ଲାଇନ୍ ନିମନ୍ତେ ବେଲସୋଣ୍ଡା ଷ୍ଟେସନର ଉଭୟ ସୀମାଠାରେ R/4 ରେ 100m ଏସ୍/ନେକ୍ (S/Neck)ର ବ୍ୟବସ୍ଥା। (5)କୋମାଖାନ (KMK) ଷ୍ଟେସନର ରାୟପୁର ସୀମା ସ୍ଥିତ R/4 ରେ 100m ସଣ୍ଟିଙ୍ଗ୍ ନେକ୍ ର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 1,59,80,616.95, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 2,29,900/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.02.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର)/ ସମ୍ବଲପୁର

PR-1025/Q/25-26

## केनरा बैंक Canara Bank — ସିଣ୍ଡିକେଟ Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ୍, ୟୁନିଟ୍ ନଂ.:୧୭, ମାଛୁଆ ବଜାର, କଟକ-୭୫୩୦୦୧, ମୋ.: ୭୯୭୮୫୪୮୪୮୩/୮୨୪୯୪୨୩୨୬୦

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡି କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| କ୍ର. ନଂ. | ଶାଖାର ନାମ / ଫୋନ୍ ନଂ. | ଋଣଗ୍ରହୀତାମାନଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି |
|---|---|---|---|---|
| ୧. | କଲରାବାଙ୍କ ଶାଖା (୫୨୪୯) / ୭୬୦୫୦୦୯୦୮୫ | ରଶ୍ମି ରଞ୍ଜନ ଶତପଥି / ୧୭୦୦୦୪୭୮୦୦୪୮ / ୨୧.୦୫.୨୦୨୨ | TATA MOTORS LTD ACE HT Regd. No.: OD-05-BF-0920 | ଟ.୧,୬୦,୦୦୦/- / ଟ.୧୬,୦୦୦/- |
| ୨. | ଉତ୍ତରଣ ଶାଖା (୪୪୨୪) / ୭୦୦୮୬୫୬୨୨୪ | ଅବିନାଶ ମହାନ୍ତି / ୧୬୧୦୦୧୦୨୨୯୫୮ / ୨୭.୦୯.୨୦୨୨ | YAMAHA FZS Regd. No.: OD-05-BG-7147 | ଟ.୫୦,୦୦୦/- / ଟ.୫,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:**

୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ୍ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ **ତା.୨୮.୦୧.୨୦୨୬ରିଖ** ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡ଼ିକ **ତା.୨୯.୦୧.୨୦୨୬ରିଖ** ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ **କାନାରା ବ୍ୟାଙ୍କ** ସପକ୍ଷରେ କଟକକୁ ପୈଠ ଦର୍ଶାଇ **ତା.୨୮.୦୧.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ଦାଖଲ କରିବେ।
୩. ଗାଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା.୨୮.୦୧.୨୦୨୬ରିଖ** ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଟିକସ, ଚଲାଣ ଏବଂ ବୀମା ଦେୟ ଆଦି ଖର୍ଚ୍ଚ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।

ସ୍ଥାନ: କଟକ, ତାରିଖ: ୨୦.୦୧.୨୦୨୬ ସ୍ୱା/- ବରିଷ୍ଠ ପ୍ରବନ୍ଧକ, କାନାରା ବ୍ୟାଙ୍କ

## Government of Odisha

No.A-1303

**e-Procurement Notice**

**Bid Identification No. : CCE, KIP-(KCD-I)-8/2025-26**
**(Pertaining to Kanpur Canal Division-I, Jhumpura)**

| | | |
|---|---|---|
| 1. | Name of the Work | "Construction of Additional Structure from RD 18710m to RD 37620m Kanpur Main Canal of Kanupur Irrigation project." |
| 2. | Estimated cost | Rs.686.39 Lakh |
| 3. | Period of completion | 09 (Nine) Calendar Months including rainy season |
| 4. | Date & Time of availability of Bid documents in the portal | 21.01.2026 from 10.00 Hours to 04.02.2026 up to 17.00 Hours |
| 5. | Last date / Time for receipt of bids in the portal | 04.02.2026 up to 17.00 Hours |
| 6. | Date & Time of opening of tender | 05.02.2026 at 11.00 Hours |
| 7. | Name & Address of the officer inviting Bid | Er. Mahendra Kumar Behera Chief Construction Engineer, Kanupur Irrigation Project, At/ PO-Basudevpur, Dist-Keonjhar, Odisha-758047 |

Further details can be seen from the e-Procurement portal "https://www.tendersodisha.gov.in."


Sd./- (Er. Mahendra Kumar Behera)
Chief Construction Engineer,
Kanupur Irrigation Project,
Basudevpur, Keonjhar, Odisha

OIPR-

See Career Appointment on every Wednesday & Saturday

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर।

**लापता: आवश्यक सूचना**



गुमशुदा महिला पिंकी देवी, उम्र–करीब 33 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक पिंटू राम के द्वारा अपनी पत्नी पिंकी देवी, उम्र–करीब 33 वर्ष की गुमशुदगी के संबंध में संबंधित थाना जुगसलाई में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा पिंकी देवी, उम्र–करीब 33 वर्ष, पति–पिंटू राम, पता–बंगाली पाड़ा, आर0पी0 पटेल स्कूल के पीछे जुगसलाई, थाना–जुगसलाई, जिला–पूर्वी सिंहभूम, जमशेदपुर जो दिनांक–18.12.2025 को समय शाम करीब 07–08 बजे अपने घर से बिना बताये निकली है अभीतक वापस नहीं लौटी है। महिला का मानसिक स्थिति ठीक नहीं है। आवेदक एवं इनके परिजनों के द्वारा अपने स्तर से काफी खोजबीन किया गया लेकिन गुमशुदा का कुछ पता नहीं चल सका है। गुमशुदा महिला का हुलिया निम्न प्रकार है :–उम्र–33 वर्ष, कद–05 फीट, रंग–सॉवला, चेहरा–गोल, बाल–काला, पहनावा– पीले रंग की साड़ी, गुलाबी रंग का चप्पल, भाषा–हिन्दी और भोजपुरी।

अतः अनुरोध है कि गुमशुदा महिला पिंकी देवी, उम्र–करीब 33 वर्ष को खोजबीन/ पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, (विधि–व्यवस्था) | : 9431706482 |
| थाना प्रभारी, जुगसलाई | : 9431706495 |

PR 371132 Police(25-26)D वरीय पुलिस अधीक्षक,पूर्वी सिंहभूम, जमशेदपुर।



## ପିଆଜ ଚାଷ

**ପି**ଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ପୂର୍ବରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬-୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।

## ଭାକୁର ମାଛରେ ଆଖିରୋଗ ଦେଖାଦେଲେ...

**ଭା**କୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ । ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ମାଛଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ସମ୍ଭାବନା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।





## କଦଳୀଚାଷରେ ରୋଗପୋକ ଦମନ

**କ**ଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମିଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ। କଦଳୀଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ଏକ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ।

# ଶୀତଦିନେ ଦୁଗ୍ଧ ଉତ୍ପାଦନ ହ୍ରାସର କାରଣ ଓ ନିରାକରଣ



ଡା.ନିରାକାର ଜେନା

**ସା**ଧାରଣତଃ ଶୀତଦିନେ ଗାଈ ଓ ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ ହ୍ରାସ ସମସ୍ତ ଗୋପାଳକ ଭାଇ ଓ ଭଉଣୀମାନଙ୍କର ଏକ ମୁଖ୍ୟ ସମସ୍ୟା। ଶୀତଦିନେ ବାୟୁମଣ୍ଡଳୀୟ ତାପମାତ୍ରା କମ୍ ହେବା କାରଣରୁ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନେ ନିଜ ଶରୀରର ତାପମାତ୍ରାକୁ ସନ୍ତୁଳିତ କରିବା ପାଇଁ ଅଧିକ ଶକ୍ତି ଖର୍ଚ୍ଚ କରିଥାନ୍ତି। ଏହି କାରଣରୁ ଖାଦ୍ୟ ହଜମ ପ୍ରକ୍ରିୟା କମ୍ ହୋଇଥାଏ। ତେଣୁ ଖାଉଥିବା ଖାଦ୍ୟର ଠିକ୍ ଉପଯୋଗ ଶରୀରରେ ହୋଇ ନ ଥାଏ, ଫଳରେ ଦୁଗ୍ଧ ଉତ୍ପାଦନ କମିଯାଇଥାଏ। ତେଣୁ ଶୀତଦିନରେ ଯଦି ଠିକ୍ ଉପାୟ ଅବଲମ୍ବନ କରାଯାଇପାରିବ ତା'ହେଲେ ଗାଈ ଓ ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ ଠିକ୍ ରଖାଯାଇପାରିବ।

**ଦୁଗ୍ଧ ଉତ୍ପାଦନର ମୁଖ୍ୟ କାରଣ**

-ଶୀତଦିନେ ଗାଈ ଓ ମଇଁଷିମାନେ ନିଜ ଶରୀରକୁ ଗରମ ରଖିବା ପାଇଁ ବହୁତ ଶକ୍ତି ଖର୍ଚ୍ଚ କରିଥାନ୍ତି । ତେଣୁ ଶରୀରକୁ ଗରମ ରଖିବା ପାଇଁ ଖର୍ଚ୍ଚ ହେଉଥିବା ଶକ୍ତି ହିଁ ଦୁଗ୍ଧ ଉତ୍ପାଦନରେ ବାଧା ସୃଷ୍ଟି କରିଥାଏ। ଏହି କାରଣରୁ ଦୁଗ୍ଧ ଉତ୍ପାଦନ ଧୀରେ ଧୀରେ କମିଯାଇଥାଏ।

➤ଶୀତଦିନେ ଥଣ୍ଡା ଲାଗିବା ଯୋଗୁ ଦୁଧିଆଳୀ ଗାଈ ଓ ମଇଁଷିମାନେ ପାଣି ପିଇବାକୁ ମନ କରିଥାନ୍ତି କିମ୍ବା କମ୍ ପାଣି ପିଇଥାନ୍ତି । କିନ୍ତୁ ଦୁଗ୍ଧର ମୁଖ୍ୟ ଉପାଦାନ ହିଁ ପାଣି, ଯାହା ହେଉଛି ପାଖପାଖି ୮୦ ରୁ ୯୦ ପ୍ରତିଶତ। ତେଣୁ ଶୀତଦିନେ କମ୍ ପାଣି ପିଇବା ଯୋଗୁ ଦୁଗ୍ଧର ଜଳୀୟ ଅଂଶ କମିଯାଇଥାଏ, ଯାହାଦ୍ୱାରା ଏହାର ପ୍ରଭାବ ସିଧାସଳଖ ଦୁଗ୍ଧ ଉତ୍ପାଦନରେ ହିଁ ପଡ଼ିଥାଏ।

➤ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କର ଥଣ୍ଡା ପ୍ରକୋପରେ ହଜମ ବା ପାଚନ ପ୍ରକ୍ରିୟା କମିଯାଇଥାଏ। ଫଳରେ ସେମାନେ ଖାଉଥିବା ଦାନା କିମ୍ବା ଚାରା ପୂରା ହଜମ ହୋଇ ନ ଥାଏ। ଫଳରେ ସେଗୁଡିକ ଶରୀରରେ ସମ୍ପୂର୍ଣ୍ଣ ଉପଯୋଗ ନ ହୋଇପାରିବା ଫଳରେ ଦୁଗ୍ଧ ଉତ୍ପାଦନ କମ୍ ହୋଇଥାଏ।

➤ଅତ୍ୟଧିକ ଥଣ୍ଡା କାରଣରୁ ଦୁଗ୍ଧ ଉତ୍ପାଦନକାରୀ ପ୍ରାଣୀମାନଙ୍କ ଉପରେ ଷ୍ଟ୍ରେସ୍ ବା ଚାପ ପଡ଼ିଥାଏ। ଏହି କାରଣରୁ ସେମାନଙ୍କର ଦୁଗ୍ଧ ଉତ୍ପାଦନ ବ୍ୟାହତ ହୋଇଥାଏ।

➤ଶୀତ ଦିନେ ରାତି ଲମ୍ବା ଦିନ ଛୋଟ ହୋଇଥାଏ। ଫଳରେ ଦୁଧିଆଳୀ ଗାଈ ଓ ମଇଁଷିମାନେ ନିଜ ଶରୀର ପାଇଁ ଅଧିକ ପୋଷଣ ଉପଯୋଗ କରିଥାଏ। ଏହି କାରଣରୁ ସେମାନଙ୍କ ଶରୀରରେ ଭିଟାମିନ ଓ ଖଣିଜ ଲବଣ ବା ମିନେରାଲ କମିଯାଇଥାଏ। ତେଣୁ ଦୁଗ୍ଧ ଉତ୍ପାଦନ କମିଥାଏ।

"ଶୀତଦିନେ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନଙ୍କୁ ଅଧିକ ଶକ୍ତି ପ୍ରଦାନକାରୀ ଖାଦ୍ୟ ଖାଇବାକୁ ଦିଅନ୍ତୁ । ଫଳରେ ସେମାନଙ୍କ ଶରୀର ଗରମ ରହିବା ସହ ଦୁଗ୍ଧ ସଞ୍ଚାରଣ ପ୍ରକ୍ରିୟା ଠିକ୍ ରହିଥାଏ। ଶୀତଦିନେ ୧ କିଲୋ ଦାନା ସହ ଚୋକଡ଼ ୨୦୦ ରୁ ୩୦୦ ଗ୍ରାମ୍, ଗୁଡ଼ ୧୦୦ ରୁ ୧୫୦ ଗ୍ରାମ, ମିନେରାଲମିକ୍ସ ୨୦ ରୁ ୫୦ ଗ୍ରାମ ଏବଂ ଲୁଣ ଏକ ମୁଠା ଦୁଧିଆଳୀ ପ୍ରାଣୀମାନଙ୍କୁ ଖାଇବାକୁ ଦେବା ଉଚିତ। ଚୋକଡ଼ ହଜମ ଠିକ୍ କରିଥାଏ। ଗୁଡ଼ ଶରୀରକୁ ଶକ୍ତି ଯୋଗାଇଥାଏ, ଫଳରେ ଏହା ଭୋକ ସୃଷ୍ଟି କରିଥାଏ।"



➤ଅନେକ ସମୟରେ ଗୋପାଳକ ଭାଇ ଓ ଭଉଣୀମାନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କ ପାଇଁ ଶୀତଦିନେ ଚାରା ଓ ଦାନା ବଦଳାଇ ନ ଥାନ୍ତି କି ଶୀତଦିନରେ ସେମାନେ ଆବଶ୍ୟକ କରୁଥିବା ଖାଦ୍ୟ ଏବଂ ଚାରା ଦେଇ ନ ଥାନ୍ତି । ପୂର୍ବରୁ ଯାହା ଦିଆଯାଉଥିଲା ତାହା ଜାରି ରଖନ୍ତି, ଫଳରେ ଦୁଧିଆଳୀ ଗାଈ ଓ ମଇଁଷି କମ୍ ଦୁଗ୍ଧ ଉତ୍ପାଦନ କରିଥାନ୍ତି।

**ଦୁଗ୍ଧ ଉତ୍ପାଦନ ନ କମିବାର ସରଳ ଉପାୟ**

**ପିଇବା ପାଣିର ଠିକ୍ ମାତ୍ରା ଓ ତାପମାତ୍ରା**

ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କର ପ୍ରଥମ ଆବଶ୍ୟକତା ହେଉଛି ପର୍ଯ୍ୟାପ୍ତ ପରମାଣର ଉଷୁମପାଣି। ଥଣ୍ଡାପାଣି ପ୍ରାଣୀର ଶରୀରକୁ ଅତ୍ୟଧିକ ଥଣ୍ଡା କରିଦିଏ, ଫଳରେ ହଜମ ପ୍ରକ୍ରିୟା କମିଯାଇଥାଏ। ତେଣୁ ଦୁଗ୍ଧ ଉତ୍ପାଦନ କମିଥାଏ। ଗାଈମାନଙ୍କୁ ସକାଳେ ଏବଂ ସନ୍ଧ୍ୟାରେ ୪୦ ରୁ ୬୦ ଲିଟର ଉଷୁମ ପାଣି ପିଇବାକୁ ଦେବା ଉଚିତ। ଉଷୁମପାଣି ଶରୀରକୁ ଉଷୁମ ରଖିବା ସହ ଖାଦ୍ୟ ହଜମ ପ୍ରକ୍ରିୟାକୁ ଠିକ୍ ରଖିଥାଏ। ଫଳରେ ଦୁଗ୍ଧ ଉତ୍ପାଦନ ବଢ଼ିଥାଏ।

**ସକାଳ ଖାଦ୍ୟ ମହତ୍ତ୍ୱପୂର୍ଣ୍ଣ**

ଶୀତଦିନେ ଦୁଗ୍ଧ ଉତ୍ପାଦନକାରୀ ଗାଈ ଓ ମଇଁଷିମାନଙ୍କୁ ଅଧିକ ଶକ୍ତି ପ୍ରଦାନକାରୀ ଖାଦ୍ୟ ଖାଇବାକୁ ଦିଅନ୍ତୁ । ଫଳରେ ସେମାନଙ୍କ ଶରୀର ଗରମ ରହିବା ସହ ଦୁଗ୍ଧ ସଞ୍ଚାରଣ ପ୍ରକ୍ରିୟା ଠିକ୍ ରହିଥାଏ। ଶୀତଦିନେ ୧ କିଗ୍ରା ଦାନା ସହ ଚୋକଡ଼ ୨୦୦ ରୁ ୩୦୦ ଗ୍ରାମ, ଗୁଡ଼ ୧୦୦ ରୁ ୧୫୦ ଗ୍ରାମ, ମିନେରାଲମିକ୍ସ ୨୦ ରୁ ୫୦ ଗ୍ରାମ ଏବଂ ଲୁଣ ୧ ମୁଠା ଦୁଧିଆଳୀ ପ୍ରାଣୀମାନଙ୍କୁ ଖାଇବାକୁ ଦେବା ଉଚିତ। ଚୋକଡ଼ ହଜମ ଠିକ୍ କରିଥାଏ। ଗୁଡ଼ ଶରୀରକୁ ଶକ୍ତି ଯୋଗାଇଥାଏ, ଫଳରେ ଏହା ଭୋକ ସୃଷ୍ଟି କରିଥାଏ। ମିନେରାଲମିକ୍ସ କ୍ୟାଲ୍‌ସିୟମ ଓ ଫସ୍‌ଫରସ୍‌ର ଅଭାବ ପୂରଣ କରିଥାଏ, ଫଳରେ ଦୁଗ୍ଧର ମାତ୍ରା ଏବଂ ଗୁଣବତ୍ତା ଠିକ୍ ରଖିଥାଏ। ତେଣୁ ଏହି ମିଶ୍ରିତ ଦାନା ସକାଳେ ୧୦ ପର୍ଯ୍ୟନ୍ତ ଦେଲେ ଦୁଗ୍ଧ ଉତ୍ପାଦନର ପାର୍ଥକ୍ୟ ଠିକ୍ ଭାବରେ ଅନୁଭୂତ ହେବ।

**ଚାରା ପରିଚାଳନା :** ଶୀତଦିନେ ଚାରା ପରିଚାଳନା ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ। ଶୀତଦିନେ ଦୁଧିଆଳୀ ଗାଈ ଓ ମଇଁଷିମାନଙ୍କୁ ବର୍ସିମ ,ନେପିଏର, ବଜାର, ଜୁଆର ଆଦି ଘାସ ଖାଇବାକୁ ଦେବା ଉଚିତ। ଏହା ସେମାନଙ୍କୁ ଠିକ୍ ପୋଷଣ ଦେବା ସହ ଦୁଗ୍ଧ ଉତ୍ପାଦନ ଠିକ୍ ରଖିଥାଏ। ପ୍ରତିଦିନ ଗାଈମାନଙ୍କୁ ୨୦-୩୦ କି.ଗ୍ରା. କଞ୍ଚା ଘାସ ଏବଂ ମଇଁଷିମାନଙ୍କୁ ୩୦-୪୦ କି.ଗ୍ରା. କଞ୍ଚାଘାସ ଖାଇବାକୁ ଦେବା ଉଚିତ। ଏହାବ୍ୟତୀତ ସେମାନଙ୍କୁ ଆବଶ୍ୟକତା ଅନୁସାରେ ଶୁଖିଲା ଚାରା ଯଥା ଭୁଷି ,ଶୁଖିଲା ମକା ମଧ ଖାଇବାକୁ ଦେବା ଉଚିତ। (କ୍ରମଶଃ...)

-ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ,
ତିହିଡ଼ି, ଭଦ୍ରକ
ମୋ : ୯୪୩୯୮୯୦୦୨୬

## ଡାଲୁଅ ଧାନ ତଳି ପ୍ରସ୍ତୁତି ସମୟରେ...



**ଡା**ଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲ. ଜମିରେ ତଳି ପଡ଼େ) ପାଇଁ ତଳି କିଆରୀକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ୍ । ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଟା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ :ସହଳ - ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ -ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରୀରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଅନ୍ୟପକ୍ଷରେ ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ୍ ।

## ପନିପରିବା ଚାଷ



**କୋବିଜାତୀୟ** ଫସଲରେ ଜଉପୋକ, ଠିକିରିପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।

## ଆଖୁ ୪୫ଦିନର ହୋଇଯାଇଥିଲେ...

**ଆ**ଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକିଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍



ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

# ରାଶିର ଉନ୍ନତ କିସମ



**ରା**ଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କିଗ୍ରା ବିହନ ଆବଶ୍ୟକ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍‌ଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍‌ଫରସ (୮କି.ଗ୍ରା.), ପଟାସ (୮କି.ଗ୍ରା.) ଓ ସଲ୍‌ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

## ପ୍ରାଣୀ ସମ୍ପଦ



**ବ**ନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର୍ ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ।

## ବଳାତ୍କାର ଅଭିଯୁକ୍ତ ଗିରଫ

ପବିତ୍ରନଗର,(ନିରୋଜ ପ୍ରଧାନ): ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଲି ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କୁ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଦେଖାଇବା ସହ ଭାଇରାଲ କରିଦେବା ଧମକ ଦେଇ ବାରମ୍ବାର ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ରେଙ୍ଗାଲି ପୋଲିସ ନମ୍ବର ୧୨/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ବ୍ରହ୍ମାନନ୍ଦ ନାଏକଙ୍କୁ ଗିରଫ କରିଥିବା ଆଇଆଇସି ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି।

## ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୨୦।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗୁଣ୍ଡୁରିମୁଣ୍ଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ଦେହୁରୀ, ଶିକ୍ଷୟିତ୍ରୀ ବାସନ୍ତୀ ନାୟକ ଓ ଜଣେ ଛାତ୍ରଙ୍କୁ ସେହି ଗ୍ରାମର ଜନୈକ ଯୁବକ ମାଡ଼ ମାରିଥିବା ପ୍ରଧାନ ଶିକ୍ଷକ ହଣ୍ଡପା ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୬/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ବିଦ୍ୟାଳୟରେ ପଢ଼ା ଚାଲିଥିବା ବେଳେ ସମ୍ପୃକ୍ତ ଯୁବକ ଜଣଙ୍କ ଆସି ପ୍ରଥମେ ଜଣେ ଛାତ୍ରଙ୍କୁ ମାଡ଼ ମାରିଥିଲେ। ପରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ବିଭିନ୍ନ କ୍ଷେତ୍ରରେ ଏଆଇର ବ୍ୟବହାର ଜାଣିଲେ ଛାତ୍ରୀଛାତ୍ର

## ଏକଦିବସୀୟ ଆଲୋଚନାଚକ୍ର ଓ କର୍ମଶାଳା

ଛେଣ୍ଡିପଦା,୨୦।୧ (ଅଜିତ ଧଳ)



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ଉଚ୍ଚଶିକ୍ଷା ଅଧୀନରେ ଥିବା କଲେଜଗୁଡ଼ିକରେ ଇ-ଲର୍ନିଂ ଏବଂ ଇ-ପ୍ରଶାସନର ଭୂମିକାକୁ ନେଇ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟରେ ମଙ୍ଗଳବାର ଏକ ଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପିଏମ୍- ଉଷା ଅନୁଦାନରେ ମହାବିଦ୍ୟାଳୟର ଆଇକ୍ୟୁଏସି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ସମିତ କୁମାର ପ୍ରଧାନ ଯୋଗଦେଇ ଇ- ଲର୍ନିଂର ପରିଭାଷା, ଫ୍ୟୁଚର, କ୍ଲାଉଡ କମ୍ପ୍ୟୁଟିଂର ଉପଯୋଗିତା, ଅନଲାଇନ ଲର୍ନିଂର ବିଭିନ୍ନ ପ୍ଲାଟଫର୍ମ, ଚାର୍ଜଜିପିଟିର ବିଭିନ୍ନ ଟୋଲ୍ସ, ପାଠପଢା କ୍ଷେତ୍ରରେ ଏହାର ବ୍ୟବହାର, ବିଭିନ୍ନ କ୍ଷେତ୍ରରେ ଏଆଇର ବ୍ୟବହାର ଓ ସାମାଜିକ ପ୍ରଭାବ ଆଦି ଦିଗରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଅନୁଗୋଳ ବିନାୟକ ଆଇଟି ସଲ୍ୟୁଶନ ନିର୍ଦ୍ଦେଶକ ସୌମ୍ୟକାନ୍ତ ନାୟକ ଯୋଗଦେଇ ଇ-ପ୍ରଶାସନର ଉପକାରିତା ଓ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପିପିଟି ମାଧ୍ୟମରେ ଅଣଶିକ୍ଷକ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଧର୍ମରାଜ ତ୍ରିପାଠୀ ସାମ୍ପ୍ରତିକ ସମୟରେ ଇ- ଲର୍ନିଂର ଆବଶ୍ୟକତା, ଉପଯୋଗିତା ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇବା ସହିତ ଉତ୍ସାହିତ କରିଥିଲେ। ପ୍ରଧାପିକା ଅନିତା ପଣ୍ଡା କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧାପିକା ଡ. ସୁସ୍ମିତା ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିବା ବେଳେ ଓଡ଼ିଆ ବିଭାଗ ଅଧାପକ ପ୍ରିୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟର ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ୨୬ତମ ଅଷ୍ଟପ୍ରହର ନାମଯଜ୍ଞ

ସନ୍ତ୍ରୀଛକ,୨୦।୧ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଚଉରଡିହ ଗ୍ରାମରେ ୨୬ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ବିରାଟ ଶୋଭାଯାତ୍ରାରେ କଳସ ଯାତ୍ରା କରାଯାଇ ଘଟ ସ୍ଥାପନା କରାଯାଇଥିଲା। ଏହାପରେ ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। ବିଭିନ୍ନ ଗ୍ରାମରୁ ପ୍ରାୟ ୩୫ ଦଳ ମହିଳା ଏବଂ ପୁରୁଷ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇ ହରିନାମ ପରିବେଷଣ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ପିଣ୍ଟୁ ଭୂତିଆ, ଯୁବନେତା ଅରୁଣାଭ ସିଂହ, ମହିମା ଜେନା ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ମଦନ ସାହୁ, ମଳୟ ସାହୁ, ଶ୍ରୀକାନ୍ତ ସାହୁ, ଗୋବିନ୍ଦ ସାହୁ, ମଣ୍ଟୁ ସାହୁ ଏବଂ ଗ୍ରାମ କମିଟିର ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମ ଅବସରରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ।

ସନ୍ତ୍ରୀଛକ,୨୦।୧ (ସନ୍ତୋଷ ପରିଡ଼ା)

ଅନୁଗୋଳ ଡିଏଫ୍ଓ ନୀତିଶ କୁମାରଙ୍କ ତତ୍ତ୍ୱାବଧାନରେ ବଅଁରପାଳ ବ୍ଲକ ନୂଆହତା ପଞ୍ଚାୟତ ଗଣ୍ଡିଗାଡ଼ିଆ ଜଙ୍ଗଲରେ ଅନୁଗୋଳ ଓ ତାଳଚେର ରେଞ୍ଜ ପକ୍ଷରୁ କମ୍ବିଂ ଅପରେଶନ ସହ ଗ୍ରାମବାସୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫରେଷ୍ଟର କୁଷଧ୍ୱଜ ନାୟକଙ୍କ ନେତୃତ୍ୱରେ ଗଜସାଥୀ, ଗଜମିତ୍ରଙ୍କୁ ନେଇ ଗଣ୍ଡିଗାଡ଼ିଆ ଜଙ୍ଗଲରେ କମ୍ବିଂ ଅପରେଶନ ଆରମ୍ଭ ହୋଇଥିଲା। ଏହି ଅବସରରେ ଗଣ୍ଡିଗାଡ଼ିଆ ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ବନବିଭାଗ ପକ୍ଷରୁ ଏକ ବୈଠକ ହୋଇଥିଲା। ଏଥିରେ ଢେଙ୍କାନାଳ ଏସିଏଫ୍ ସତ୍ୟପ୍ରକାଶ ସାହୁ, ଅନୁଗୋଳ ଏସିଏଫ୍ ଅଇସୁରାୟା ରାଉତରାୟ ଯୋଗଦେଇ ହାତୀକୁ ନ ଚିଡ଼ାଇବା ପାଇଁ ପରାମର୍ଶ ଦେଇଥିଲେ। ପଙ୍କଜ ସାହୁ, ଯୋଗୀନାଥ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ରେଞ୍ଜର ଚାରୁଲତା ନାୟକ, ଫରେଷ୍ଟର କୁଷଧ୍ୱଜ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


ଉଦ୍ୟାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା,୨୦।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଅଁରନାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍ୟାପନୀ ସଭାରେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁରେଶ ପ୍ରଧାନ, ଅନ୍ୟତମ ଅତିଥି ଭାବରେ ବିଜୟ କୁମାର ପ୍ରଧାନ, ପ୍ରଶ୍ନ କୁମାର ନାୟକ, କିଶୋର ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଶିକ୍ଷକ ଉଦିତ୍ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଅଞ୍ଚଳରେ ମକର ମେଳା



ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା, ୨୦।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ନିକଟସ୍ଥ ଗୁଜା ପାହାଡ଼ରେ ମକର ମେଳା ପାଳିତ ହୋଇଯାଇଛି। ଗୁଜା ପାହାଡ଼ ଓ ଯାତ୍ରା ପଡ଼ିଆରେ ଥିବା ପ୍ରଭୁ ଶିବ, ପାର୍ବତୀଙ୍କୁ ପୂଜକ ଦିଲୀପ ଆଚାର୍ଯ୍ୟ ପୂଜା କରିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଆଞ୍ଚଳିକ ମକର ଯାତ୍ରା କମିଟି ପକ୍ଷରୁ ଆୟୋଜିତ ଏହି ମେଳାରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଅନୁଷ୍ଠିତ ଏକ ସଭାରେ ଚିନ୍ତାମଣି ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ହଣ୍ଡପା ଥାନା ଆଇଆଇସି ରାଜେଶ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ବେଣୁଧର ଦେହୁରୀ, ବୃଷଭ ପ୍ରଧାନ, କିଶୋରୀ ପ୍ରଧାନ, ଉମାକାନ୍ତ ପ୍ରଧାନ, ବଳଭଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶରତ ପଣ୍ଡା, ସୁଦାମ ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖଗେଶର ସାହୁ, ତ୍ରିନାଥ ପ୍ରଧାନ, ଲିଙ୍ଗରାଜ ବିଶ୍ୱାଳ, ଭୀଷ୍ମ ଦେହୁରୀ, ଜିତେନ୍ଦ୍ର ପ୍ରଧାନ, ଗଣେଶ ବେହେରା ପ୍ରମୁଖ କମିଟି ସଦସ୍ୟ ସହଯୋଗ କରିଥିଲେ। ସେହିପରି ଖଇରମୁଣ୍ଡା ଓ ଠାକୁରଗଡ଼ ଥାନା ବାଲିସାହିରେ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିବା ବେଳେ ହଣ୍ଡପା ଓ ଠାକୁରଗଡ଼ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା।

## ବ୍ଲକସ୍ତରୀୟ ବନ୍ଦେ ମାତରମ୍ ସମୂହ ଗାନ

ଆଠମଲ୍ଲିକ,୨୦।୧ (ଉଦୀପ୍ତ ପୁରୋହିତ)

ଜାତୀୟ ଯୁବ ଦିବସ ଓ ବନ୍ଦେ ମାତରମ୍‌ର ୧୫୦ ତମ ପୂର୍ତ୍ତିଅବସରରେ ଅନୁଗୋଳ ଜିଲା ଆଠମଲ୍ଲିକରେ ବ୍ଲକସ୍ତରୀୟ ବନ୍ଦେ ମାତରମ୍ ସମୂହ ଗାନ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ତହସିଲଦାର ପ୍ରସନ୍ନ ଟେଟେ, ସମ୍ମାନିତ ଅତିଥି ଭାବେ ଏବିଇଓ କୈବଲ୍ୟ କଅଁର, ବିଏସ୍ଏସ୍ଓ ନିକୁଞ୍ଜ ବିହାରୀ ଦାଶ, ଜିପିଡିଓ ନରେନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଚିଦାନନ୍ଦ ଦେହୁରୀ ମଞ୍ଚ ପରିଚାଳନା କରିଥିବାବେଳେ ସଭାପତି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେହୁରୀ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ବନ୍ଦେ ମାତରମ୍ ସମୂହ ଗାନ କରିଥିଲେ। ପରେ ପ୍ରବନ୍ଧ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର ଧନ୍ୟବାଦ ଅର୍ପଣ କରିଥିଲେ।


**BABA BHAIRABANANDA AUTONOMOUS MAHAVIDYALAYA**

Chandikhole, Jajpur, Odisha-755044

Email: bbmprincipal@gmail.com MOB: 9437264845

Letter No. 092/26 Date : 19.01.2026

**TENDER CALL NOTICE**

FOR UPGRADATION OF IT INFRASTRUCTURE

**No.CAD-3067** : Sealed tenders are invited in two bid system (technical and financial) from firms/ suppliers/ authorized dealers having valid GST registration and PAN for supply of Desktop Computer, UPS, Multifunction printer, Led TV, Webcam and internet facility for upgrading the IT infrastructure of Baba Bhairabananda (Auto.) Mahavidyalaya, Chandikhole, Jajpur, Odisha as per the Govt. of Odisha, Higher Education Dept. letter no. 12655/Dt. 05.03.2025. For details, please visit the college website https://bbmchandikhole.org and district website https://jajpur.odisha.gov.in

Sd./- Principal-Cum-Secretary
OIPR- B.B. (Auto) Mahavidyalaya, Chandikhole, Jajpur


## କୃତୀ ଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ


କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ବଇଣ୍ଡା,୨୦।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତର ପାପସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରକ୍ଷୟିନୀ ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିଶ୍ୱରଞ୍ଜନ ପ୍ରଧାନ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଗଣିତ ମେଧାବୃତ୍ତିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସରୋଜିନୀ ନାୟକ, ବିନୋଦିନୀ ବେହେରା, ବିନୋଦିନୀ ସାହୁ, ପଦ୍ମଲୋଚନ ଦେହୁରୀ, ଭାଗ୍ୟଲକ୍ଷ୍ମୀ ଦେହୁରୀ ଉପସ୍ଥିତ ଥିଲେ।

# କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ

ପବିତ୍ରନଗର,୨୦।୧ (ନିରୋଜ ପ୍ରଧାନ)


ଅତିଥିଙ୍କ ସହ ପ୍ରମାଣପତ୍ର ପାଇଥିବା କୃତୀ ଛାତ୍ରୀଛାତ୍ରମାନେ।

ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ପୂର୍ତ୍ତି ଅବସରରେ ଅନୁଗୋଳ ଜିଲା କଣିହାଁ ବ୍ଲକର ପବିତ୍ର ମୋହନ ସଭାଗୃହରେ ବ୍ଲକସ୍ତରୀୟ ସମୂହ ଗାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ୧୨ ତାରିଖରେ ପିଏମ୍‌ଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ବିଚାରକ ମଣ୍ଡଳୀ ଦ୍ୱାରା ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପହ୍ଲାଦ ସାମଲ, ଏବିଡିଓ ସୁତିଷ୍ମା ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ କୁମାର ସାହୁ, କାର୍ଯ୍ୟକାରୀ ସାମାଜିକ ଅଧିକାରୀ ଟୁକୁନା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷକ ଭାବେ ୩ ଶିକ୍ଷକ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।


**Government of Odisha, Department of Water Resources**

**OFFICE OF THE SUPERINTENDING ENGINEER RENGALI DAM DIVISION, RENGALI DAM SITE**

ANGUL - 759105, e-mail : rengalidam@gmail.com

No.A- **'e'-Procurement Notice No.SE-RDD-05/2025-26**

| | | |
|---|---|---|
| 1 | Name of Work | : Tar-felting, Concrete & PH Work |
| 2 | No. of works | : 05 (Five) Nos of works |
| 3 | Estimated Cost | : Varies from **4.29** Lakh to **21.45** Lakh (Excluding GST) |
| 4 | Cost of tender paper | : **Varies from Rs.2000.00, Rs.4000.00 & Rs.6000.00 (Non-refundable)** |
| 5 | EMD/Bid Security | : **1% of Amount put to Tender (Refundable)** |
| 6 | Class of contractor | : 'D', 'C' or 'B' Class Contractor |
| 7 | Period of Completion of work | : Varies from 45 days to 60 Days |
| 8 | Date and time of availability of bid Document in the website | : From 11.00 A.M. of **Dt.21.01.2026** to 5.00 P.M. of **Dt.31.01.2026** in the website (www.tendersodisha.gov.in) |
| 9 | Date, time and place of opening of online tender | : **Dt.02.02.2026** at 11.00 A.M. in O/o the Superintending Engineer, Rengali Dam Division, Rengali Dam Site |
| 10 | Date, time and place for finalization of tender through Transparent Lottery System (if required) | : **Dt.04.02.2026** (Tentative) at 11.00 A.M. onwards in O/o the Superintending Engineer, Rengali Dam Division, Rengali Dam Site |
| 11 | Digital Signature Certificate (DSC) | : The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : Superintending Engineer, Rengali Dam Division, At. Rengali Dam Site, P.O. - Rengali Dam Site, Dist. : Angul, Odisha, PIN-759105, Email Id - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer
OIPR- Rengali Dam Division, Rengali Dam Site


## ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ


ଆଠମଲ୍ଲିକ,୨୦।୧ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନନ୍ଦକିଶୋର ମହାକୁଡ଼ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଆଦିତ୍ୟ କୁମାର ସାହୁ, ଉପସଭାପତି କଶ୍ୟପ କ୍ଷେତୀ, କୋଷାଧ୍ୟକ୍ଷ ବିପିନ କୁମାର ମହାପାତ୍ର ଉପସ୍ଥିତ ଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ହୋଇଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁଜୀ ରବୀନ୍ଦ୍ର ଥାଟି, ଆଚାର୍ଯ୍ୟା ରତ୍ନପ୍ରଭା ପ୍ରଧାନ ମଞ୍ଚାସୀନ ଥିଲେ। ପରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଆଚାର୍ଯ୍ୟା ବବିତା ପାତ୍ର , ରଶ୍ମିତା ପାଢ଼ୀ, ଆଚାର୍ଯ୍ୟ ଅରୁଣ ବଘାର, ଉମାପ୍ରସାଦ ନନ୍ଦ, ଦିଲୀପ କୁମାର ମିଶ୍ର ସହଯୋଗ କରିଥିଲେ।

# ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱଦେଶୀ ସଂକଳ୍ପ ପାଠ

ବଇଣ୍ଡା, ୨୦।୧ (ପରିକ୍ଷିତ ସାହୁ)

ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ଓ ଜାତୀୟ ଯୁବ ଦିବସ ଅବସରରେ କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବନ୍ଦେ ମାତରମ୍ ସାମୂହିକ ଗାନ କରାଯାଇଛି। ଏଥିରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ସମସ୍ତଙ୍କୁ ସ୍ୱଦେଶୀ ସଂକଳ୍ପ ପାଠ କରାଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ବେଦାନ୍ତ ଦର୍ଶନ ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ବୀଣାପାଣି ସାହୁ, ତରଣୀସେନ ସାହୁ, ଗୋବର୍ଦ୍ଧନ ପ୍ରଧାନ, ରୁଚିସ୍ମିତା ପରିଡ଼ା, ରୋଜାଲିନ ପ୍ରଧାନ, ଶୁଭଶ୍ରୀ ବିଶ୍ୱାଳ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।


ବନ୍ଦେ ମାତରମ୍ ସାମୂହିକ ଗାନ କରାଯାଇଛି।


**OFFICE OF THE MUNICIPAL COUNCIL, BHAWANIPATNA DIST-KALAHANDI, PIN-766001**

**'e' Procurement NOTICE. No. 169**

**Bid Identification No. BPM/04/2025-26**

**Tender ID-2026_ORULB_124793_1**

**No.C-2141** : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Name of works: **Providing Outsourcing Services For Sanitation Maintenance Work For Areas Of 1 to 10 wards Under Bhawanipatna Municipality**
2. Estimated Costs: **254.20 Lakhs**
3. Date and time of availability of the bid documents in the portal: **From 02.00 P.M. of 19.01.2026 to 05.30 PM of 29.01.2026**
4. Last Date/Time for receipt of bids in the portal: **05.30 PM of 29.01.2026**
5. Bids will be opened on: **11.00 AM of Dt. 30.01.2026**
6. Name and address of the officer inviting bid: **Executive Officer, Bhawanipatna Municipality**

Sd./- Executive Officer
OIPR- Bhawanipatna Municipality


## ଉପ୍ରା ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ




ତାଳଚେର,୨୦।୧ (ମନୋଜ ନନ୍ଦ)

ତାଳଚେର ବ୍ଲକ ବିହାରିପୁର ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚୈତନ୍ୟ ବେହେରାଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ସରକାରୀ ଓକିଲ ତଥା ଉପଖଣ୍ଡ କ୍ରୀଡ଼ା ସଂସଦ ସମ୍ପାଦକ ପେସ୍କାର ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ମହାନ୍ତି ଓ ପ୍ରମୋଦ ଚନ୍ଦ୍ର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ କୁମାର ମହାନ୍ତି, ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ରଞ୍ଜିତ କୁମାର ପରିଡ଼ା, ଧରମପୁର ସରପଞ୍ଚ ପାଟରାଣୀ ଭୂତିଆ, ୱାର୍ଡମେମ୍ବର ଗୀତା ବେହେରା, ଅବସରପ୍ରାପ୍ତ ଶିକ୍ଷକ ସୁନନ୍ଦ କୁମାର ଦେବତା ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କଳାକାର ଖିଟୁଆ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୯୦ ଜଣ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ବନ୍ଦେ ମାତରମ୍ ରାଷ୍ଟ୍ର ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


**ସୁବର୍ଣ୍ଣ ସୁଯୋଗ**
**ବିଶେଷ ରିହାତି**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଏବଂ
No.n- ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ବାଲେଶ୍ୱରଙ୍କ ଦ୍ୱାରା ଆୟୋଜିତ

**ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ**

ସ୍ଥାନ- ନେହେରୁ ଷ୍ଟାଡିୟମ, ଭଦ୍ରକ, ଭଦ୍ରାୟଣୀ (ଭଦ୍ରକ ଜିଲ୍ଲା ମହୋତ୍ସବ-୨୦୨୬)
ତା.୧୮.୦୧.୨୦୨୬ ରିଖ ଠାରୁ ୨୫.୦୧.୨୦୨୬ ରିଖ ପର୍ଯ୍ୟନ୍ତ

ଓଡ଼ିଶାର ସୁପ୍ରସିଦ୍ଧ କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଣ୍ଡୁଆ ପାଟ, ବମକାଇ ପାଟ, ମାକିଡିଆ ଓ ଗୋପାଳପୁରର ଟସର ବସ୍ତ୍ର, ବାଲେଶ୍ୱର ଓ ଭଦ୍ରକର ତନ୍ତବୁଣା ଶାଢ଼ି, ଲୁଙ୍ଗି, ଗାମୁଛା ତଥା ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ହସ୍ତତନ୍ତ ବସ୍ତ୍ରର ଅପୂର୍ବ ସମାହାର

**୧୦% ବିଶେଷ ରିହାତି**

ଆପଣଙ୍କ ପ୍ରିୟ ଭଦ୍ରକ ସହରରେ ସୀମିତ ସମୟ ପାଇଁ ଆଜିହିଁ ପଦାର୍ପଣ କରନ୍ତୁ
ଏବଂ ବିଶେଷ ରିହାତିର ସୁଯୋଗ ପାଇବା ସହିତ
OIPR- ଓଡ଼ିଶାର ବୁଣାକାରଙ୍କୁ ସହଯୋଗ ଓ ତନ୍ତ କଳାକୁ ଉତ୍ସାହିତ କରନ୍ତୁ ।



**DIRECTORATE OF MINES & GEOLOGY STEEL AND MINES DEPARTMENT, GOVT. OF ODISHA, BHUBANESWAR**

Heads of Department Building, Unit-V, Pin-751001
Tel No.: 0674-2391537, Fax No.: 0674-2391684

E-mail ID: dir.mines@orissaminerals.gov.in/geology.ig@orissaminerals.gov.in

Reference No. : 651 Date: 15.01.2026

**TENDER CALL NOTICE**

**No.G-50** : The Directorate of Mines & Geology, Odisha invites open Tender on behalf of the Governor of Odisha, in two bid system (Technical Bid and Price Bid) from reputed Firms/ Agencies, fulfilling the eligibility criteria to take up the **"Topographical Survey Works using Electronic Total Stations / DGPS in Different Mineral Exploration Blocks of Odisha" for the Field Season 2025-26 & 2026-27**.The detail Tender / Tender Document shall be available in the Departmental Website http://www.odishaminerals.gov.in and there will be no manual sale of Tender document. Interested Firms/ Agencies are requested to download the Tender Document from the website and sealed tender should be submitted to the Directorate of Mines & Geology, Odisha, Heads of Department Building, Unit-V, Bhubaneswar-751001 **latest by 5:30 PM on 09.02.2026 by Regd. Post/Speed Post/Courier Service Only**.

**Corrigendum/ Addendum if required any or any other notice or correspondence related to this process shall be uploaded in the above website. Hence, interested Firms/ Agencies are requested to be in continuous touch with the above web site, for further updates.**

The Director of Mines & Geology, Odisha, reserves the right to accept / reject any/all Bids/offers or cancel the entire tender process at any stage without assigning any reason thereof.

Sd./- Director of Mines & Geology,
OIPR- Odisha

## ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ

ଅନୁଗୋଳ,୨୦।୧(ମାନସ ବିଶ୍ୱାଳ)

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ନୀତିନ ନବୀନଙ୍କୁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଜଣେ ଯୁବ ସାଧାରଣ କାର୍ଯ୍ୟକର୍ତ୍ତାଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷ କରାଯିବା କେବଳ ଭାଜପାରେ ସମ୍ଭବ ବୋଲି ପାଣି କହିଛନ୍ତି। ଢେଙ୍କାନାଳ ଏମ୍‌ପିଙ୍କ ସହ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ପୂର୍ବତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକଙ୍କ ସମେତ ଜିଲା ଭାଜପାର ସମସ୍ତ ପଦାଧିକାରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ନାହିଁ ଅଙ୍ଗନୱାଡ଼ି କେନ୍ଦ୍ର, ନାହାନ୍ତି ଆଶାକର୍ମୀ

**ସମସ୍ୟା ଘେରରେ ରାମିମୁଣ୍ଡା ଗ୍ରାମବାସୀ**


ମୌଳିକ ସୁବିଧା ନ ଥିବା ସମ୍ପର୍କରେ ଅଭିଯୋଗ କରୁଛନ୍ତି ଗ୍ରାମବାସୀ।

ବନ୍ତଳା,୨୦।୧(ସୁଶିତ ସାହୁ)

ଅନୁଗୋଳ ବ୍ଲକ ଶରଧାପୁର ପଞ୍ଚାୟତ ରାମିମୁଣ୍ଡା ଗାଁରେ ନାହିଁ ଅଙ୍ଗନୱାଡ଼ି କେନ୍ଦ୍ର। ପ୍ରାୟ ୭୦ ପରିବାରର ୩୦୦ ଲୋକ ବସବାସ କରୁଥିଲେ ମଧ୍ୟ ଏଠାରେ ପାନୀୟ ଜଳର ଉତ୍କଟ ଅଭାବ ଲାଗି ରହିଛି। ସେହିପରି ଆଶାକର୍ମୀ ମଧ୍ୟ ନ ଥିବା ଗ୍ରାମର ଆର୍ତ୍ତତ୍ରାଣ ନାଏକ, ଧରଣୀଧର ନାଏକ, ଚିତ୍ରସେନ ନାଏକ, ମାଧବ ନାଏକ, ସୁନୀଲ ନାଏକ, ବାସନ୍ତୀ ନାଏକ, ରେଣୁବାଳା ନାଏକ, କବିତା ନାଏକ, ହାରିଧି ନାଏକ, ମୋତି ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଗ୍ରାମର ସମସ୍ତ ଲୋକ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ଆଦିବାସୀଙ୍କ ଉନ୍ନତି ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ହେଲେ ରାମିମୁଣ୍ଡା ଗ୍ରାମବାସୀ ଅନେକ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ବହୁବାର ଜନପ୍ରତିନିଧି ଓ ପ୍ରଶାସନକୁ ଗୁହାରି କରିଥିଲେ ମଧ୍ୟ ଗାଁରେ ଅଙ୍ଗନୱାଡି କେନ୍ଦ୍ରଟିଏ ଖୋଲାଯାଇ ନ ଥିବାରୁ ପିଲାମାନେ ପାଠ ପଢ଼ି ପାରୁନାହାନ୍ତି। କେବଳ ପ୍ରଶାସନ ପକ୍ଷରୁ ପୁଷ୍ଟିପାଦ ଗାଁ କରାଯାଇଛି। ଫଳରେ ଦୀର୍ଘ ୬ କି.ମି. ଦୂର ଶରଧାପୁର ଅଙ୍ଗନୱାଡିରୁ ରୋଷେଇ ହୋଇ ଖାଦ୍ୟ ଆସିଲେ ରାମିମୁଣ୍ଡା ଗ୍ରାମର ପିଲାମାନଙ୍କୁ ରାସ୍ତାରେ ବସାଇ ଖାଇବା ପାଇଁ ଦିଆଯାଉଛି। ସେହିପରି ଗାଁରେ ଆଶାକର୍ମୀ ନ ଥିବାରୁ ଅନ୍ୟ ଗ୍ରାମର ଆଶା କର୍ମୀଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଏଥିସହ ପାନୀୟ ଜଳ ବ୍ୟବସ୍ଥା ପାଇଁ ୫ଟି ନଳକୂଅ ଥିଲେ ହେଁ ସେଥିରୁ ୨ଟି ଅଚଳ ହୋଇପଡ଼ିଛି। ଗୋଟିଏରୁ ଠିକ୍ ଭାବେ ପାଣି ବାହାରୁ ନାହିଁ। ଅନ୍ୟ ଏକ ନଳକୂପ ପାଣି ପିଇବା ଯୋଗ୍ୟ ହେଉ ନାହିଁ। ଫଳରେ ଗୋଟେ ନଳକୂପ ଉପରେ ୩୦୦ ଲୋକ ଭରସା କରୁଛନ୍ତି। ୬ମାସ ହେଲା ଗାଁରେ ପାଇପ୍ ବିଛାଯାଇଥିଲେ ବି ପାଣି ଆସୁନାହିଁ। ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବ ଯୋଗୁ ଗାଁ ଲୋକେ ଫସଲହାନିର ଶିକାର ହେଉଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା କହିଛନ୍ତି, ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଗାଁରେ ଏକ ମିନି ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ପାଇଁ ସିଡିପିଓଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବା ସହ ଗାଁରେ ଖୁବ୍‌ଶୀଘ୍ର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ।

## ନିଜିଗଡ଼ରେ ଧାନମଣ୍ଡି ଉଦ୍‌ଘାଟିତ


ଧାନମଣ୍ଡିକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ପାଲଲହଡ଼ା,୨୦।୧ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ନିଜିଗଡ଼ ସେବା ସମବାୟ ସମିତି କାର୍ଯ୍ୟାଳୟରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର ପଟେଲ, ନିଜିଗଡ଼ ସମବାୟ ସମିତି ସଭାପତି ବିଷ୍ଣୁ ପ୍ରସାଦ ଦାସ, ଭାଜପା ବରିଷ୍ଠ ନେତା ଲିଙ୍ଗରାଜ ଦାସ, ତନ୍ମୟ ସାହୁ, ପଞ୍ଚାନନ ସାହୁ, ଉପ ସହକାରୀ ନିବନ୍ଧକ ଅନୁଗୋଳ ଶରତ ଚନ୍ଦ୍ର ପାଣିଗ୍ରାହୀ, ସହକାରୀ ନିବନ୍ଧକ ପାଲଲହଡ଼ା ଭୀମ ଚରଣ ବାରିକ, ଜିଲା ସମବାୟ ସଭାପତି ସନ୍ତୋଷ କୁମାର ପ୍ରଧାନ, ଉପଖଣ୍ଡ ପୋଲିସ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଥାନା ଅଧିକାରୀ ପ୍ରଦୀପ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ଏସ୍‌ପି ମାନ ନିର୍ଦ୍ଧାରଣର ଜଟିଳତା ସାଙ୍ଗକୁ ମିଲରମାନଙ୍କ ମନମାନି ଯୋଗୁ ଚାଷୀଙ୍କ ୪ କିଲୋ ଧାନ କଟ୍‌ନିଛନ୍ତି ପରେ ଧାନ ବିକ୍ରି ଆରମ୍ଭ ହୋଇଥିଲା। ଏହି ଅବସରରେ ବିଧାୟକ ମହାନ୍ତି ମଣ୍ଡି ଉପଯୋଗ ଭିତ୍ତିଭୂମିର ଉଦ୍‌ଘାଟନ କରିଥିଲେ। ଉପ ସମବାୟ ସମିତି ସମ୍ପାଦକ ଡିଲେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ

ପାଲଲହଡ଼ା,୨୦।୧ (ଦିବ୍ୟଜ୍ୟୋତି ଦାଶ)

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ଅବସରରେ ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଶରତ ଚନ୍ଦ୍ର କ୍ଲବଠାରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ବନ୍ଦେ ମାତରମ୍‌ର ଗୌରବମୟ ଇତିହାସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପାଲଲହଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପାଲଲହଡ଼ା ଭାଜପା ମଣ୍ଡଳ ସଭାପତି ଆଶିଷ ସାମଲ, ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ନିମ୍ନମାନର, ଜିଲାପାଳଙ୍କୁ ଅଭିଯୋଗ


ରାସ୍ତାରୁ ପିଚୁ ଉଠିଯାଇଛି।

ବଣ୍ଡା,୨୦।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଠାରୁ ରଣିଆକଟା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗ ପିଚୁ ରାସ୍ତାରୁ ପିଚୁ ଉଠିବା ଆରମ୍ଭ ହୋଇଛି। ୧୬ କୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ଯୋଗୁ ଏଭଳି ହେଉଥିବା ମଙ୍ଗଳବାର ଠାକୁରଗଡ଼ ଅଞ୍ଚଳବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଠାକୁରଗଡ଼ଠାରୁ ରଣିଆକଟା ପର୍ଯ୍ୟନ୍ତ ୨୨ କି.ମି. ରାସ୍ତାକୁ ନୂତନ ଭାବେ ନିର୍ମାଣ କରାଯାଉଛି। ୨୦୨୫ ଜୁନ୍‌ରୁ କାମ ଆରମ୍ଭ ହୋଇଥିଲେ ହେଁ ନିର୍ମାଣ ଠିକ୍ ଭାବେ ହେଉନାହିଁ। ଏଥିଯୋଗୁ ଠାକୁରଗଡ଼ ଅଞ୍ଚଳରେ ୨ ମାସ ତଳେ ହୋଇଥିବା ପିଚୁ ବର୍ତ୍ତମାନ ଉଠିଯାଉଛି। ରାସ୍ତା କାମ ସମୟରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହୁ ନ ଥିବା ଯୋଗୁ ଠିକା ସଂସ୍ଥା ତରବରିଆ ଓ ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅଞ୍ଚଳବାସୀ ପୂର୍ବରୁ ପୂର୍ତ୍ତ ବିଭାଗ ବଇଣ୍ଡା କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ସେହିପରି ନବଦୀପପୁର ଅଞ୍ଚଳରେ ମଧ୍ୟ ହୋଇଥିବା ପିଚୁ ଉଠିଯାଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ତୁରନ୍ତ ଏହି ରାସ୍ତା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ସହରାଇ ସିଂ କହିଛନ୍ତି, ଉକ୍ତ ରାସ୍ତାକୁ ଆଉଥରେ ପିଚୁ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ।

## ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ


କଳସ ଶୋଭାଯାତ୍ରା ଅବସରରେ ତାଳଚେର ବିଧାୟକଙ୍କ ସହ ଅନ୍ୟମାନେ।

ପବିତ୍ରନଗର,୨୦।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପଥରମୁଣ୍ଡା ଗ୍ରାମର ଜଗନ୍ନାଥ ବିହାରଠାରେ ନିର୍ମାଣ ହେଉଥିବା ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଉକ୍ତ କଳସ ଯାତ୍ରାରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ସାମିଲ ହୋଇଥିଲେ। ପରେ ସୂର୍ଯ୍ୟପୂଜା ସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ଗ୍ରାମ ସଭାପତି ବ୍ରଜବନ୍ଧୁ ବିଶ୍ୱାଳ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାପରେ ରତ୍ନମୁଦ କାର୍ଯ୍ୟ କରାଯାଇଥିଲା। ତାଳଚେର ବିଧାୟକଙ୍କ ସହ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ଏମ୍‌ପି ମହେଶ ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଆଖପାଖ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୧୦ ହଜାର ଭକ୍ତଙ୍କ ସମାବେଶ ହୋଇଥିଲା।

## ଷ୍ଟାଡିୟମରେ ବନ୍ଦେ ମାତରମ୍ ସାମୂହିକ ଗାନ

ପବିତ୍ରନଗର,୨୦।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପରାବିଲସ୍ଥିତ ପବିତ୍ରନଗର ଷ୍ଟାଡିୟମରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସାମୂହିକ ବନ୍ଦେ ମାତରମ୍ ଗାନ ହୋଇଯାଇଥିଲା। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ବନ୍ଦେ ମାତରମ୍‌ର ଗୌରବମୟ ଇତିହାସ ବିଷୟରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମ୍ଭାର, ପବିତ୍ରନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ବନୋଜ ପ୍ରଧାନ, ଯୁକ୍ତ ୨ ଅଧ୍ୟକ୍ଷ ରମାକାନ୍ତ ସାହୁ, ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାମଲ, ପରବିଲା, ବୁରୁକୁନା, ବୀରୁ ସରପଞ୍ଚ ଓ ସମସ୍ତ ଶିକ୍ଷାନୁଷ୍ଠାନ ଶିକ୍ଷୟିତ୍ରୀଶିକ୍ଷକ, ଭାଜପା ନେତା ପ୍ରହ୍ଲାଦ ସାମଲ, ମଣ୍ଡଳ ସଭାପତି ମନୋଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ହିଡିସିଙ୍ଗ ପ୍ରକଳ୍ପ ତ୍ୱରାନ୍ୱିତ ସମ୍ପର୍କରେ ଆଲୋଚନା

ଅନୁଗୋଳ,୨୦।୧(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ବନ୍ତଳା ଅଞ୍ଚଳର ବହୁ ପ୍ରତୀକ୍ଷିତ ହିଡିସିଙ୍ଗ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଭାଜପାର ଏକ ପ୍ରତିନିଧିଦଳ ନୂଆଦିଲ୍ଲୀ ଗସ୍ତ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିବା ସହ ଆଲୋଚନା କରିଛନ୍ତି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମୋଦନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆଲୋଚନା ହୋଇଥିଲା। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମୋଦନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପ୍ରକଳ୍ପ ନିର୍ମାଣ ହେଲେ ବନ୍ତଳା ତଥା ଆଖପାଖ ଅଞ୍ଚଳର ଚାଷ ଜମିକୁ ପାଣି ମିଳିବ ଓ ଚାଷୀମାନେ ଉପକୃତ ହେବେ ବୋଲି ବିଧାୟକ ପ୍ରଧାନ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ଭାଜପା ନେତା ଦୁଃଖବନ୍ଧୁ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ହାଡିବନ୍ଧୁ ଦେହୁରୀ, ଭାଜପା ଓବିସି ମୋର୍ଚ୍ଚାର ଜିଲା ସଭାପତି ସରୋଜ ଜେନା, ଭାଜପା ନେତା ଶେଷଦେବ ସାହୁ, ଅମୂଲ୍ୟ ପ୍ରଧାନ, ଗୋବିନ୍ଦ ପ୍ରଧାନ ଉପସ୍ଥିତ ଥିଲେ।


କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି ଅନୁଗୋଳ ବିଧାୟକ ଓ ଅନ୍ୟମାନେ।

## ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ପବିତ୍ରନଗର,୨୦।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରେଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ୪୫ଟି ବିଦ୍ୟାଳୟକୁ ନେଇ ଏହି କ୍ରୀଡ଼ା ଆୟୋଜିତ ହୋଇଥିଲା। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଦିଲୀପ ମିଶ୍ର, ଜିଲା ଖେଳ ଅଧିକାରୀ ଅଖିଳ ସେଠ, ଡେରେଙ୍ଗ ସରପଞ୍ଚ ସଂଯୁକ୍ତା, ଭାଜପା ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ଟିକନ ମହାନ୍ତି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ରାଜିଙ୍ଗକୁ ହରାଇ ମାଳିପଦର ଚାମ୍ପିୟନ

ଆଠମଲ୍ଲିକ,୨୦।୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ମାଳିପଦର ଗ୍ରାମ ଖେଳପଡିଆରେ ଆୟୋଜିତ ମା' ମାହେଶ୍ୱରୀ ମାଳିପଦର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରାଜିଙ୍ଗ ଟିମ୍‌କୁ ହରାଇ ମାଳିପଦର ଚାମ୍ପିୟନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଭାଜପା କର୍ମୀ ସୁଶାନ୍ତ କୁମାର ସାହୁ, ଦ୍ୱିତୀୟ ମ୍ୟାଚରେ ଗ୍ରାମ ସଭାପତି ମୋଚିମୋହନ ବେହେରାମାଳି ଓ ପୂର୍ଣ୍ଣଚନ୍ଦ୍ର ଦେହୁରୀ ଏବଂ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କ୍ୟାପଟେନ ସାରଦା ଦାସ, ମେହେମୁଦ ଖାଁ, ବିଶ୍ୱବିଜୟୀ ଷଡ଼ଙ୍ଗୀ ଯୋଗଦେଇଥିଲେ। ସୁଧାକର ବଡ଼ମାଳ, ସମୀର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ବନ ବିଭାଗର ଚଢ଼ାଉ, ଶିକାର ସାମଗ୍ରୀ ଜବତ

ଛେଣ୍ଡିପଦା,୨୦।୧ (ଅଜିତ ଧଳ)

ବନବିଭାଗର ଜୀବଉଦୟ ମିଶନରେ ଅନୁଗୋଳ ବନଖଣ୍ଡ ଜରପଡ଼ା ରେଞ୍ଜ କତଡ଼ା ହରିଜନ ସାହି ଓ ଅନ୍ତୁଳିଆ ଗାଁର କେତୋଟି ଘର ଉପରେ ମଙ୍ଗଳବାର ଅନୁଗୋଳ ବନଖଣ୍ଡ ଏବଂ ଆଠମଲ୍ଲିକ ବନଖଣ୍ଡ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। କତଡ଼ା ଗାଁର ପିଣ୍ଟୁ ନାଏକଙ୍କ ଘର ତଲାସି ବେଳେ ୫୦ ମିଟର ପ୍ଲାଷ୍ଟିକ ତାର, କ୍ଲଚ ତାର, ୨ କିଲୋ ଜିଆଇ ତାର, ୨ଟି ପନିକି, ୨ଟି ଟାଙ୍ଗିଆ, ଗୋଟିଏ ହରିଣ ଶିଙ୍ଗ, ସିସା ୧୦୦ ଗ୍ରାମ, ୨ଟି ହେଡ ଟର୍ଚ୍ଚ, ୪ଟି ହାତ ତିଆରି ବୋମା, ଗୋଟିଏ ଲୁହା ଚେନ ସହିତ କାଠ କଟା ମେଶିନ, ୧୦ଗ୍ରାମ ଜିଙ୍କ୍ ବାରୁଦ ଆଦି ଜବତ କରାଯାଇଥିଲା। ଅନୁଗୋଳ ଏସିଏଫ୍ ରାହୁଲ ଜୈନ, ଆଠମଲିକ ଏସିଏଫ୍ ସଚିଦାନନ୍ଦ ସେଠୀଙ୍କ ନେତୃତ୍ୱରେ ଜରପଡା ରେଞ୍ଜର ମାଧବା ଚନ୍ଦ୍ର ନାୟକ, ହଣ୍ଡପା ରେଞ୍ଜର ନରେନ୍ଦ୍ର କୁମାର ଗୋମଙ୍ଗା, ଫରେଷ୍ଟର ବସନ୍ତ ଗଡ଼ନାୟକ, ରୀତାରାଣୀ ସେଠୀ, ଫରେଷ୍ଟ ଗାର୍ଡ ଲିଜାରାଣୀ ମାଝୀ, ନିତ୍ୟାନନ୍ଦ ଖେତି, ଶ୍ରୀପ୍ରତି ପ୍ରଧାନଙ୍କ ସମେତ ଏବଂ ଜରପଡା ରେଞ୍ଜ ଅଧୀନରେ ଥିବା ଗଜମିତ୍ର ଏବଂ ଆଠମଲ୍ଲିକ ବନଖଣ୍ଡର କର୍ମଚାରୀମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, କିଛି ଦିନ ତଳେ ଜରପଡ଼ା ରେଞ୍ଜରେ ଜଣେ ଜନ୍ତୁ ଶିକାରୀଙ୍କୁ ଗିରଫ କରାଯିବା ସହିତ ହାତ ବୋମା ଓ ବନ୍ଧୁକ ଜବତ କରାଯାଇଥିଲା।


ଜବତ ବନ୍ଧୁକ ଓ ଅନ୍ୟ ଶିକାର ସାମଗ୍ରୀ।

# ୩୧ରୁ ମାଘ ମେଳା ଓ ମହିମା ମହୋତ୍ସବ

ଅନୁଗୋଳ,୨୦।୧(ମାନସ ବିଶ୍ୱାଳ)

ଚଳିତବର୍ଷ ମହିମା ମାଘ ମେଳା ଓ ମହୋତ୍ସବ ପାଇଁ ମଙ୍ଗଳବାର ଅନୁଗୋଳ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୧ରୁ ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ସହର ଉପକଣ୍ଠ ଅଙ୍ଗାରବନ୍ଧଠାରେ ଏହି ମେଳାର ଆୟୋଜନ ହେବ।

ଏହି ପ୍ରସ୍ତୁତି ବୈଠକରେ ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ପରିମଳ ବ୍ୟବସ୍ଥା, ଅଗ୍ନି ନିରୋଧ ବ୍ୟବସ୍ଥା, ରାସ୍ତା ମରାମତି, ଆଇନ ଶୃଙ୍ଖଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ୍ ଧଳ, ଡେପୁଟି କଲେକ୍ଟର ସ୍ୱାହା ମହାନ୍ତି, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁବୋଧ କୁମାର ମହାପାତ୍ର, ଡେପୁଟି କଲେକ୍ଟର ପ୍ରିୟଙ୍କା ପାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୋଳ ଗୋବିନ୍ଦ ବିଶ୍ୱାଳ, ଡିପିଏଚ୍‌ଓ ମନୋଜ କୁମାର ତ୍ରିପାଠୀ, ସଦର ଏସ୍‌ଆଇ ଉଦୟ ନାଥ ବେହେରା, ସହକାରୀ ଅଗ୍ନିଶମ ଅଧୀକାରୀ ରମେଶ ଚନ୍ଦ୍ର ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ଅଙ୍ଗାରବନ୍ଧ ସରପଞ୍ଚ ସୁଜାତା ସାହୁ, କୌପୀନଧାରୀ ମହିମା ସମାଜ ସଭାପତି ଲୋକନାଥ ସାହୁ, ଉପସଭାପତି ଅଲେଖ ବେହେରା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ମହାନିତ୍ୟ ସମ୍ପାଦକ ଅଜୟ କୁମାର ଦେହୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟମାନେ।

## ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି, ସ୍ମୃତିଚାରଣ

ତାଳଚେର,୨୦।୧ (ମନୋଜ ନନ୍ଦ)

ବିଶିଷ୍ଟ ବ୍ୟଙ୍ଗ ଚିତ୍ରଶିଳ୍ପୀ ତଥା ଖବରଦାତା ସ୍ୱର୍ଗତ ଦିବାକର ମିଶ୍ରଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକୀ ସୋମବାର ତାଳଚେରର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ନଗରପାଳ ପବିତ୍ର ଭୂତିଆ, ଟ୍ରକ୍ ମାଲିକ ସଂଘ ସଭାପତି ଦିଲୀପ ପାଣି, ଅନୁଗୋଳ ଜିଲା ଭାଜପା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ପୂର୍ବତନ ନଗରପାଳ କେଶବ ଭୂତିଆ, କାଉନସିଲର ଯଶୋବନ୍ତ ମିଶ୍ର, ସନ୍ତୋଷ ବେହେରା, ଯୁଗଳ କିଶୋର ରାୟ, ଯୁଗଳ ଦାସ, ଶିକ୍ଷାବିତ୍ ବିଭୂତି ଭୂଷଣ ମିଶ୍ର, କଂଗ୍ରେସ ନେତା ବଜରଙ୍ଗ ଅଗ୍ରୱାଲା, ପୁଷ୍ପକ ସ୍ୱାଇଁ, ବଜାର କମିଟି ସମ୍ପାଦକ ପ୍ରଦୀପ ସିଂହ, ସାମାଜିକ କର୍ମୀ ବାନାମ୍ବର ଭୂତିଆ ଓ କ୍ଷୀରୋଦ ସାହୁ, ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ବଜାରଛକସ୍ଥିତ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତାଳଚେର ପ୍ରେସ କ୍ଲବ ପକ୍ଷରୁ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

# ମିଳୁଥିବା ସୁବିଧା ସୁଯୋଗର ସଦ୍‌ବ୍ୟବହାର କର

**ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ**

ଅନୁଗୋଳ,୨୦।୧(ମାନସ ବିଶ୍ୱାଳ)

ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ପାଳନ କରାଯାଇଛି। ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ କହିଲେ, ଅନ୍ତର୍ଜାତୀୟ ସମବେଶୀ ଦିବସ ସମାଜର ପ୍ରତିଟି ବ୍ୟକ୍ତିର ବିକାଶକୁ ସୁନିଶ୍ଚିତ କରିବା ନିମନ୍ତେ ଶପଥ ନେବା ପାଇଁ ଏକ ସୁଖଦ ଅବସର। ମିଳୁଥିବା ସୁବିଧା ସୁଯୋଗର ସଦ୍‌ବ୍ୟବହାର କଲେ ଉନ୍ନତିର ଶିଖର ପ୍ରଦେଶରେ ପହଞ୍ଚିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ କହିଲେ, ପୁନର୍ନିର୍ମାଣ ଅସ୍ତ୍ରୋପଚାର ମାଧ୍ୟମରେ ଅକ୍ଷମତାକୁ ଦୂରକରିବା କେତେକାଂଶରେ ସଫଳ ହୋଇପାରୁଛି। ତେଣୁ ଏହାର ସୁଯୋଗ ନେବା ଉଚିତ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, କଣିହାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟ ରଞ୍ଜନ ପ୍ରଧାନ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ପାଳନ ଅବସରରେ ଅତିଥିମାନେ।

# ଆଇସିସି ଚାପରେ ମୁଣ୍ଡ ନୁଆଁଇବ ନାହିଁ ବାଂଲାଦେଶ

ଢାକା,୨୦।୧(ପି.ଟି.)

ଆସନ୍ତା ୭ ତାରିଖରୁ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଭାଗ ନେବା ପାଇଁ ବାଂଲାଦେଶ ଦଳ କୌଣସି ପରିସ୍ଥିତିରେ ଭାରତ ଯିବନାହିଁ। ୨୧ ତାରିଖ ସୁଦ୍ଧା ଭାରତରେ ଖେଳିବ କି ନାହିଁ ତାହା ସ୍ପଷ୍ଟ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପକ୍ଷରୁ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି)କୁ ଅଲ୍ଟିମେଟମ ଦିଆଯିବା ପରେ ବାଂଲାଦେଶ

## ଟି୨୦ ବିଶ୍ୱକପ୍ ବିବାଦ

ସରକାରଙ୍କ ସ୍ପୋର୍ଟ୍ସ ଆଡଭାଇଜର ଆସିଫ ନାଜ୍ରୁଲ ମଙ୍ଗଳବାର ଏଭଳି ପ୍ରତିକ୍ରିୟା ରଖିଛନ୍ତି। ଭାରତ ଟ୍ରାଭେଲ ନ କରିବା ଲାଗି ବିସିବି ଯଦି ନିଜ ଜିଦ୍‌ରେ ଅଟଳ ରୁହେ, ତେବେ ୨୦ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ର୍‍ୟାଙ୍କିଙ୍ଗ୍ ଆଧାରରେ ବାଂଲାଦେଶ ବଦଳରେ ସ୍କଟ୍‌ଲାଣ୍ଡ ଖେଳିବ।

'ଆମ ସ୍ଥାନରେ ସ୍କଟ୍‌ଲାଣ୍ଡକୁ ସାମିଲ କରାଯିବା ସମ୍ପର୍କରେ ମୁଁ ଅବଗତ ନୁହେଁ। ଯଦି ଆଇସିସି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଚାପରେ ମୁଣ୍ଡ ନୁଆଁଇ ଆମ ଉପରେ ଅଯୌକ୍ତିକ ସର୍ତ୍ତ ମାଧ୍ୟମରେ ଚାପ ପକାଏ, ତେବେ ଆମେ ସେହି ସର୍ତ୍ତ ମାନିବୁ ନାହିଁ। ଅତୀତରେ ଉଦାହରଣ ରହିଛି ଯେ, ଭାରତ ଟ୍ରାଭେଲ କରିବାକୁ ପାକିସ୍ତାନ ମନା କରିଥିଲା ଓ ଆଇସିସି ଭେନ୍ୟୁ ବଦଳାଇଥିଲା। ଆମେ ସେମାନଙ୍କୁ ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଯଥାର୍ଥ କାରଣ ଦେଇଥିଲୁ। ଆମ ଉପରେ ଭାରତରେ ଖେଳିବାକୁ ଚାପ ପକାଯାଇ ପାରିବ ନାହିଁ' ବୋଲି ନଜ୍ରୁଲ କହିଛନ୍ତି। ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନଙ୍କୁ ଆଇପିଏଲ୍‌ରୁ ହଟାଯିବାକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା। ଏହାର ଜବାବରେ ସୁରକ୍ଷାଗତ କାରଣ ଦର୍ଶାଇ ବିସିବି ବାଂଲାଦେଶ ଦଳକୁ ଭାରତ ପଠାଇବ ନାହିଁ ବୋଲି କହିଥିଲା। ବିସିବି ତା'ର ସମସ୍ତ ୪ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବାକୁ ଚାହୁଁଥିବା ଇଚ୍ଛା ପ୍ରକଟ କରିଥିଲା। ବାଂଲାଦେଶ ଗ୍ରୁପ୍-ସି'ରେ ଇଟାଲୀ, ନେପାଳ ଓ ଇଂଲଣ୍ଡ ସ୍ଥାନ ପାଇଥିବା ବେଳେ ଢାକାଠାରେ ବସିଥିବା ଗତ ବୈଠକରେ ବିସିବି ଆଇସିସି ଅଧିକାରୀଙ୍କ ନିକଟରେ ଗ୍ରୁପ୍-ବି'ରେ ଆୟର୍ଲାଣ୍ଡ ସହ ଅଦଳବଦଳ କରିବାକୁ ପ୍ରସ୍ତାବ ଦେଇଥିଲା। ଯାହାଫଳରେ ବାଂଲାଦେଶ ତା'ର ସମସ୍ତ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିପାରିବ।

# ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ: ସେମିରେ ବଲାଙ୍ଗୀର ୱାଇଏସ୍‌ସିସି

ସୋନପୁର,୨୦।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ ୩୭ତମ ସର୍ବ ଭାରତୀୟ ଲାଲମନି କ୍ରିକେଟର ମଙ୍ଗଳବାର ଦ୍ୱିତୀୟ ଦିବସରେ ୧୮ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚ ବଲାଙ୍ଗୀର ୱାଇଏସ୍‌ସିସି ଏବଂ ଅନୁଗୋଳ ଏସିସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ଅନୁଗୋଳ ଦଳ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୮ ଉଇକେଟ ହରାଇ ୧୫୬ ରନ କରିଥିଲା। ଜବାବରେ ବଲାଙ୍ଗୀର ଦଳ ୧୫.୧ ଓଭରରେ ୩ ଉଇକେଟ ହରାଇ ୧୫୭ ରନ କରି ବିଜୟ ହାସଲ କରିଥିଲା। ସେହିପରି ଟି୧୦ ମ୍ୟାଚରେ ଅନୁଗୋଳ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୩୯ ରନ କରିଥିଲା। ଦଳ ପକ୍ଷରୁ କାର୍ତ୍ତିକ ନାଇଡୁ ୮୬ ଓ ରଘୁନାଥ ମଲ୍ଲ ୨୭ ରନ କରିଥିଲେ। ଜବାବରେ ବଲାଙ୍ଗୀର ଦଳ ୧୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୦୦ ରନ କରିବାରେ ସମର୍ଥ ହୋଇଥିଲା। ବଲାଙ୍ଗୀର ଦଳ ପକ୍ଷରୁ ଅରବିନ୍ଦ ୪୮ ରନକରିଥିଲେ। ଅନୁଗୋଳ ଦଳ ପକ୍ଷରୁ ଆୟୁଷ କୁମାର ସର୍ବାଧିକ ୪ଟି ଉଇକେଟ ହାସଲ କରିଥିବା ବେଳେ ଆନନ୍ଦ ଓ ସୌରଭ ଗୌଡ ୨ ଲେଖାଏଁ ଉଇକେଟ ହାସଲ କରିଥିଲେ। ଉଭୟ ଦଳ ଗୋଟାଏ ଲେଖାଏଁ ମ୍ୟାଚ ଜିତିବା ପରେ ସୁପର ଓଭର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ସୁପର ଓଭରରେ ଅନୁଗୋଳ ଦଳ ପ୍ରଥମେ ବ୍ୟାଟିଂ କରି ୧ ଓଭରରେ ୧୨ ରନ କରିଥିଲେ। ୧୩ ରନର ବିଜୟ ଲକ୍ଷ୍ୟକୁ ହାସଲ କରି ବଲାଙ୍ଗୀର ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ଅତିଥି ଭାବେ ସୋନପୁର ବିଡିଓ ପ୍ରତୀକ କୁମାର କର ଓ ସମ୍ମାନିତ ଅତିଥି ଭାବେ ରାଇସ ମିଲର୍ସ ଆସୋସିଏଶନର ଆଶିଷ ରଞ୍ଜନ ବାବୁ ଯୋଗ ଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମ୍ୟାନେଜର ଶ୍ୟାମକୁମାର ମହାଲିଙ୍ଗ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଅନୁଗୋଳର ଖେଳାଳି କାର୍ତ୍ତିକ ନାଇଡୁଙ୍କୁ ପ୍ରଦାନ କରିଥିଲେ। ସମୀର ପାଣିଗ୍ରାହୀ ଓ ବିଶ୍ୱଜିତ ପୁରୋହିତ ମ୍ୟାଚ ପରିଚାଳନା କରିଥିଲେ।



ଅନୁଗୋଳର କାର୍ତ୍ତିକ ନାଇଡୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।


## OFFICE OF THE PANCHAYAT SAMITI, GAISILET

AT/PO/PS : Gaisilet, Dist. : Bargarh (Odisha), PIN : 768037
E_Mail ID : ori-gaisilet@od.gov.in
**No.209/Dt.17.01.2026**

**"e"-procurement Notice**

**Bid Identification No. BDO/Gaisilet/03/2025-26**

**No.i-483** : Bid docuemnts consistig of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

1. Nature of work : Civil works
2. No. of works : 2
3. Estimated cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From 21.01.2026, 11.00 A.M. to 04.02.2026, 5.00 P.M.
6. Last date/time for receipt of Bids in the portal : Dt.04.02.2026 up to 5.00 P.M.
7. Bids received online shall be opened on : Dt.05.02.2026 at 11 A.M.
8. Name and address of the Officer inviting Bid : Block Development Officer, Gaisilet

Further the details can be seen from the procurement Portal www.tendersodisha.gov.in

OIPR- **Sd./- Block Development Officer Gaisilet**

## DISTRICT PROJECT OFFICE SAMAGRA SIKSHA, MAYURBHANJ

**TENDER CALL NOTICE**

**No: 167** **Dated: 13.1.2026**

**FOR PRINTING OF QUESTION-CUM- ANSWER SHEET, ORAL QUESTION, SCORING KEYS FOR SUMMATIVE ASSESSMENT-II FOR CLASSES -I TO IV AND VI, VII & ANNUAL EXAMINATION FOR CLASSES – V & VIII 2025-26.**

**No.n-237** : Sealed Quotations under two bid systems are invited from registered Offset Printers/firms for Printing, Packing and Supply of Summative Assessment -II (SA-II) for Classes I to IV and VI, VII & Annual Examination for Classes - V & VIII 2026 for Mayurbhanj District. The tender papers/bid documents containing detailed specification with terms and conditions in 2 part bidding ie., application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.nic.in. Cost Tender processing fees Rs.4000.00 (Rupees Four Thousand) Only (Non-Refundable). The last date & time for submission of sealed tender is 30.01.2026 at 2 pm and the tech bid will be opened on 31.01.2026.

OIPR- **Sd./- Collector-cum-Chairman SS, Mayurbhanj**

## GOVERNMENT OF ODISHA — OFFICE OF THE SUPERINTENDING ENGINEER NIMAPARA IRRIGATION DIVISION, NIMAPARA

**No.A-1287**

**Notice Invitation of Tenders**

**e-Procurement Notice No.-08/2025-26 on dated 16.01.2026**

E-mail Id : eenidnimapara@gmail.com

1. Type of Work : Canal, Bridge & River Embankment & Building Works.
2. Total No. of Work : 21 (Twenty One) Nos.
3. Bid Security (EMD) in Rupees : Refer to DTCN
4. Cost of Bids in Rupees : Rs.4,000/- to Rs.6,000/-
5. Class of Contractors : "B", "C" & "D" Class
6. Period of Completion : Refer to DTCN

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-204/2025-26 to NID-224/2025-26 | Rs.8.53 to Rs.49.66 | From 22.01.2026 11.00 A.M. to 05.02.2026 5.30 P.M. |

Date of opening of the Bid : **06.02.2026 at 11.00 A.M.**
Further details can be seen from the Govt. Website www.tendersodisha.gov.in

OIPR- **Sd./- Superintending Engineer Nimapara Irrigation Division, Nimapara**

## Government of Odisha "E" Procurement Notice — OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II

**E-mail ID : eepwd765017@gmail.com, Phone - (06856)233066**
**Short Bid Identification No: RC (RANDB) RGD No-II 19/2025-26 (Online tender)**
**NO.B-994**
**No. 180** **Dated : 16.01.2026**

1. Total No. of the works :- 17 No's of works **(Single cover System)**
2. Approximate estimated Cost: Rs 2.38 to 36.53 Lakhs
3. Period of completion : 01 (One) Calendar month
4. Date & Time of availability of bid document in the portal:-**11.00 Hrs. of dated 22.01.2026 to 17.00 Hrs. of dated 29.01.2026 for online bidding.**
5. Last date/Time for receipt of bids in the portal: - Up to 17.00 Hrs. of **dated 29.01.2026**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. **Date of opening of Technical Bid at 11.00 Hours on dated 30.01.2026**
8. Further details can be seen from the e-Procurement portal: **www.tendersodisha.gov.in**.
9. Further Addendum/Corrigendum if any will be hosted in the above website only.

OIPR- **Sd./- Superintending Engineer Rayagada (R&B) Division No-II**

## OFFICE OF THE COLLECTOR & DISTRICT MAGISTRATE, SUNDARGARH (Culture Section)

**E-mail id: dcosng@gmail.com/ Office Phone No.06622-274130**
**Letter No. 35** **Dated: 19.01.26**

**INVITATION OF THE TENDER**

**No.RR-43 : Selection of Event Management Agency for Sundargarh Zilla Mahotsav "Jatara-2026" in Sundargarh, Odisha**
District Culture Officer, Sundargarh under the Odia Language, Literature & Culture Department, Government of Odisha (The Client) invites sealed proposals (under two bid systems) from the eligible bidders through tender process for **"Selection of Event Management Agency for Sundargarh Zilla Mahotsav "Jatara-2026" in Sundargarh, Odisha"**. Bidders fulfilling the prescribed eligibility criteria of the tender can access and download the complete the tender Document and other details from sundargarh.odisha.gov.in

OIPR- **Sd./- District Culture Officer, Sundargarh**

## Modal Bidding Document — Government of Odisha — Health and Family Welfare Department,Odisha — OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL

**QUOTATION/TENDER CALL NOTICE**

**Advt. No. 557/2026** **Dated : 17.01.2026**

**No.E-683** : Sealed quotation /tenders are invited from interested reputed Travel Agency/Tour Operator/Private individuals for providing 2(No's) of AC Petrol/ Diesel driven vehicles having sitting capacity not more than 5(five) including driver. Which shall conform to the Terms and Condition (Annexure-I & A) for official use in DHH and SDH of monthly rent basis. The application form of quotation/tender containing general Bid information & Terms and condition for Hiring Vehicles etc.will be available with website (https://kandhamal.odisha.gov.in, the Quotation completed in all respect should reach the undersigned on or before **10.02.2026** by the **5.00 P.M.** through speed post/courier and shall be opened on **12.02.2026 at 11.00 A.M.** in presence of bidder or authorized representatives. The undersigned reserves the right to reject any or all the tender(s) without assigning any reason thereof.

OIPR- **sd./- S.K. Padhi, Chief District Medical & PHO, Kandhamal**

## PANCHAYAT SAMITI, BARKOTE : DIST-DEOGARH

**No. 259 /Dev. Date 17.01.2026**

**TENDER CALL NOTICE**

**No.i-481** : The Block Development Officer, Barkote on behalf of Govt. of Odisha invites sealed tenders for 05 (Five) Nos of work under Panchayat Samiti, Barkote in percentage rate basis (P1). The contractors registered with Government of Odisha/Central Govt. or Contractors equivalent to grade "B", "C" & "D" class of P.W.D. (R&B)/ Water Resource/Rural Works/M.I./C.P.W.D. are eligible to submit the tender paper for following works eventually to be drawn up in P.W.D. F2 form of agreement in conformity with the detailed Tender call Notice.

The other details can be downloaded from district website, i.e. **https://deogarh.odisha.gov.in/**

OIPR- **Sd./- Block Development Officer Barkote**

## GOVERNMENT OF ODISHA, DEPARTMENT OF WATER RESOURCES — OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR

Phone No.(0663)- 2412791 (Off.) E-mail: eemisbp@yahoo.co.in
No.A- No.149/ Date 09.01.2026

**e-PROCUREMENT NOTICE**

**BID REF NO. SE, MID, SBP/16/2025-26**

- Name of Work : Civil Construction Works
- No. of Works : 11 (Eleven) Nos.
- Estimated Cost : Various from approximately Rs.34.59 lakh to Rs.49.99 Lakh 11 No. of works (Rs.458.91 Lakh)
- Tender Paper Cost : Referred to DTCN
- Period of Completion : Referred to DTCN
- Availability of bid through online : From dt.19.01.2026 at 11.00 AM to dt.31.01.2026 upto 05.30 PM in website (http://tendersodisha.gov.in)
- Period of receipt of bid through online : From dt.19.01.2026 at 11.00 AM to dt.31.01.2026 upto 05.30 PM through online
- Date of opening of bid documents : On dt.02.02.2026 at 10.00 AM onwards.
- Digital Signature Certificate of Bidder : The Bidder must possess compatible digital signature certificate (DSC) of Class-II or Class-III

**The detail tender call notice can also be seen in the DOWR website- http://tendersodisha.gov.in**

- Name & Address of the OIT : Superintending Engineer, M.I.Division, Sambalpur At-Motijharan, PO-B.S.S. Nagar, Dist-Sambalpur PIN-768001, Ph-0663-2412791 E-mail ID- eemisbp@yahoo.co.in
- Further details can be seen from the e-Procurement market place. : http://tendersodisha.gov.in.

OIPR- **Sd./- Superintending Engineer M.I. Division, Sambalpur**

## GOVERNMENT OF ODISHA, DEPARTMENT OF WATER RESOURCES — OFFICE OF THE SUPERINTENDING ENGINEER BARGARH IRRIGATION DIVISION, BARGARH

email Id:- eecanalbgh11@gmail.com
**e-Procurement Notice No.BID-07/2025-26, Dt.15.01.2026**
**No.A- Bid Identification No.CDT-07 (01)/ 2025-26 (Online)**

| | | |
|---|---|---|
| 1. | Name of the Work | Shifting of LT and 11 KV line and Substation for Construction of River Embankment cum Ring Road on the Left Bank of River Jeera from Sai Mandir to Ruhunia, Bargarh |
| 2. | Total No. of Work | 1 No. |
| 3. | Estimated Cost | Rs.11.31 Lakh (approx.) |
| 4. | Class of Contractor | D & C with HT License |
| 5. | Period of Completion | 30 (Thirty) Days |
| 6. | EMD Required | Rs.11,400 |
| 7. | Online for bidding | Dt.20.01.2026 at 10.00 AM to 29.01.2026 at 05.00 PM |
| 8. | Last Date & Time of seeking of tender clarification | Dt.27.01.2026 upto 01.00 P.M. |
| 9. | Date & Time of opening of tender | Dt.30.01.2026 at 11.00 A.M. |
| 10. | Name & Address of the Officer Inviting Bid | Superintending Engineer, Bargarh Irrigation Division, Bargarh-768028 Email id:eecanalbgh11@gmail.com |

1.Any addendum/corrigendum/cancellation/erratum of tender can also be seen in the said website. 2. Further details can be seen from Government Website http://tendersodisha.gov.in.

OIPR- **Sd./- Superintending Engineer Bargarh Irrigation Division, Bargarh**

## OFFICE OF THE NOTIFIED AREA COUNCIL, KHARIAR

**AT/PO-KHARIAR, Dist-NUAPADA, PIN-766107**
**e-mail:khariarn.hud@ori.nic.in, khariarnac@gmail.com**
**Letter No.207/NAC KHR** **Dated 17.01.2026**

**1st Corrigendum**

**No.C-2127:** Due to some typographical error the following changes have been made to Tender Call Notice No.134, Dt.13.01.2026.
1. Work Sl.No. 29 of DTCN the Cost of Tender Paper i.e. column No.05 may read as Rs.2000/- instead of Rs.4000/-.
All other terms & condition of above Tender Call Notice are remain unaltered.

OIPR- **Sd./- Executive Officer NAC, Khariar**

## ODISHA HYDRO POWER CORPORATION LTD.

OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA)
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963
**No. HHEP/Tech-WK-121 (Vol-II)/428** **Date : 17.01.2026**

**TENDER CALL NOTICE NO. HHEP-08/2026**

**No.CAD-3060** : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/Authorized Dealers / Authorized Distributors / Channel partner only for supply of the following materials as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of LED Tube Lights and LED Street light fittings to HHEP, Burla as per Tender Specification | Rs. 7080/- (Rs. 6000 + GST @ 18%) | 11020/- |

- Sale of tender paper : **21.01.2026 (10.00AM) to 02.02.2026 upto 05.30PM**
- Receipt of tender paper : **03.02.2026 upto 03.30PM**
- Date & time of opening of tender : **03.02.2026 at 04.00PM**
- Further details like tender documents / terms & conditions (corrigendum / erratum / addendum, if any), please visit our official website **www.ohpcltd.com**

OIPR- **Sd./- C & P Head, HHEP, Burla**

## GOVERNMENT OF ODISHA — OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

**Order No. 288 Date. 16.01.2026**

**Quotation Call Notice No. CCEEC-01/2025-26**

**No.B-996** : The Chief Construction Engineer, Eastern Circle (R&B), Balasore on behalf of the Governor of Odisha invites quotation in single cover (online mode) from the eligible reputed firms/ agencies/ Proprietor for the District level Subhadra Shakti Mela along with Meghasani Music Festival 2026 to be held at Chhau Ground, Baripada from 02.02.2026 to 08.02.2026 ( for 7 days). The interested organizations can download in the e-procurement website i.e.: https://tendersodisha.gov.in and submit their bid documents through online mode only. The details of bid documents will be available in the above website from 11.00 A.M. of 20.01.2026 to 4.00 P.M of 27.01.2026. The bidders must possess compatible Digital Signature Certificate of Class II or III. Quotations received online shall be opened at **4.30 PM of 27.01.2026** in the Office of the Chief Construction Engineer, Eastern Circle (R&B), Balasore. Further details can be seen from the e-procurement portal **www.tendersodisha.gov.in**.
Any addendum / corrigendum / cancelation of tender can also be seen in the said website only.
The authority reserves the right to cancel the tender/quotation at any time without assigning any reason.

OIPR- **Sd./- Chief Construction Engineer, Eastern Circle (R&B), Balasore**

**No.CAD-3061**

## INSTITUTE OF MATHEMATICS AND APPLICATIONS

**Science & Technology Department, Govt. of Odisha**
**Andharua, Bhubaneswar -751029**
**Ref: No. IMA/79/82/2026** **Date: 19/01/2026**

**P. G. MERITORIOUS SCHOLARSHIP IN SCIENCE, MATHEMATICS AND BIOTECHNOLOGY**

In order to promote and encourage meritorious students to pursue Post Graduate studies in Physical Science, Chemical Science, Biological Science, Mathematical Science, Earth & Geological Science, Computer Science and Biotechnology/Bio-informatics, Govt. of Odisha have introduced a scholarship programme under the aegis of the State Council, Science & Technology Department, Odisha.

**Eligibility:**
(i) Applicant for the scholarship should be a permanent resident or domicile of Odisha.
(ii) Applicant who has **passed the regular full time Bachelor's Degree Examination** with **first class honours** or its equivalent from an University/College/Institute recognized by Government, in any of the branches mentioned above is eligible to apply for the scholarship. **The candidate should be in the 1st year of the concerned P.G. regular course for the session 2025-26.**
(iii) The applicant must be pursuing two years full time/regular mode of Post-Graduation studies in any of the branches mentioned above in any Government University/College/Institution recognized by Government of Odisha/Government of India.
(iv) The scholarship will be the single scholarship which he/she can avail during the Post-Graduate course. Scholarship is not admissible for a candidate who is in receipt of any other financial assistance from any other source given by Govt.
(v) Applicants admitted to self-financing Post Graduate courses in any of the Government recognized colleges/institutions/universities in the State will be allowed to avail the P. G. Scholarship subject to the condition that, **parent's income from all sources not exceeding Rs. 6.00 lakh per annum.**

**How to apply:** Candidates are required to go through the guidelines thoroughly available in the website https://iomaorissa.ac.in/ or portal of S&T Deptt., Govt. of Odisha and apply in the prescribed application form (**Appendix-I of the guidelines**). Formats other than prescribed shall not be considered for the purpose. The filled in applications along with required documents need to reach the Director, Institute of Mathematics and Applications, Bhubaneswar-751029 by registered post or speed post (not by courier) **at the latest by Tuesday, February 10, 2026.** The candidates who have already applied as per earlier advertisement vide advertisement ref. no. IMA/79/1114/2025, dtd. 03/09/2025 & extension notification no. IMA/79/1351/2025, dtd. 04/11/2025 need not to apply again. However, the candidates whose applications were rejected vide notification no. IMA/79/1561/2025, dtd. 26/12/2025 may apply again.
**Date of Written Test:** The written test will held on **Sunday, February 22, 2026 from 10 AM - 12 Noon.**

OIPR- **Sd/ REGISTRAR**

## OFFICE OF THE CHIEF CONSTRUCTION ENGINEER DHENKANAL (R&B) CIRCLE, DHENKANAL

**Corrigendum to bid identification No.C.C.E.DKL(R&B)15/2025-26**

**No.B-997:** The bid invited vide Bid Identificaiton No. C.C.E.DKL(R&B) 15/2025-26 vide letter No.83, dt.08.01.2026 has been modified as follows.
1. The Bid document for the above notice will be available in the website: www.tendersodisha.gov.in from Dt.28.01.2026 to 5.00 P.M. of Dt.11.02.2026 for online bidding and shall be opened at 11.00 AM on Dt.12.02.2026.
All other terms and conditions of the above tender call notice will remain unchanged.

OIPR- **Sd./- C.C.E., Dhenkanal (R&B) Circle, Dhenkanal**

**No.D-**

## ODISHA PUBLIC SERVICE COMMISSION, CUTTACK

**1st Corrigendum to Advertisement No.03 of 2025-26 for Recruitment to the Post of Assistant Professor (Broad Speciality) of Government MCHs in the rank of Group-A, under Health & Family welfare Department**

1. The portion of the Advertisement relating to recruitment of **Radio Therapy (MKCG) (01-Post)** and **Radiation Oncology (01-Post)** is hereby cancelled. All the applications with respect to these **02 Disciplines** are also cancelled.
2. **Revised Vacancy Position :**
The revised vacancy position for **22 Disciplines** providing reservation to PwDs is as follows :

| Sl. No. | Name of the Discipline | Bench-mark disabilities that can be included | Total Vacancies | Posts to be reserved for PwD categories |
|---|---|---|---|---|
| (1) | (2) | (3) | (4) | (5) |
| 1. | Anaesthesiology | OL, LC, AAV WITH FULL FUCTIONAL HANDS | 25 | 1 |
| 2. | Anatomy | HH, OL, LC, AAV WITH FULL FUCTIONAL HANDS | 20 | 1 |
| 3. | Bio-chemistry | HH, OL, LC, AAV WITH FULL FUCTIONAL HANDS | 14 | 1 |
| 4. | E.N.T. | OL, LC, AAV WITH FULL FUCTIONAL HANDS | 4 | NIL |
| 5. | F.M. & T | HH, OL, LC, AAV WITH FULL FUCTIONAL HANDS | 5 | NIL |
| 6. | General Medicine | OL, LC, AAV WITH FULL FUCTIONAL HANDS | 21 | 1 |
| 7. | Microbiology | HH, OL, LC, AAV WITH FULL FUCTIONAL HANDS | 11 | NIL |
| 8. | O & G | OL, LC, AAV WITH FULL FUCTIONAL HANDS | 9 | NIL |
| 9. | Ophthalmology | OL, LC, AAV WITH FULL FUCTIONAL HANDS | 12 | NIL |
| 10. | Orthopaedic Surgery | HH | 12 | NIL |
| 11. | Paediatrics | OL, LC, AAV WITH FULL FUCTIONAL HANDS | 16 | 1 |
| 12. | Pathology | HH, OL, LC, AAV WITH FULL FUCTIONAL HANDS | 29 | 2 |
| 13. | Pharmacology | HH, OL, LC, AAV WITH FULL FUCTIONAL HANDS | 13 | 1 |
| 14. | Physiology | HH, OL, LC, AAV WITH FULL FUCTIONAL HANDS | 9 | NIL |
| 15. | Psychiatry | HH, OL, LC, AAV WITH FULL FUCTIONAL HANDS | 8 | NIL |
| 16. | Radio-diagnosis | HH, OL, LC, AAV WITH FULL FUCTIONAL HANDS | 10 | NIL |
| 17. | Community Medicine | HH, OL, LC, AAV WITH FULL FUCTIONAL HANDS | 33 | 2 |
| 18. | Dermatology | HH, OL, LC, AAV WITH FULL FUCTIONAL HANDS | 7 | NIL |
| 19. | General Surgery | OL, LC, AAV WITH FULL FUCTIONAL HANDS | 32 | 2 |
| 20. | T.B. & C.D. | OL, LC, AAV WITH FULL FUCTIONAL HANDS | 6 | NIL |
| 21. | Emergency Medicine | | 11 | NIL |
| 22. | Phy. Medicine & Rehabilitation | | 5 | NIL |
| | | Total | 312 | 12 |

3. The reservation of 12 vacancies in different Disciplines as above are reserved for the candidates having **Permanent Disability of 40% and above**.
4. The vacancies relating to UR, SEBC, SC, ST and Women categories remain unchanged as per Para-02 of the original advertisement.
5. The candidates belonging to Persons with Disabilities shall be adjusted against the categories to which they belong.
6. **Online Applications are invited ONLY from the PwD candidates who were eligible in terms of Age and Educational Qualification as per Para-3 & 4 of the original advertisement as on the last date of submission of Online Application of the said advertisement i.e. 26.06.2025. No application of any other candidates will be entertained and will be outrightly rejected.**
7. The PwD Candidates who have already applied earlier need not apply again.
8. **WRITTEN EXAMINATION:** The Written Examination for all the Disciplines will be held on **22.02.2026 (Sunday)**. The detailed scheduled and examination centres will be notified in due course.
9. All other terms and conditions of Advertisement No. 03 of 2025-26 shall remain unchanged.
10. The link for submission of Online Application shall be available on the website from **27.01.2026 to 03.02.2026 till 05:00 P.M. [ 03.02.2026, 05:00 P.M. is the deadline for submission of Registered Online Application]**.
11. Candidates are advised to visit official website of OPSC for further updates in this regard.

OIPR- **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାଇଦ୍ରାବାଦ, କୋଲକାତା ରୋଡ୍ ଶୋ'ରେ ୧,୬୭,୦୦୦ କୋଟି ନିବେଶ

## ୧,୪୬,୦୦୦ ନିଯୁକ୍ତି ସୃଷ୍ଟି ଆଶା

ଭୁବନେଶ୍ୱର,୨୦।୧
(ଅନୁରାଧା ମହାରଣା)

ଓଡ଼ିଶାର ଅର୍ଥନୀତି ଏବେ ପାରମ୍ପରିକ ସମ୍ବଳ ଆଧାରିତ ଅର୍ଥନୀତିରୁ ଭବିଷ୍ୟତମୁଖୀ ଶିଳ୍ପ ଶକ୍ତି ଭାବେ ପରିଣତ ହେବାର ପଥରେ ଦୃଢ଼ ଗତିରେ ଆଗେଇ ଚାଲିଛି। ରାଜ୍ୟ ସରକାର ନୂତନ ଯୁଗର ପ୍ରଯୁକ୍ତିଗତ ଓ ଉଚ୍ଚ ବୃଦ୍ଧିଶୀଳ କ୍ଷେତ୍ରଗୁଡ଼ିକୁ କେନ୍ଦ୍ରକରି ନିବେଶ ଆକର୍ଷଣ ରଣନୀତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୋଲକାତା ରୋଡ ଶୋ' ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପାରମ୍ପରିକ ଭାବେ ଇସ୍ପାତ, ଖଣି ଓ ଭାରୀ ଶିଳ୍ପରେ ପ୍ରସିଦ୍ଧ ଓଡ଼ିଶା ଏବେ ଆଇଟି ଓ ଆଇଟିଇଏସ, ଏରୋସ୍ପେସ ଓ ଡିଫେନ୍ସ, ଆପାରେଲ ଆକ୍ସେସରିଜ ଓ ଟେକ୍ନିକାଲ ଟେକ୍ସଟାଇଲ, ମେଟାଲ ଆନ୍ସିଲାରୀ, ଡାଉନଷ୍ଟ୍ରିମ ଓ ଇଞ୍ଜିନିୟରିଂ ଗୁଡ୍ସ, ପ୍ଲାଷ୍ଟିକ, କେମିକାଲ, ପ୍ୟାକେଜିଂ ଓ ରିସାଇକ୍ଲିଂ, ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ ଓ ବାୟୋଟେକ୍ନୋଲୋଜି ଭଳି ଆଧୁନିକ କ୍ଷେତ୍ରଗୁଡ଼ିକୁ ପ୍ରସାର କରୁଛି। ଏହି ରଣନୈତିକ ପରିବର୍ତ୍ତନ ହାଇଦ୍ରାବାଦ (ଡିସେମ୍ବର ୨୦୨୫) ଓ କୋଲକାତା (ଜାନୁଆରୀ-୨୦୨୬)ରେ ଅନୁଷ୍ଠିତ ଓଡ଼ିଶା ନିବେଶକ ସମ୍ମିଳନୀରେ ସ୍ପଷ୍ଟ ହୋଇଛି। ଦୁଇ ସହରରେ ମୋଟ ୬ଟି ସେକ୍ଟର୍-ବିଶେଷ ରାଉଣ୍ଡଟେବୁଲ ଆଲୋଚନା ହୋଇଥିଲା। ହାଇଦ୍ରାବାଦରେ




ଫାର୍ମାସ୍ୟୁଟିକାଲ ଓ ଏରୋସ୍ପେସ ଓ ଡିଫେନ୍ସ ଉପରେ ଦୁଇଟି ରାଉଣ୍ଡଟେବୁଲ ହୋଇଥିଲା। କୋଲକାତାରେ ଆପାରେଲ ଆକ୍ସେସରିଜ ଓ ଟେକ୍ନିକାଲ ଟେକ୍ସଟାଇଲ, ମେଟାଲ ଆନ୍ସିଲାରୀ, ଡାଉନଷ୍ଟ୍ରିମ ଓ ଇଞ୍ଜିନିୟରିଂ ଗୁଡ୍ସ; ପ୍ଲାଷ୍ଟିକ, କେମିକାଲ, ପ୍ୟାକେଜିଂ ଓ ରିସାଇକ୍ଲିଂ; ଏବଂ ଫାର୍ମାସ୍ୟୁଟିକାଲ, ମେଡିକାଲ ଡିଭାଇସ ଓ ବାୟୋଟେକ୍ନୋଲୋଜି ଉପରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ୧୨୩ଟି କମ୍ପାନୀର ନେତୃତ୍ୱକାରୀ ଅଂଶଗ୍ରହଣ କରିଥିଲେ। ଫଳରେ ରାଜ୍ୟ ୧,୬୭,୦୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ପାଇଛି, ଯାହା ଦ୍ୱାରା ୧,୪୬,୦୦୦ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପାରାଦୀପ, ଧାମରା, ଗୋପାଳପୁର ଓ ଇଞ୍ଚୁଡ଼ି-ସୁବର୍ଣ୍ଣରେଖା ବନ୍ଦର ସହ ବିମାନବନ୍ଦର ଓ ରାସ୍ତା ସଂଯୋଗ ରହିଛି। ପ୍ଲଗ ଆଣ୍ଡ ପ୍ଲେ ଇଣ୍ଡଷ୍ଟ୍ରିଆଲ ପାର୍କ, ଏମଏସଏମଇ ପାର୍କ ଓ ଏସଇଜେ ନିବେଶକଙ୍କୁ ସୁବିଧା ଦେଉଛି। ଦକ୍ଷ ମାନବ ସମ୍ବଳ ପାଇଁ ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରରେ ୩ଟି ନୂତନ ବିଶ୍ୱସ୍ତରୀୟ ସ୍କିଲ ସେଣ୍ଟର ସ୍ଥାପନ ହେବ।

# ଟାଟା ମୋଟର୍ସର ୧୭ ନୂଆ ଟ୍ରକ୍

ଭୁବନେଶ୍ୱର,୨୦।୧

ଭାରତର ପରିବହନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଦେଶର ବୃହତମ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋଟର୍ସ ଏହାର ୭-୫୫ ଟନ୍ ବିଶିଷ୍ଟ ପରବର୍ତ୍ତୀ ପିଢ଼ିର୧୭ଟି ନୂତନ ଟ୍ରକ୍‌ର ଶୁଭାରମ୍ଭ କରିଛି। ଏଥିରେ ଅତ୍ୟାଧୁନିକ ଟାଟା ଟ୍ରକ୍ସ. ଇଭି ସମ୍ଭାର ଏବଂ ପ୍ରିମା, ସିଗ୍‌ନା ଓ ଅଲ୍‌ଟ୍ରା ମଞ୍ଚର ଅପ୍‌ଗ୍ରେଡେଡ୍ ମଡେଲ ସାମିଲ ହୋଇଛି। ଏହି ଟ୍ରକ୍‌ଗୁଡ଼ିକ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ (ଇସିଇ ଆର୍୨୯ ୦୩) ଅନୁଯାୟୀ ପ୍ରସ୍ତୁତ ହୋଇଛି। ଏହି ଅବସରରେ ଟାଟା ମୋଟର୍ସର ଏମ୍‌ଡି ଓ ସିଇଓ ଗିରିଶ ୱାଘ କହିଛନ୍ତି, 'ଭାରତର ଟ୍ରକିଙ୍ଗ୍ କ୍ଷେତ୍ର ଏବେ ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି। ଜାତୀୟ ସ୍ତରର ଅଭିବୃଦ୍ଧିକାରୀ ନୀତି ନିର୍ଦ୍ଧାରଣ, ଆଧୁନିକ ଭିତ୍ତିଭୂମି ଏବଂ ସୁରକ୍ଷା ଓ ଅଧିକ ଦକ୍ଷ ବହନକାରିତାକୁ ନେଇ ଆଗକୁ ବଢୁଛି।

# ଯାତ୍ରୀ ଭିଡ଼ ଦୂର କରିବ ଅତିରିକ୍ତ କୋଚ୍

ଭୁବନେଶ୍ୱର,୨୦।୧
(ଅନୁରାଧା ମହାରଣା)

ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ପରିଚାଳନା କରିବା ଏବଂ ଅଧିକ ଯାତ୍ରା ଆରାମ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ସମେତ କିଛି ଏକ୍ସପ୍ରେସ୍ ଟ୍ରେନ୍‌ରେ ଅସ୍ଥାୟୀ ଭାବରେ କୋଚ୍ ବୃଦ୍ଧି କରିଛି। ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୩ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ୨୨୮୨୪ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୪ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୪ରୁ ୩୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର ଶ୍ରେଣୀ କୋଚ୍ ସଂଯୋଗ କରାଯିବ, ଯାହା ଅଧିକ ଚାହିଦା ସମୟରେ ଅତିରିକ୍ତ ଆରାମ ପ୍ରଦାନ କରିବ। ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୫ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ସଂଯୋଗ କରାଯିବ। ୧୨୨୭୮ ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୨ରୁ ୨୭ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ। ୧୨୨୭୭ ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍‌ରେ ଜାନୁଆରୀ ୨୨ରୁ ୨୭ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ ସଂଯୋଗ କରାଯିବ।

# ଭୁବନେଶ୍ୱର ନରାକାସ୍‌ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର,୨୦।୧

ଭୁବନେଶ୍ୱରସ୍ଥିତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ)ର ୫୯ତମ ଅର୍ଦ୍ଧବାର୍ଷିକ ବୈଠକ ସୋମବାର ଏସ୍‌ବିଆଇ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଏ.ଡି. ରତ୍ନ ତେଜା ଅଧ୍ୟକ୍ଷତାକରି କହିଥିଲେ, ପୂର୍ବାଞ୍ଚଳରେ ଅବସ୍ଥିତ ମୋଟ ୬୭ଟି ନରାକାସ୍ ମଧ୍ୟରୁ ଏହି ସମ୍ମାନ ପାଇବା ରାଜଭାଷା ହିନ୍ଦୀର ପ୍ରଭାବୀ କାର୍ଯ୍ୟକାରିତା ଦିଗରେ ଆମକୁ ଅଧିକ ଶକ୍ତି ପ୍ରଦାନ କରିବ। ଏସ୍‌ବିଆଇର ମଣ୍ଡଳ ବିକାଶ ଅଧିକାର ସାମଦେନ ଦୋରଜୀ ଲାମା ସ୍ୱାଗତ ଭାଷଣ ଦେଇଥିଲେ। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ଉପନିର୍ଦ୍ଦେଶକ




(କାର୍ଯ୍ୟାନ୍ୱୟନ) ଡ. ବିଚିତ୍ରସେନ ଗୁପ୍ତ ଏହି କମିଟି ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଜାତୀୟ ସ୍ତରରେ ରାଜଭାଷା କୀର୍ତ୍ତି ପୁରସ୍କାର ଗ୍ରହଣ କରୁଥିବା କହି ଆନନ୍ଦ ପ୍ରକାଶ କରିଥିଲେ। ଆର୍‌ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି ଜାତୀୟ ସ୍ତରରେ ଏହି କମିଟି ପ୍ରଥମ ସ୍ଥାନରେ ରହିବାକୁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର କହିଛନ୍ତି, ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ବ୍ୟବହାର କରୁଛି। ଏସ୍‌ବିଆଇର ସଦସ୍ୟ ସଚିବ ତଥା ବି.ବି. ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆର୍‌ବିଆଇର ସହକାରୀ ମହାପ୍ରବନ୍ଧକ (ରାଜଭାଷା) ବିବେକ କୁମାର ଯାଦବ ଧନ୍ୟବାଦ ଦେଇଥିଲେ।

# ଏପ୍ରିଲରେ ବିଶ୍ୱସ୍ତରୀୟ 'ଭାରତ ଷ୍ଟିଲ୍ ସମ୍ମିଳନୀ'

ଭୁବନେଶ୍ୱର,୨୦।୧

ଭାରତ ବିଶ୍ୱସ୍ତରରେ ଷ୍ଟିଲ୍ ଉତ୍ପାଦନର ଭବିଷ୍ୟତ ଗଠନ କରିବାର ମଞ୍ଚ ପ୍ରସ୍ତୁତ କରୁଛି। ଏହି ଦିଗରେ 'ଭାରତ ଷ୍ଟିଲ୍ ୨୦୨୬' ନାମକ ୨ଦିନିଆ ବିଶ୍ୱସ୍ତରୀୟ ସମ୍ମିଳନୀ ଏପ୍ରିଲ ୧୬ ଓ ୧୭ରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ହେବ। ଇସ୍ପାତ ମନ୍ତ୍ରଣାଳୟ ଆୟୋଜିତ ଏହି ସମ୍ମିଳନୀରେ ନୀତିନିର୍ମାତା, ପ୍ରଯୁକ୍ତି ବିଶେଷଜ୍ଞ ଓ ଶିଳ୍ପପତି ଏକାଠି ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଷ୍ଟିଲ ହେଉଛି ଆଧୁନିକ ଅର୍ଥନୀତିର ମେରୁଦଣ୍ଡ। ଉଚ୍ଚ ଅଟ୍ଟାଳିକା, ଜାହାଜ, ରାସ୍ତା, ହାଇସ୍ପିଡ୍ ରେଳ, ସ୍ମାର୍ଟ ସିଟି ଓ ଇଣ୍ଡଷ୍ଟ୍ରିଆଲ କରିଡର ସବୁଠାରେ ଷ୍ଟିଲ ହେଉଛି ଶକ୍ତିର ମୂଳାଧାର। ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟରେ ଷ୍ଟିଲ୍ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ।

भारत स्टील
Bharat Steel™

ଭାରତ ବିଶ୍ୱର ୨ୟ ବୃହତ୍ତମ ଷ୍ଟିଲ ଉତ୍ପାଦକ ଦେଶ। ସମ୍ମିଳନୀରେ ସ୍ଥିର ସପ୍ଲାଇ ଚେନ୍, ଡିଜିଟାଲାଇଜେଶନ, ଏଆଇ, ରୋବୋଟିକ୍ସ, ଗ୍ରୀନ୍ ହାଇଡ୍ରୋଜେନ, ସିସିୟୁଏସ୍ ଓ ସ୍କ୍ରାପ୍ ବ୍ୟବହାର ବିଷୟରେ ଆଲୋଚନା ହେବ। ଭାରତର ଲକ୍ଷ୍ୟ ୨୦୩୦ ସୁଦ୍ଧା ୩୦୦ ମିଲିୟନ ଟନ୍ ଓ ୨୦୪୭ ସୁଦ୍ଧା ୫୦୦ ମିଲିୟନ ଟନ୍ ଷ୍ଟିଲ ଉତ୍ପାଦନ। ଏଥିପାଇଁ ପିଏଲ୍‌ଆଇ ଯୋଜନା, ଗ୍ରିନ ଷ୍ଟିଲ ରୋଡ୍‌ମ୍ୟାପ ଓ ଆର୍ ଆଣ୍ଡ ଡି ଉପରେ ଗୁରୁତ୍ୱ ଦିଆଯାଉଛି। ସମ୍ମିଳନୀରେ ୭୦୦ରୁ ଅଧିକ ବିଦେଶୀ ପ୍ରତିନିଧି, ସରକାରୀ ଅଧିକାରୀ, ପ୍ରାଇଭେଟ କମ୍ପାନୀ ଓ ନିବେଶକ ଯୋଗଦେବେ।

# ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସକୁ ରିଜିଓନାଲ ପିଆର୍ ଆୱାର୍ଡ

ଭୁବନେଶ୍ୱର,୨୦।୧

ଆଡ୍‌ଭେଣ୍ଟୋ କମ୍ୟୁନିକେଶନ୍ସ ଶୀର୍ଷ ୨୦ଟି ପିଆର ଏଜେନ୍ସି ମଧ୍ୟରେ ଏକ ସ୍ଥାନ ପାଇବା ସହିତ ବେଷ୍ଟ ରିଜିଓନାଲ ପିଆର୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଜାନୁଆରୀ ୧୭ରେ ଅନୁଷ୍ଠିତ ସେରିମନି ଓଡ଼ିଶାର୨ ପିଆର ପ୍ରଫେସନାଲ ବିଜୟିତା ତ୍ରିପାଠୀ ଓ ପବିତା ମିଶ୍ର ଅଣ୍ଡର ୪୦ ଆୱାର୍ଡସ ବର୍ଗରେ ସମ୍ମାନିତ ହୋଇଛନ୍ତି। ବିଜୟିତା ତ୍ରିପାଠୀଙ୍କୁ ବେଷ୍ଟ କ୍ରିଏଟିଭ ଏଣ୍ଟରଟେନ୍‌ମେଣ୍ଟ କ୍ୟାମ୍ପେନ ଓ ପବିତା ମିଶ୍ରଙ୍କୁ ଲିଡିଙ୍ଗ ପିଆର କ୍ୟାମ୍ପେନ ଫର୍ ଷ୍ଟାର୍ଟଅପସରେ ସମ୍ମାନିତ କରାଯାଇଛି। ଆଇଆର୍‌ପିଆର୍‌ଏ ୨୦୨୫ ପାଇଁ ସମ୍ମାନିତ ଜୁରି ପ୍ୟାନେଲରେ କମ୍ୟୁନିକେଶନ୍ସ, ମିଡିଆ ଓ କର୍ପୋରେଟ ପବ୍ଲିକ ରିଲେଶନ୍ସର ପ୍ରତିଷ୍ଠିତ ବିଶେଷଜ୍ଞ ଅର୍ଚ୍ଚନା ମୁଥପ୍ପା, କବିତା ଲଖାନି, ଜ୍ୟୋତ୍ସ୍ନା ଦାସ ନନ୍ଦ, ତନ୍ମନା ରଥ, ସ୍ମିତା ଶ୍ରୀବାସ୍ତବ ପ୍ରମୁଖ ସାମିଲଥିଲେ।


# Classified Everyday
0674-2580101, 9692975378




## GROOM WANTED

Beautiful Karan Girl 1999, 5'4", Bsc (Ag) MBA Serving Manager reputed Company "SUNASANSAR". 9937512659. D-18

Govt. Lecturer 43 ବୟସ୍କା ଖଣ୍ଡାୟତ Widow ନିଜ 12Yrs. ଝିଅଙ୍କ ସଙ୍ଗେ ରହୁଥିବା କନ୍ୟାଙ୍କ ପାଇଁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3133

ବଡ଼ ଭଉଣୀଙ୍କ ସଙ୍ଗେ ରହୁଥିବା 50 ବୟସ୍କା Ayurvedic Doctor ଅବିବାହିତା ରାଜପୁତ ଖାନ୍‌ଦାନ ଝିଅଙ୍କୁ ବରପାତ୍ର। ଯୋଗାଯୋଗ- 9776705242. D-3132




## SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Semi- Commercial Land for Sale At ଆଙ୍ଗୁଳା, Near ସିଦ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115




All types of physiotherapy and massage contact 9556924059 / 7656969134. D-3166

## EDUCATION

Students from low-income families pursuing +2 Commerce, BBA/ B.Com can benefit from complementary tuition classes at Satyanagar, Bhubaneswar. Contact-7303935646 to enhance your academic performance and career prospects. D-3163

## AFFIDAVIT

By virtue of an affidavit sworn before Executive Magistrate, Banki, dated 08.01.2026, I, Rajendra Pangari, Address: At- Kurumpada, P.O./P.S.- Baideswar, Dist.- Cuttack, declare that I have changed my name from Raja Pangari to Rajendra Pangari. Henceforth, I shall be known as Rajendra Pangari for all purposes.
Rajendra Pangari
D-3162

By virtue of an affidavit sworn before the Executive Magistrate, Rampur, dated 19.01.2026, I, Gyanendra Sahu, S/o.- Late Gouranga Sahu, Village- Dunguripali, P.O./P.S.- Dunguripali, Dist.- Subarnapur declare that I have changed my name from Gyanendra Kumar Sahu to Gyanendra Sahu. Henceforth, I shall be known as Gyanendra Sahu for all purposes.
Gyanendra Sahu
D-3161

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୧୨୦୪/୨୦୧୫

ମହେନ୍ଦ୍ର କୁମାର ବାରିକ ..........ବାଦୀ
ବନାମ
ରାଜେନ୍ଦ୍ର ନାରାୟଣ ରାଉତ ଏବଂ ଅନ୍ୟମାନେ ..........ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫, ରୁଲ୍- ୨୦ ମୁତାବକ

୧. ରାଜେନ୍ଦ୍ର ନାରାୟଣ ରାଉତ, ପିତା- କୁଳମଣି ରାଉତ, ସା- ପ୍ଲଟ୍ ନଂ.- ୪୧୬, ପୋଷ୍ଟ/ଥାନା- ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୯. ରସା ବେୱା, ସ୍ୱାମୀ- ସ୍ୱର୍ଗତ ମାଧବ ବେହେରା, ୧୪. ଧୋବା ବେହେରା, ପିତା- ସ୍ୱର୍ଗତ ଗୌରାଙ୍ଗ ବେହେରା, ଉଭୟଙ୍କର ବାସସ୍ଥାନ ସା/ପୋଷ୍ଟ- ସୁନ୍ଦରପୁର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୭. ନିର୍ମଳ କୁମାର ସ୍ୱାଇଁ, ପିତା- ନିତ୍ୟାନନ୍ଦ ସ୍ୱାଇଁ, ସା- ଆଇ.ଆର୍.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୧୮. ଉମାଶଙ୍କର ଜୟସାଲ, ପିତା- କପିଳ ଦେଓ ଜୟସାଲ, ୧୯. କୁମୁଦ ରଞ୍ଜନ ମହାନ୍ତି, ପିତା- ବୈକୁଣ୍ଠ ନାଥ ମହାନ୍ତି, ୨୦. ଆଲୋକ କୁମାର ଦାସ, ପିତା- ବଂଶୀଧର ଦାସ, ୧୮ ରୁ ୨୦ ପର୍ଯ୍ୟନ୍ତ ସମସ୍ତଙ୍କ ସା- ଏନ୍- ୫/୩୮୫, ଆଇ.ଆର୍.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୨୨. ସଞ୍ଜୟ ଦାସ, ପିତା- ରାଜେନ୍ଦ୍ର ପ୍ରସାଦ ଦାସ, ସା- ସାମିଆନ, ପୋଷ୍ଟ- କାଲକାଲା, ଥାନା- ବଡ଼ଚଣା, ଜିଲ୍ଲା- ଯାଜପୁର।

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ. ୧, ୯,୧୪,୧୭,୧୮,୨୦ ଏବଂ ୨୨ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ସେମାନଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୨।୦୧।୨୦୨୬ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲିଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲି ସମ୍ପତ୍ତିର ବିବରଣୀ
ମୌଜା- ସୁନ୍ଦରପୁର, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା ସାବକ ଖାତା ନଂ.୧୫୬, ସାବକ ପ୍ଲଟ୍ ନଂ. ୭୮୭, ଏରିଆ- ଏ.୦.୦୪୩ ଡି., ହାଲ୍ ଖାତା ନଂ. ୬୬୩, ହାଲ୍ ପ୍ଲଟ୍ ନଂ. ୨୫୦୨, ଏରିଆ- ପାର୍ଟ।

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର, ଅଦାଲତ ନଂ. ୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୩୧୬୦

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଳରାମ ମଲ୍ଲିକ
ଆବିର୍ଭାବ: ୨୫।୧୦।୧୯୩୮
ତିରୋଧାନ: ୧୧।୦୧।୨୦୨୬
ବାପା, ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମେ ଭୁଲିପାରୁନାହୁଁ। ତୁମ କଥା ସର୍ବଦା ମନେ ପଡ଼ୁଛି। ଶ୍ରୀଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାର: ପୁଅ- ଶ୍ରୀଧର, ବିଦ୍ୟାଧର, ସମୀର, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ।
ଧ-୩୧୬୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ସୁମିତ୍ରା ନନ୍ଦୀ
ବାଳକାଟୀ, ନନ୍ଦୀ ସାହି, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୨୧।୦୪।୧୯୬୬
ତିରୋଧାନ: ୩୧।୦୧।୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ପ୍ରଭୁ ତୁମକୁ ଶରଣ ଦେଇ ବ୍ରହ୍ମଲୋକରେ ସ୍ଥାନ ଦିଅନ୍ତୁ।
ଶୋକସନ୍ତପ୍ତ:- ସ୍ୱାମୀ, ଦେଢଶୁର, ଦିଅର, ଯା, ପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରାବୋହୂ, ଝିଅ, ଜ୍ୱାଇଁ, ଝିଆରୀ, ଝିଆରୀଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୩୧୫୭

### ସ୍ମୃତି ତର୍ପଣ




ସ୍ୱର୍ଗତ ଉମାପ୍ରସାଦ କର
ଅବକାଶ ଲେନ୍, ପୁରୀ- ୨
୨୧ ଜାନୁଆରୀ ୨୦୨୬
ଆଜି ଆପଣଙ୍କର ପବିତ୍ର ୧୯ତମ ଶ୍ରାଦ୍ଧବାର୍ଷିକୀରେ ଆମମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୧୫୯

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବିଳାସିନୀ ପ୍ରଧାନ
ସ୍ୱାମୀ ସ୍ୱର୍ଗତ ଭୀମ ପ୍ରଧାନ
ଗ୍ରାମ: ଲୋଧାଚୁଆ, ରଣପୁର, ଜିଲ୍ଲା- ନୟାଗଡ଼
ଆବିର୍ଭାବ: ୧୧।୧୦।୧୯୩୭
ତିରୋଧାନ: ୧୨।୦୧।୨୦୨୬
ବୋଉ! ହଠାତ୍ ଅସମୟରେ କାହିଁକି ଚାଲିଗଲୁ, କେତେ କାମ ଥିଲା ବୋଲି କହୁଥିଲୁ, ତୁମର ଶୂନ୍ୟସ୍ଥାନ କେବେବି ପୂରଣ ହେବନି। ତୁମର ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ ଜୀବନର ପାଥେୟ ହେଉ। ଉପରେ ଥାଇ ଟିକିଏ ଆମକୁ ଆଶୀର୍ବାଦ କରୁଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ- ବଡ଼ପୁଅ- ଗୋବିନ୍ଦ, ବୋହୂ- ରାଜଲକ୍ଷ୍ମୀ, ସାନପୁଅ- ସୁବାସ, ବୋହୂ- ସୁପ୍ରିୟା, ଝିଅ- ଭାରତୀ, ଜ୍ୱାଇଁ- ଜ୍ୟୋତିଶଙ୍କର, ସମସ୍ତ ନାତି, ନାତୁଣୀ, ଅଣନାତି, ଅଣନାତୁଣୀ, ନାତୁଣୀଜ୍ୱାଇଁ ଓ ନାତୁଣୀବୋହୂ ସହିତ ପରିବାରବର୍ଗ।
ଧ-୩୧୫୬

### ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧
ଆପଣଙ୍କ ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ଭଉଣୀ, ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ।
ଧ-୩୧୫୮

### ଏକାଦଶାହ କ୍ରିୟା ଅବସରରେ



ସ୍ୱର୍ଗତ ଡ. ରବୀନ୍ଦ୍ର ନାଥ ପଣ୍ଡା
ସ୍ଥାନ- ବିଶାଣିଖରିଦା, ବାସନ୍ତୀ ଦୁର୍ଗା ମଣ୍ଡପ ପାଖ, ଚରମ୍ପା, ଭଦ୍ରକ
ଗ୍ରାମ: ଶୁଶୁଆ, ଅର୍ଣ୍ଣପାଳ, ଭଦ୍ରକ
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ପ୍ରାର୍ଥନା।
ହତଭାଗ୍ୟ: ଭାଇ- ସୁବାଷ, ପୁଅ- ସୁଶାନ୍ତ ଓ ଡ. ଶଶିକାନ୍ତ
ଧ-୩୧୬୫

# ସ୍ୱଦେଶୀ ଭାବନା ରହିଲେ ଓଡ଼ିଶା ବିକଶିତ ହେବ

## ଢେଙ୍କାନାଳ ମହୋତ୍ସବ ଉଦ୍‌ଘାଟିତ

### ଇରାଙ୍କ ଗୀତରେ ଝୁମିଲେ ଦର୍ଶକ

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସହରସ୍ଥିତ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ଢେଙ୍କାନାଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ଦୀର୍ଘବର୍ଷ ଧରି ବନ୍ଦ ପଡ଼ିଥିବା ମହୋତ୍ସବ ସମସ୍ତଙ୍କ ସହଯୋଗରେ ପୁନରୁଦ୍ଧାର ହୋଇପାରିଛି। ଆଗକୁ ଯେପରି ଏହା ବନ୍ଦ ନ ହେବ, ସେଥିପାଇଁ ସମସ୍ତେ ସଂକଳ୍ପ ନେବାକୁ ହେବ। ନୂଆ ସରକାର ଆସିବା ପରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ ଶହୀଦ ଗ୍ରାମ ନୀଳକଣ୍ଠପୁରର ବିକାଶ ପାଇଁ ଅନୁଦାନ ଦିଆଯାଇଛି। ଗଁଦିଆକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରାଯାଇଛି। ଏଥିପାଇଁ ବର୍ତ୍ତମାନ ସୁଦ୍ଧା ୭ କୋଟି ୫୦ଲକ୍ଷ ଟଙ୍କା ଅନୁଦାନ ଦିଆସରିଲାଣି। ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜାଗା ଚିହ୍ନଟ ଚାଲିଛି। ସହରରେ ୨୫କୋଟି ଟଙ୍କା ବ୍ୟୟରେ ପ୍ଲାନେଟୋରିୟମ କରାଯିବ। ମହିଳାମାନଙ୍କ ହାତ ତିଆରି ସାମଗ୍ରୀ ବିକ୍ରି ହେଲେ ସେମାନଙ୍କ ଆର୍ଥିକ ଉନ୍ନତି ବଢ଼ିବ। ସୁଭଦ୍ରା ଯୋଜନାରେ ବାର୍ଷିକ ୧୦ହଜାର ଟଙ୍କା ଅନୁଦାନ ମିଳୁଥିବାରୁ ମହିଳାମାନଙ୍କ ଆର୍ଥିକ ଉନ୍ନତି ଘଟୁଛି। ଧାନର ମୂଲ୍ୟ ୩୧୦୦ଟଙ୍କା ଯୋଗୁ ଚାଷୀଙ୍କ ଆର୍ଥିକ ସ୍ଥିତି ବଦଳିଛି। ଆତ୍ମନିର୍ଭର ଭାରତ ମନ୍ତ୍ରରେ ସ୍ୱଦେଶୀ ଭାବନା ରହିଲେ, ଓଡ଼ିଶା ବିକଶିତ ହେବା ସହିତ ଏକ ବିକଶିତ ଭାରତ ଗଠନ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି, ନୂତନ ସରକାରଙ୍କ ସମୟରେ ଢେଙ୍କାନାଳ ଜିଲାକୁ ଗୁରୁତ୍ୱ ମିଳିଛି।

ଅନୁଗୋଳରୁ ବୁଢାପଙ୍କ ଓ କାମାକ୍ଷାନଗର ଦେଇ ଯାଇଥିବା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ ଦିଗରେ କାର୍ଯ୍ୟ କରାଯାଉଛି। ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ନାମରେ ଏକ ଟ୍ରେନ ଚଳାଚଳ କରିବା ଦିଗରେ କାର୍ଯ୍ୟ କରାଯାଉଛି। ବୀର ବୈଷ୍ଣବ ପଟ୍ଟନାୟକ ଓ ବାଜି ରାଉତଙ୍କ ନାମରେ ଡାକ ଟିକେଟ୍ ପାଇଁ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ କହିଲେ ଯେ, ଢେଙ୍କାନାଳ ହେଉଛି କଳା ସଂସ୍କୃତି ମାଟି। ମହୋତ୍ସବ ମାଧ୍ୟମରେ ସଂସ୍କୃତିର ଅଧିକ ପ୍ରସାର ପ୍ରଚାର ବଢ଼ିବ। ଏହି ମହୋତ୍ସବ ରାଜ୍ୟର ଶ୍ରେଷ୍ଠ ମହୋତ୍ସବ ହେବ ବୋଲି ସେ କହିଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଢେଙ୍କାନାଳ ମହୋତ୍ସବ ସମସ୍ତଙ୍କର ସହଯୋଗରେ ପୁଣିଥରେ ଆରମ୍ଭ ହୋଇଥିବାରୁ ଏଥିରେ ସମସ୍ତେ ଖୁସିବ୍ୟକ୍ତ କରୁଛନ୍ତି ବୋଲି କହିଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଆଶିଷ ଈଶ୍ୱର ପାଟିଲ ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ପରିବେଷିତ ହୋଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କର ସୁମଧୁର ସଙ୍ଗୀତ ଶ୍ରୋତାଙ୍କୁ ବିଭୋର କରିଥିଲା। ଏହି ଅବସରରେ ୩୦୦ଷ୍ଟଲକୁ ନେଇ ଏକ ପଲ୍ଲିଶ୍ରୀ ମେଳା ଆୟୋଜିତ ହୋଇଥିଲା। ପଲ୍ଲିଶ୍ରୀ ମେଳାରେ ୧୮ଟି ଖାଦ୍ୟ ଷ୍ଟଲରେ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ପାରମ୍ପରିକ ଖାଦ୍ୟର ମଜା ନେଇଥିଲେ ଜନସାଧାରଣ। ଏଥିପୂର୍ବରୁ ଅପରାହ୍ନ ସାଢେ ୩ଟାରେ ବାଜିଚୌକଠାରେ ବଳରାମ ମନ୍ଦିର ଓ ସେଠାରୁ ମହିଷାପାଟ ପଲ୍ଲିଶ୍ରୀ ମେଳା ମହୋତ୍ସବ ମଞ୍ଚ ପର୍ଯ୍ୟନ୍ତ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ମନ୍ତ୍ରୀ ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଜେନା, ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲାପାଳ ପାଟିଲ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।







ଢେଙ୍କାନାଳ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ମଞ୍ଚାସୀନ ଅତିଥି।

# ଢେଙ୍କାନାଳ ଜିଲା କାରାଗାରରେ ଲାଗିଲା ଏଆଇ କ୍ୟାମେରା

## ରାଜ୍ୟରେ ପ୍ରଥମ

ଢେଙ୍କାନାଳ,୨୦।୧(ରତନ ନାୟାର)

ଜେଲ ବିଭାଗ ପକ୍ଷରୁ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଢେଙ୍କାନାଳ ଜିଲାର ୧୦୦ବର୍ଷରୁ ଊର୍ଦ୍ଧ୍ୱ ଜିଲା କାରାଗାରରେ ଏଆଇ କ୍ୟାମେରା ଉଦ୍‌ଘାଟିତ ହୋଇଯାଇଛି। ଜେଲ ବିଭାଗର ଡିଆଇଜି (ପ୍ରିଜନ୍ସ) ବୀରେନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା କାରାଗାରେ ମୋଟ ୧୬ଟି ଏଆଇ କ୍ୟାମେରା ଲଗାଯାଇଛି। କାରାଗାର ଚତୁଃପାର୍ଶ୍ୱରେ ଥିବା ସୁରକ୍ଷା ପ୍ରାଚୀରରେ ଏହି ଏଆଇ କ୍ୟାମେରା ଲଗାଯାଇଛି। ଚତୁଃପାର୍ଶ୍ୱରେ ୪ଟି ୱାଚ୍‌ଟାୱାର ଉପରେ ସୁରକ୍ଷା ପାଇଁ ଜେଲ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ହେମନ୍ତ କୁମାର ସେଠୀଙ୍କ ସୂଚନା ମୁତାବକ, ଜେଲ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ରାଜ୍ୟରେ ପ୍ରଥମ କରି ପାଇଲଟ୍ ପ୍ରୋଜେକ୍ଟ ଭାବେ ଢେଙ୍କାନାଳ ଜିଲା ଜେଲରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ଲଗାଯାଇଛି। ଏହାଦ୍ୱାରା ବାହାରୁ କିମ୍ବା ଭିତରୁ ଯଦି କେହି କିଛି ସାମଗ୍ରୀ ଫୋପାଡ଼ନ୍ତି, ତେବେ ଏଥିରେ ଥିବା ସାଇରନ ବାଜି ସମସ୍ତଙ୍କୁ ଆଲର୍ଟ କରିଦେବ। ସେହିପରି ଏଆଇ କ୍ୟାମେରା ପାଖାପାଖି ପକ୍ଷୀ କିମ୍ବା ଯିଏବି ଯିବ ତୁରନ୍ତ ସାଇରନ ବାଜି ଆଲର୍ଟ କରିବ। ଢେଙ୍କାନାଳ ଜିଲା ଜେଲରେ ଏହା ଫଳପ୍ରଦ ହେଲେ ରାଜ୍ୟର ଅନ୍ୟ ଜେଲରେ ଏହାକୁ ଲଗାଯିବ ବୋଲି ସେ ସୂଚନା ଦେଇଛନ୍ତି।



ଢେଙ୍କାନାଳ ଜିଲା କାରାଗାରରେ ଲାଗିଥିବା ଏଆଇ କ୍ୟାମେରା।

# ଦିଗମ୍ବରପୁର ବିଦ୍ୟାଳୟ ବାର୍ଷିକ ଉତ୍ସବ



ଦିଗମ୍ବରପୁର ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଗଁଦିଆ,୨୦।୧(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦିଗାମ୍ବରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କମିଟି ସଭାପତି ନିର୍ମଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଭାକର ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଲଳିତ କୁମାର ଦାସ, ଗଁଦିଆ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ଦଳାଇ, ସରପଞ୍ଚ ସୁଭଦ୍ରା ପୃଷ୍ଟି, ସମିତି ସଭ୍ୟ ବିରଞ୍ଚି ନାରାୟଣ ସାହୁ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ହରିହର ସାହୁ ଉପସ୍ଥିତ ଥିଲେ। ବାଇଧର ସେଠୀ, ସୁରେଶ ସାହୁ, କୁମରଧର ସେଠୀ, ସଞ୍ଜୟ କୁମାର ପୃଷ୍ଟି, ଅରବିନ୍ଦ ସାହୁ, ପ୍ରଧାନ ଶିକ୍ଷକ ଯୁଗଳ କିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନ୍ଦାର ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବର୍ଷାରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଇଚ୍ଛାପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସାମନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଭାଜପା କାର୍ଯ୍ୟକର୍ତ୍ତା ସମାବେଶ, ମିଶ୍ରଣ ପର୍ବ

ଖମାର, ୨୦।୧
(ରଜନୀକାନ୍ତ ମହାରଣା)

ପାଲଲହଡ଼ା ବ୍ଲକ ଖମାର ମଣ୍ଡଳ ପକ୍ଷରୁ ଭାଜପା କାର୍ଯ୍ୟକର୍ତ୍ତା ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଖମାର ମଣ୍ଡଳ ସଭାପତି କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ରୂପେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଓ ସମ୍ମାନିତ ଅତିଥି ରୂପେ ଅନୁଗୋଳ ଜିଲା ଭାଜପା ସଭାପତି ଯଜାତି କେଶରୀ ପଟ୍ଟନାୟକ ଯୋଗଦେଇଥିଲେ। ୨୦ଟି ପଞ୍ଚାୟତର ପ୍ରାୟ ୫୦୦ ଶହରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ଯୋଗଦେଇଥିଲେ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ 'ପାଲଲହଡ଼ାର ସାମଗ୍ରିକ ବିକାଶ'କୁ ଆଖିଆଗରେ ରଖି ଆଗାମୀ ଦିନରେ ଆହୁରି ଅନେକ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗଦାନ କରିବେ ବୋଲି ବିଧାୟକ କହିଛନ୍ତି। ପାଲଲହଡ଼ାର ସାମଗ୍ରିକ ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ହାତରେ ହାତ ମିଶାଇବା ପାଇଁ ବିଧାୟକ ନିବେଦନ କରିଥିଲେ। ଏହି ବୈଠକରେ ନୃସିଂହ ବରାଳ, ତନ୍ମୟ ସାହୁ, ପଞ୍ଚାନନ ସାହୁ, ଗୌରଚନ୍ଦ୍ର ପ୍ରଧାନ, ସୋଭାଗିନୀ ପ୍ରଧାନ, ବସନ୍ତ ମଞ୍ଜରୀ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ତ୍ରିପୁରାରି ପ୍ରଧାନ, ପ୍ରହ୍ଲାଦ ସାମଲଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଡିଜିଟାଲ ଲାଇବ୍ରେରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସେଣ୍ଟ୍ରାଲ ଲାଇବ୍ରେରି ଆନୁକୂଲ୍ୟରେ 'ଡିଜିଟାଲ ଲାଇବ୍ରେରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନୂତନ ପାଠାଗାର କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମର୍ଶାଳାକୁ କଲେଜର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ତଥା ଅଧ୍ୟାପକ/ଅଧ୍ୟାପିକାମାନଙ୍କୁ ଗ୍ରନ୍ଥାଗାର ମହାବିଦ୍ୟାଳୟର ଆଇନା ଭାବେ ଦର୍ଶାଇ ଏହାର ବହୁଳ ବ୍ୟବହାର ନିମନ୍ତେ ଉତ୍ସାହିତ କରିଥିଲେ। ଲାଇବ୍ରେରିର ଭାରପ୍ରାପ୍ତ ଅଧିକାରୀ ଡ. ଶିବାନନ୍ଦ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାସ ନୂତନ ଶିକ୍ଷାନୀତି ଅନୁସାରେ ପାରମ୍ପରିକ ଗ୍ରନ୍ଥାଗାର ସହ ନୂତନ ଡିଜିଟାଲ ଲାଇବ୍ରେରିର ସେବାଗୁଡିକ ଆପଣାଇବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି କର୍ମଶାଳାରେ ରାଜ୍ୟ ତାଲିମ ପରିଚାଳକ ରାଜ କୁମାର ମହାପାତ୍ର, ବିଭିନ୍ନ ପ୍ରକାର ଡିଜିଟାଲ ଲାଇବ୍ରେରୀ ସେବାଗୁଡ଼ିକ ସମ୍ପର୍କରେ ଆଲୋକପାତ କରି ଡିଜିଟାଲ କୌଶଳ ବିକାଶ ଓ ବ୍ୟକ୍ତିତ୍ୱ ବିକାଶ କୋର୍ସଗୁଡ଼ିକ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଲାଇବ୍ରେରି ତରଫରୁ ମହାବିଦ୍ୟାଳୟର ଇ-ଲାଇବ୍ରେରିକୁ ବ୍ୟବହାର କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ସମସ୍ତ ତଥ୍ୟ ପ୍ରଦାନ କରାଯାଇଥିଲା। କର୍ମଶାଳାକୁ ଅଧ୍ୟାପିକା ସସ୍ମିତା ରାୟ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଗ୍ରନ୍ଥାଗାରିକ ଶୁଭାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରନ୍ଥାଗାରର କର୍ମଚାରୀ ସୁଜାତା ଜେନା ଓ ଏସ୍‌କେ ୱାସିମ୍ ସହଯୋଗ କରିଥିଲେ।




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଫଳକ ଅଛି, ସୂଚନା ନାହିଁ



କାମାକ୍ଷାନଗର,୨୦।୧
(ସୁଧୀର କୁମାର ପରିଡ଼ା)

ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ବହୁ ଯୋଜନା କରୁଥିବା ବେଳେ ତାହା ଠିକ ଭାବରେ କାର୍ଯ୍ୟକାରୀ ହେଉନଥିବା କାରଣରୁ ସଫଳ ରୂପାୟନ ହୋଇପାରୁନାହିଁ। କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ କଇଁଆଗୋଠ ସାହିରେ ନୂତନ ଭାବରେ ମାଟି ରାସ୍ତା ସହିତ ଏକ କଲଭର୍ଟ (ପୋଲ) ନିର୍ମାଣ ହୋଇଛି। ଗୁଣ୍ଡିଚାନାଳୀ ମୁଖ୍ୟ ରାସ୍ତାରୁ ଗାଁକୁ ସଂଯୋଗ କରୁଥିବା ଏହି ରାସ୍ତା ୧୫ଦିନ ହେଲା ନିର୍ମାଣ ହୋଇଥିଲେ ମଧ୍ୟ ଏହା ବିଷୟରେ କୌଣସି ସୂଚନା ନାହିଁ। ସୂଚନା ଫଳକ ତିଆରି କରାଯାଇଛି, କିନ୍ତୁ କୌଣସି ସୂଚନା ନାହିଁ। ସରକାରୀ ନିୟମ ଅନୁସାରେ ପ୍ରକଳ୍ପ ନିର୍ମାଣ ପୂର୍ବରୁ ସୂଚନା ଫଳକରେ ସୂଚନା ରହିବା କଥା। କିନ୍ତୁ ଏହି କଲଭର୍ଟ ବିଷୟରେ କୌଣସି ସୂଚନା ନାହିଁ। କଲଭର୍ଟଟି କିଏ ନିର୍ମାଣ କରୁଛି, ଏହାର ବ୍ୟୟ ଅଟକ କେତେ କୌଣସି ସୂଚନା ନାହିଁ। ଫଳରେ ଜନସାଧାରଣଙ୍କ ମନରେ ଦୁର୍ନୀତି ହୋଇଥିବା ସନ୍ଦେହ ଉପଜିଛି। ତେଣୁ ତୁରନ୍ତ ଏ ବିଷୟରେ ସୂଚନା ଦେବାକୁ ଜନସାଧାରଣ ଦାବି କରିଛନ୍ତି।

# ପିଲାଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନି ଗୁରୁତ୍ୱ ଦେବାକୁ ଆହ୍ୱାନ

## ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ବରଦାସ୍ଥିତ ମାତୃଭବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ପରିସରରେ ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପରେଶଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଥିଲେ, ଶିକ୍ଷାର ଅଗ୍ରଗତି ବିକାଶର ମୂଳମନ୍ତ୍ର। ଶିକ୍ଷା କ୍ଷେତ୍ରରେ ନିଜକୁ ଦୃଢ଼ମନା କରିବା ଉଚିତ। ପିଲାଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋଜ ରଞ୍ଜନ ଦଳେଇ, ବ୍ରହ୍ମୋତ୍ରୀ ବିଶ୍ୱାଳ, ସୋମ୍ୟାଶ୍ରୀ ପଣ୍ଡା, ପ୍ରଧାନ ଶିକ୍ଷକ ସୁଜାତା ଦାଶ, ବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ସଚ୍ଚିଦାନନ୍ଦ ମହାରଣା, ଓଡ଼ିଶା ପଞ୍ଚସଖା ଶିକ୍ଷା ସେତୁ ବିଭାଗର ଜିଲା ସପୋର୍ଟ ଅଧିକାରୀ ରାହତ୍ ଅଲ୍ଲୀ ପ୍ରମୁଖ ଯୋଗଦାନ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଲକ୍ଷ୍ମୀଧର ମହାନ୍ତ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ପିଏମ୍‌ଶ୍ରୀ ଉତ୍ସବ କମିଟି ସଦସ୍ୟ ଚନ୍ଦ୍ରମଣି ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




# ଓପିଏସ୍ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର




ଓଡ଼ାପଡ଼ା , ୨୦।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅର୍ଥନୀତି ବିଭାଗର ଅଧ୍ୟାପିକା ତଥା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ନୟନା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଯୋଗଦେଇ ନିଜକୁ ସୁରକ୍ଷା ଦେବା ପାଇଁ ଆତ୍ମରକ୍ଷା ତାଲିମ ନେବା ଜରୁରୀ ବୋଲି କହିଥିଲେ। ଏହି ଶିବିର ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମୋଟ ୧୨୫ ଜଣ ଛାତ୍ରୀ ଅଂଶଗ୍ରହଣ କରିବେ। ମାଷ୍ଟର ଟ୍ରେନର୍ ଭାବରେ ପୂଜା ବେହେରା ଶିବିରରେ ତାଲିମ ପ୍ରଦାନ କରୁଛନ୍ତି। ଶେଷରେ ଛାତ୍ରୀପ୍ରତିନିଧି ପ୍ରଜ୍ଞା ପାରମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜି-ରାମ୍-ଜି ଆଇନ ଗ୍ରାମୀଣ ଜୀବିକା ସୁଦୃଢ଼ କରିବ




## ଭାଜପାର ଖବରଦାତା ସମ୍ମିଳନୀ

ଢେଙ୍କାନାଳ,୨୦।୧(ରତନ ନାୟାର)

ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ଦଳର କାର୍ଯ୍ୟାଳୟଠାରେ ମଙ୍ଗଳବାର ମଧ୍ୟାହ୍ନ ସାଢେ ୧୨ଟା ସମୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ବିକଶିତ ଭାରତ ଜି-ରାମ୍-ଜି ଆଇନ ଗ୍ରାମୀଣ ନିଯୁକ୍ତି ଓ ଜୀବିକାକୁ ସୁଦୃଢ଼ କରିବ। ଦେଶର ଗରିବ ଲୋକଙ୍କ ହିତ ପାଇଁ ଏହି ଆଇନ ସହାୟକ ହେବ। ୟୁପିଏ ସରକାରଙ୍କ ସମୟରେ ଏମ୍‌ଏନ୍‌ଆରଇଜିଏସ୍‌ରେ ମୋଟ ଶ୍ରମ ଦିବସ ୧୬୬୦ କୋଟି ସୃଷ୍ଟି ହୋଇଥିବା ବେଳେ ଏନ୍‌ଡିଏ ସମୟରେ ମୋଟ ଶ୍ରମ ଦିବସ ୩୨୧୦ କୋଟି ସୃଷ୍ଟି ହୋଇଛି। ସେହିପରି ୟୁପିଏ ସରକାରଙ୍କ ସମୟରେ କେନ୍ଦ୍ରୀୟ ପାଣ୍ଠି ୨,୧୩,୨୨୦.୪୮ କୋଟି ଜାରି ହୋଇଥିବା ବେଳେ ଏନ୍‌ଡିଏ ସମୟରେ କେନ୍ଦ୍ରୀୟ ପାଣ୍ଠି ୮,୫୩,୮୧୦.୯୧ କୋଟି ଜାରି ହୋଇଛି। ଯୋଜନା ପ୍ରସ୍ତୁତ କରି ଏହା ମାଧ୍ୟମରେ କାର୍ଯ୍ୟ ହେବ। ଦେଶର ସମ୍ପତ୍ତି ନିର୍ମାଣରେ ଏହା ସହାୟକ ହେବ। ଗରିବ ଲୋକ ଆଉ ଦାଦନ ଖଟିବାକୁ ବାହାରକୁ ଯିବେ ନାହିଁ। ୭ଦିନ ଭିତରେ ମଜୁରି ପୈଠ ହେବ। ନିଯୁକ୍ତି ଗ୍ୟାରେଣ୍ଟି ୧୦୦ ଦିନରୁ ୧୨୫ଦିନକୁ ବୃଦ୍ଧି ହେବ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପୂର୍ବତନ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର ଓ ଦଳର ବରିଷ୍ଠ ନେତା ବିଷ୍ଣୁ ପ୍ରସାଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ସୁପର ଓଭରରେ କସ୍‌ମସ୍‌କୁ ହରାଇ ବିଡ଼ାନାସୀ କଟକ ସେମିରେ

## ଦଶମ ବାର୍ଷିକ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କ୍ରିକେଟ୍ କପ୍ ଉଦ୍‌ଘାଟିତ

କାମାକ୍ଷାନଗର ୨୦।୧
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ହଳଦୀକୁଣ୍ଡି ଗ୍ରାମରେ ଦଶମ ବାର୍ଷିକ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କ୍ରିକେଟ କପ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସାତଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ପ୍ରତିଷ୍ଠିତ କ୍ରିକେଟ କ୍ଲବ ଯୋଗ ଦେଇଛନ୍ତି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ବିଡାନାସୀ କ୍ରିକେଟ କ୍ଲବ କଟକ ଓ କସ୍‌ମସ୍ କ୍ରିକେଟ କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ାନାସୀ ଟସ୍ ଜିତି କସ୍‌ମସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ କରି କସ୍‌ମସ୍ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୭୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କାହ୍ନ ଭୁଡିଆ ୫୦ ରନ ସଂଗ୍ରହ କରିଥିଲା। ଜବାବରେ ବିଡ଼ାନାସୀ କଟକ ୨୦ ଓଭରରେ ୮ ଉଇକେଟ୍ ହରାଇ ସମାନ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସତୀଶ ମିଞ୍ଜ ୬୬ ରନ ସଂଗ୍ରହ କରିଥିଲେ। ପରେ ସୁପର ଓଭର ଖେଳରେ କଟକ ପ୍ରଥମେ ବ୍ୟାଟିଂ କରି ଗୋଟିଏ ଓଭରରେ ୧୫ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଢେଙ୍କାନାଳ ମାତ୍ର ୯ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରବିନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶକ୍ତି ସମ୍ବିତ ସ୍ୱାଇଁ ଯୋଗଦେଇଥିଲେ। ଅମ୍ପାୟାର ଭାବେ ସୁରେନ୍ଦ୍ର ସାହୁ ଓ ଦିବ୍ୟଜ୍ୟୋତି ସାହୁ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସାମନ୍ତ ସତ୍ୟପ୍ରଜ୍ଞ, ଦୀପ୍ତେଶ କୁମାର ସାହୁ, ଶୁଭମ ନନ୍ଦ, ଅଭୟ ବେହେରା ଓ ଖେଳର ଧାରା ବିବରଣୀ ଜାତୀୟ ଘୋଷକ ବିପିନ ବିହାରୀ ସାହୁ ପ୍ରଦାନ କରିଥିଲେ। ବୁଧବାର ପାୟୋନିଅର କ୍ରିକେଟ କ୍ଲବ ପୁରୀ ଏବଂ ୟୁଥ ସ୍ପୋର୍ଟିଂ ତାଳଚେର ମଧ୍ୟରେ ଅନୁଷ୍ଠିତ ହେବା ନେଇ ଆୟୋଜକ ହଳଦୀକୁଣ୍ଡି ସ୍ପୋର୍ଟସ୍ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୧/୨୦୨୬ Bhubaneswar, Wednesday, January 21/ 2026

# ହାଇଦ୍ରାବାଦକୁ ଜିତାଇଲେ ଓଡ଼ିଶା ଖେଳାଳି



ଓଡ଼ିଶାର ଶୀଳାନନ୍ଦ ଲାକ୍ରା (ଡାହାଣ) ବଲ୍‌ନେଇ ଆଗେଇ ଯାଉଛନ୍ତି। (ଫଟୋ: ବିକାଶ ନାୟକ)

## ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର, ୨୦।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ହାଇଦ୍ରାବାଦ ତୋଫାନ୍ସ ୩-୨ ଗୋଲରେ ଏଚ୍‌ଆଇଏଲ୍ ଜିସି (ଗଭର୍ନିଂ କାଉନ୍ସିଲ)କୁ ପରାସ୍ତ କରିଛି। ଓଡ଼ିଶା ଖେଳାଳିଙ୍କ ଉଲ୍ଲେଖନୀୟ ଅବଦାନ ଯୋଗୁ ହାଇଦ୍ରାବାଦ ଏହି ରୋମାଞ୍ଚକ ବିଜୟ ହାସଲ କରିଛି। ହାଇଦ୍ରାବାଦ ପକ୍ଷରୁ ଜାଚାରି ୱାଲେସ ୬, ଓଡ଼ିଆ ଖେଳାଳି ଅମନଦୀପ ଲାକ୍ରା ୮ମ ଓ ଶୀଳାନନ୍ଦ ଲାକ୍ରା ୨୭ତମ ମିନିଟରେ ଗୋଲ ଦେଇଥିବାବେଳେ ଜିସି ପକ୍ଷରୁ କେନ୍ ରସେଲ ୮ମ ଓ ୩୧ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ତୃତୀୟ ଓ ଚତୁର୍ଥ କ୍ୱାର୍ଟର ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ରସେଲ ମାତ୍ର ଗୋଟିଏ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ଓଡ଼ିଶାର ଅମନଦୀପ ଓ ଶୀଳାନନ୍ଦ ଘରୋଇ ପରିବେଶରୁ ବେଶ୍ ଫାଇଦା ଉଠାଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଉପସ୍ଥିତ ଥିଲେ।

ହେଡ୍‌ଟୁ ହେଡ୍ ଦେଖିଲେ ଉଭୟ ଦଳ ୫ଟି ଲେଖାଏ ପେନାଲ୍ଟି କର୍ନର ପାଇଥିଲେ। ଏଥିରୁ ହାଇଦ୍ରାବାଦ ୩ ଓ ଜିସି ଦଳ ୨ଟିକୁ ଗୋଲରେ କନ୍‌ଭର୍ଟ କରିବାରେ ସକ୍ଷମ ହୋଇଥିଲା। ଉଭୟ ଦଳ ବିପକ୍ଷ ସର୍କଲକୁ ୭୩ଥର ଲେଖାଏ ଏଣ୍ଟ୍ରି କରିଥିଲେ। ତେବେ ବଲ୍ ଶୁଟ୍ କ୍ଷେତ୍ରରେ ଜିସି (୧) ତୁଳନାରେ ହାଇଦ୍ରାବାଦ ଦଳ (୫) ଅଧିକ ଆକ୍ରମଣାତ୍ମକ ରହିଥିଲା। ଏଥି ସହ ଉଭୟ ଦଳ ଲିଗ୍ ପର୍ଯ୍ୟାୟରେ ୭ଟିଯାକ ମ୍ୟାଚ ଖେଳି ସାରିଥିବାବେଳେ ୩ ବିଜୟ, ୨ ପରାଜୟ ଓ ୨ ଲେଖାଏ ଶୁଟ୍ ଆଉଟ ପରାଜୟ ସହ ୧୧ ପଏଣ୍ଟ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ହାଇଦ୍ରାବାଦ ତୋଫାନ୍ସ ତୃତୀୟ ଓ ଏଚ୍‌ଆଇଏଲ୍ ଜିସି ୪ର୍ଥ ସ୍ଥାନରେ ରହିଛି। ଫଳରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସର ନକ୍‌ଆଉଟ ଆଶା ଶେଷ ହୋଇଛି। ଏହି ଦଳ ୯ ପଏଣ୍ଟ ପାଇ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛି।



ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ।

# ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ଆଜି

**ନାଗପୁର,୨୦।୧(ପି.ଟି.):** ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ବୁଧବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଆଗାମୀ ଟି୨୦ ବିଶ୍ୱକପ୍‌କୁ ୩ ସପ୍ତାହରୁ କମ୍ ସମୟ ଥିବାରୁ ଏହି ସିରିଜ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଉଭୟ ଦଳ ଏହି ସିରିଜ୍ ମାଧ୍ୟମରେ ଟି୨୦ ବିଶ୍ୱକପ୍ ଲାଗି ଶେଷ ପ୍ରସ୍ତୁତି କରିବେ। ଗତଥର ୨୦୨୪ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳର ରେକର୍ଡ ଖୁବ୍ ଭଲ ରହିଛି। ଦଳ ୭୨ ପ୍ରତିଶତରୁ ଊର୍ଦ୍ଧ୍ୱ ମ୍ୟାଚ୍ ଜିତିଛି। ଭାରତୀୟ ଟି୨୦ ଦଳ ଗତ ଦୁଇବର୍ଷ ମଧ୍ୟରେ କିଛି ହାତଗଣତି ମ୍ୟାଚ୍ ଛାଡ଼ି ଦେଲେ ପ୍ରାୟତଃ ମ୍ୟାଚ୍ ଜିତିଛି। ଟି୨୦ ଫର୍ମାଟ୍‌ରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତୀୟ ଦଳ ଭିନ୍ନ ଖେଳ ପ୍ରଦର୍ଶନ କରିଛି। ତାଙ୍କ ନେତୃତ୍ୱରେ ଦଳ ୨୫ରୁ ୧୮ ମ୍ୟାଚ୍ ଜିତିଛି। ଏଥିରେ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ଓ ପ୍ରତିପକ୍ଷ ଦଳର ଇନିଂସ୍‌ର ମିଡଲ ଓଭରରେ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂ ପ୍ରଦର୍ଶନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଗତ ଏକବର୍ଷ ମଧ୍ୟରେ ଭାରତରେ ଟେଷ୍ଟ ସିରିଜ୍ କ୍ଲିନ୍ ସୁଇପ୍ ଓ ଦ୍ୱିପାକ୍ଷିକ ଦିନିକିଆ ସିରିଜ୍ ବିଜୟ ସମେତ ଅନେକ କିଛି ପ୍ରଥମଥର ପାଇଁ ହାସଲ କରିଛି। ୨୦୨୪ ଟି୨୦ ବିଶ୍ୱକପ୍ ପରଠାରୁ ନ୍ୟୁଜିଲାଣ୍ଡ ୨୧ରୁ ୧୩ ଟି୨୦ ମ୍ୟାଚ୍ ଜିତିଛି। ଡେଭନ କନ୍‌ୱେ, ଡାରିଲ ମିଚେଲ, ଗ୍ଲେନ ଫିଲିପ୍ସଙ୍କ ଭଳି ବ୍ୟାଟର ଫର୍ମରେ ଥିବା ବେଳେ ଅଧିନାୟକ ମିଚେଲ ସାଣ୍ଟନର ଓ ବିଶ୍ୱର ନଂ.୧ ଟି୨୦ ପେସର ଜାକବ ଡଫିଙ୍କ ଉପସ୍ଥିତି ନ୍ୟୁଜିଲାଣ୍ଡ ଦଳକୁ ଅଧିକ ଶକ୍ତିଶାଳୀ କରିଛି।

ଦୀର୍ଘଦିନ ହେଲା ଫର୍ମ ସହ ସଂଘର୍ଷ କରୁଥିବା ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଲାଗି ଫର୍ମରେ ସୁଧାର ଆଣିବା ପାଇଁ ଏହି ସିରିଜ୍ ଶେଷ ସୁଯୋଗ ହେବ।



ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ।

# ଅଷ୍ଟ୍ରେଲିଆନ ଓପନ: ୨ୟ ରାଉଣ୍ଡରେ ସିନର, କିଜ୍

**ମେଲବୋର୍ନ,୨୦।୧**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନରେ ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବିଭାଗର ଡିଫେଣ୍ଡିଂ ଚାମ୍ପିୟନ ଜାନିକ ସିନର ଓ ମାଡିସନ କିଜ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡରେ ପରାଜୟ ସହ ଫ୍ରାନ୍ସର ୩୯ ବର୍ଷୀୟା ଗାଏଲ ମନଫିଲ୍ସ ପେସାଦାର ଟେନିସରୁ ଅବସର ନେଇଛନ୍ତି।

ମଙ୍ଗଳବାର ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ୱାର୍ଲ୍ଡ ନଂ-୨ ସିନରଙ୍କୁ ୱାକଓଭର ମିଳିଥିଲା। ସେ ମ୍ୟାଚ୍‌ରେ ୬-୨, ୬-୧ ସେଟ୍‌ରେ ଆଗୁଆ ଥିବା ବେଳେ ଇଞ୍ଜୁରି କାରଣରୁ ତାଙ୍କ ପ୍ରତିପକ୍ଷ ଖେଳାଳି ହୁଗୋ ଗାଷ୍ଟନ ମ୍ୟାଚ୍ ମଧ୍ୟରୁ ଓହରି ଯାଇଥିଲେ। ନବମ ସିଡ୍ ଟେଲର ଫ୍ରିଜ୍ ୭-୬(୭-୫), ୫-୭, ୬-୧, ୬-୩ ସେଟ୍‌ରେ ଫ୍ରାନ୍ସର ଭାଲେଣ୍ଟିନ ରୋୟରଙ୍କ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମନଫିଲ୍ସ ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ୭-୬(୭/୩), ୫-୭, ୪-୬, ୫-୭ ସେଟ୍‌ରେ କ୍ୱାଲିଫାୟର ଡେନ ସ୍ୱିନୀଙ୍କଠାରୁ ପରାସ୍ତ ହୋଇଛନ୍ତି।

ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ କିଜ୍ ୭-୬(୮/୬), ୬-୧ ସେଟ୍‌ରେ ଓଲେକଜାଣ୍ଡ୍ରା ଓଲିନିକୋଭାଙ୍କୁ, ପଞ୍ଚମ ସିଡ୍ ଏଲିନା ରିବାକିନା ୬-୪, ୬-୩ ସେଟ୍‌ରେ କାଜା ଜୁଭାନଙ୍କ ଓ ଦଶମ ସିଡ୍ ବେଲିଣ୍ଡା ବେନକିକ୍ ୬-୦, ୭-୫ ସେଟ୍‌ରେ କେଟି ବୌଲ୍ଟରଙ୍କୁ ପରାସ୍ତ କରିଛନ୍ତି। ଅଷ୍ଟ୍ରେଲିଆର ଟୟଲା ପ୍ରିଷ୍ଟନ ୬-୩, ୨-୬, ୬-୩ ସେଟ୍‌ରେ ଚାଇନାର ଝାଙ୍ଗ ଶୁଇଙ୍କୁ ହରାଇଛନ୍ତି। ପ୍ରିଷ୍ଟନଙ୍କର ଏହାଥିଲା ପ୍ରଥମ ଗ୍ରାଣ୍ଡସ୍ଲାମ ମ୍ୟାଚ ବିଜୟ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ